

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-23 ◆FRIDAY ◆17 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୨୩ ◆ଶୁକ୍ରବାର ◆୧୭ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



**ମହାପ୍ରଭୁଙ୍କ ଘୋଷଯାତ୍ରା**

# ଦି' ହାତ ଗଡ଼ିଲା ନନ୍ଦିଘୋଷ

## ମାର୍କେଟ ଛକରେ ତାଳଧ୍ୱଜ, ମରିଚିକୋଟ ଛକରେ ଦର୍ପଦଳନ, ଆଜି ହେବ ରଥଟଣା

## ଦଳାଚକଟାରେ ୨ ମୃତ, ଶତାଧିକ ଆହତ

■ ପୁରୀ, ୧୬।୭ (ସମିସ): ନୀଳକନ୍ଦରର ନିରବତା ଭାଙ୍ଗି ଗୁରୁବାର ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ଭାଇଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀ ଅଭିମୁଖେ ଯାତ୍ରା କରିଛନ୍ତି ନୀଳାଦ୍ରିନାଥ। ଦାରୁଦେବତାଙ୍କ ସ୍ପର୍ଶରେ ରଥ, ପଥ ହୋଇଛି ବ୍ରହ୍ମମୟ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହୋଇଛି ଅପୂର୍ବ ମିଳନ। ଦାରୁଦିଅଁଙ୍କ ଦିବ୍ୟ ଦର୍ଶନ ପାଇ ଭାବରେ ଭିଜିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ବର୍ଷା ସତ୍ତ୍ୱେ ପ୍ରାୟ ୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ରଥାରୂଢ଼ ମହାପ୍ରଭୁଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ସଅଳ ପହଣ୍ଡି ଆରମ୍ଭ ହୋଇଥିଲେ ହେଁ ରଥଟଣା ବିଳମ୍ବ ଯୋଗୁଁ ଗୋଟିଏ ବି ରଥ ଶରଧାବାଲି ଛୁଇଁପାରି ନାହିଁ। ପରମ୍ପରା ଅନୁଯାୟୀ, ଶୁକ୍ରବାର ସକାଳେ ଅଟକିଥିବା ତିନି ରଥକୁ ପୁଣି ଟଣାଯିବ। ରାତିରେ ରଥ ଉପରେ ଦର୍ଶନ ଦେଇ ଶନିବାର ଚତୁର୍ଦ୍ଧାବିଗ୍ରହ ଆଡ଼ପମଣ୍ଡପ ବିଜେ କରିବେ। ଏହି ଭକ୍ତିମୟ ପରିବେଶ ଭିତରେ ବଡ଼ଦାଣ୍ଡରେ ଘଟିଛି ବଡ଼ ଅଘଟଣ। ଦଳାଚକଟା ଘଟି ୨ ଜଣ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହୋଇପଡ଼ିବାରୁ ସେମାନଙ୍କ ଜୀବନ ଚାଲିଯାଇଛି।



ପବିତ୍ର ଘୋଷଯାତ୍ରା ପାଇଁ ଗୁରୁବାର ନୀତିକାନ୍ତି ଆରମ୍ଭରୁ ସଅଳ ଚାଲିଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ, ଗୁରୁବାର ସକାଳ ୬ଟାରେ ମଙ୍ଗଳ ଆଳତି ଥିବାବେଳେ ▶ପୃଷ୍ଠା-୭

## ଭକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ ସରକାର: ନବୀନ

■ ଭୁବନେଶ୍ୱର, ୧୬।୭ (ସମିସ): ରଥଯାତ୍ରାରେ ବଡ଼ଦାଣ୍ଡର ଭକ୍ତଙ୍କ ପ୍ରାଣହାନୀ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମରେ ଏକ୍ସରେ ନବୀନ କହିଛନ୍ତି ଯେ ବଡ଼ଦାଣ୍ଡର ଭିଡ଼ରେ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ହୋଇଥିବା ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ। ପ୍ରାଣ ହରାଇଥିବା ଶ୍ରଦ୍ଧାଳୁଙ୍କ ଅମର ଆତ୍ମାର ସଦଗତି ସହ ଆହତ ହୋଇଥିବା ଶତାଧିକ ଭକ୍ତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଏପରି ଦୁଃଖଦ ସମୟରେ ସଭିଙ୍କ ସହାୟତା ପାଇଁ ବିଜୁ ଜନତା ଦଳର ସମସ୍ତ କର୍ମୀ ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ। ମୁଁ ଆଶା କରୁଛି ରାଜ୍ୟ ସରକାର ଭିଡ଼ ପରିଚାଳନା ସଠିକ ଭାବେ କରି ଭକ୍ତଙ୍କ ସୁବିଧା ତଥା ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ନବୀନ କହିଛନ୍ତି।



## ବିନା ଟାହିଆରେ ଆସିଲେ ମଉଡ଼ମଣି


■ ପୁରୀ, ୧୬।୭ (ସମିସ): ଝିପିଝିପି ବର୍ଷା ସହ ଘଣ୍ଟନାଦରେ କମ୍ପୁଥିଲା ସିଂହଦ୍ୱାର। ରତ୍ନବେଦୀରୁ ବଡ଼ଦାଣ୍ଡକୁ ଓହ୍ଲାଉଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ହେଲେ ଗୁମୁଟରେ ଚକାଆଖିକୁ ଦର୍ଶନ କରିବା ବେଳେ ଭକ୍ତ ଚକିତ ହୋଇଗଲେ। କଳାସାଆନ୍ତଙ୍କ ଶ୍ରୀମସ୍ତକ ଫାଙ୍କା ରହିଥିଲା। ବିନା ଟାହିଆରେ ବଡ଼ଦାଣ୍ଡକୁ ଓହ୍ଲାଇଥିଲେ ଜଗତର ମଉଡ଼ମଣି।

### ମର୍ମାହତ ଭକ୍ତ; କୁଆଡ଼େ ଗଲା ଆମ ଠାକୁରଙ୍କ ଟାହିଆ?

ସାଧାରଣତଃ ପହଣ୍ଡି ସମୟରେ ଭିଡ଼ କିମ୍ବା ଝୁଲଣ ଯୋଗୁଁ ଟାହିଆର କିଛି ଅଂଶ ଭାଙ୍ଗିବା ନଜିର୍ ଥିଲେ ମଧ୍ୟ, ଆଜିର ଘଟଣା ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଶ୍ରୀମସ୍ତକରେ ପବିତ୍ର ପାରମ୍ପରିକ ଫୁଲ ମୁକୁଟ 'ଟାହିଆ' ନ ଥିଲା। ଧାଡ଼ି ପହଣ୍ଡିରେ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର ଓ ସୁଭଦ୍ରା ରଥାରୂଢ଼ ହେଲେ। ଶେଷରେ ମହାପ୍ରଭୁ ଜଗନ୍ନାଥ ବଡ଼ଦେଉଳରୁ ବାହାରିଲେ। ସାତ ପାହାଚରେ ତାଙ୍କ ମସ୍ତକରେ ଟାହିଆ ଲାଗି ହୋଇଥିଲା। କିନ୍ତୁ ୨୨ ପାହାଚ ଅତିକ୍ରମ କରି ସିଂହଦ୍ୱାର ଗୁମୁଟ ପାଖରେ ପହଞ୍ଚିବା ବେଳକୁ ଟାହିଆ ଦେଖିବାକୁ ମିଳି ନ ଥିଲା। କେଉଁ ପରିସ୍ଥିତିରେ କିଭଳି ଘଟିଲା ତାହା ବୁଝାପଡ଼ି ନ ଥିଲା। ▶ପୃଷ୍ଠା-୭







# ଇ-୨୦ ପେଟ୍ରୋଲ ମାମଲା: କମ୍ପାନୀକୁ ନୂଆ ଗାଡ଼ି ସହ ଜରିମାନା ନିର୍ଦ୍ଦେଶ

ରାୟପୁର, ୧୬।୭(ଏଜେନ୍ସି): ଦେଶରେ ପ୍ରଥମ ଥର ପାଇଁ ଇ-୨୦ ପେଟ୍ରୋଲ ଜନିତ ଗାଡ଼ି ଇଞ୍ଜିନ ଖରାପ ମାମଲାରେ ଜଣେ ଗ୍ରାହକଙ୍କ ସପକ୍ଷରେ ନିଷ୍ପତ୍ତି ଶୁଣାଇଛନ୍ତି ଗ୍ରାହକ ଅଦାଲତ। ଛତିଶଗଡ଼ର ରାୟପୁର ଜିଲ୍ଲା ଗ୍ରାହକ ବିବାଦ ସମାଧାନ ଆୟୋଗ ଐତିହାସିକ ରାୟ ଦେଇ ଗ୍ରାହକଙ୍କୁ ଏକ ନୂଆ ଗାଡ଼ି ପ୍ରଦାନ କରିବା ସହ ମାନସିକ ନିର୍ଯାତନା ପାଇଁ କ୍ଷତିପୂରଣ ଦେବା ଲାଗି ପ୍ରସିଦ୍ଧ କାର ନିର୍ମାତା କମ୍ପାନୀ ମାରୁତି ସୁଜୁକି ଏବଂ ସମ୍ପୃକ୍ତ ବିକ୍ରେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ର ଜଣେ ଗାଡ଼ି ମାଲିକ ନିଜ କାରରେ କ୍ରମାଗତ ଭାବେ ଦେଖାଦେଉଥିବା ଇଞ୍ଜିନ ସମସ୍ୟାକୁ ନେଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ଇଥାନଲ ମିଶ୍ରଣ ଯୋଜନା ଆରମ୍ଭ ହେବା ପରେ ସେ ଏହି ଗାଡ଼ିଟିକୁ କିଣିଥିଲେ ମଧ୍ୟ ବଜାରରେ ମିଳୁଥିବା ଇ-୨୦ ପେଟ୍ରୋଲ ପକାଇବା ମାତ୍ରେ ଗାଡ଼ିର କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସହ ଇଞ୍ଜିନରେ ବାରମ୍ବାର ତ୍ରୁଟି ଦେଖାଦେଇଥିଲା। ବହୁବାର କମ୍ପାନୀର ଅଧିକୃତ ମରାମତି କେନ୍ଦ୍ରକୁ ଯିବା ସତ୍ତ୍ୱେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରି ନ ଥିଲା। କମ୍ପାନୀ ପକ୍ଷରୁ ଗାଡ଼ିଟି ଇଥାନଲ ଉପଯୋଗୀ ବୋଲି ଦାବି କରାଯାଇଥିଲେ ହେଁ ଅଦାଲତ ଏହାକୁ ଗ୍ରହଣ କରିନାହାନ୍ତି। ବର୍ତ୍ତମାନ ପେଟ୍ରୋଲ ପମ୍ପଗୁଡ଼ିକରେ କେବଳ ଇ-୨୦ ପେଟ୍ରୋଲ ହିଁ ସହଜରେ ଉପଲବ୍ଧ ହେଉଛି, ଯାହାଫଳରେ ଗ୍ରାହକଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ଇନ୍ଧନ ବାଛିବାର ସୁଯୋଗ ନାହିଁ। ବାରମ୍ବାର ଗାଡ଼ି ଖରାପ ହେବା ହିଁ ପ୍ରମାଣିତ କରୁଛି ଯେ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଇଥାନଲ ଉପଯୋଗୀ ନୁହେଁ। ଅଦାଲତ ନିଜ ଆଦେଶରେ ସ୍ପଷ୍ଟ କରିଛନ୍ତି ଯେ ଆସନ୍ତା ୪୫ ଦିନ ମଧ୍ୟରେ କମ୍ପାନୀ ଗ୍ରାହକଙ୍କୁ ଏକ ସମ୍ପୂର୍ଣ୍ଣ ଇ-୨୦ ଇନ୍ଧନ ଉପଯୋଗୀ ନୂଆ ଗାଡ଼ି ପ୍ରଦାନ କରିବ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଗାଡ଼ି ବଦଳାଇ ଦିଆନଯାଏ, ତେବେ ଗାଡ଼ିର ସମ୍ପୂର୍ଣ୍ଣ ମୂଲ୍ୟ ଗ୍ରାହକଙ୍କୁ ଫେରସ୍ତ କରାଯିବ। ଏହା ସହିତ ଗ୍ରାହକ ସହୁଥିବା ମାନସିକ ଅଶାନ୍ତି ଏବଂ ହଇରାଣ ହରକତ ପାଇଁ ଏକ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ଆମେରିକା ଫେଡେରାଲ୍ ରିଜର୍ଭ ବ୍ୟାଙ୍କରେ ରାଜନଙ୍କ ସମେତ ୩ ଭାରତୀୟଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ୱାସିଂଟନ୍, ୧୬।୭(ଏଜେନ୍ସି): ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ 'ଫେଡେରାଲ୍ ରିଜର୍ଭ' ନିଜର ଆର୍ଥିକ ନୀତିକୁ ଅଧିକ ସୁଦୃଢ଼ ଓ ସଂସ୍କାରମୂଳକ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛି। ଏଥିପାଇଁ ଗଠିତ ସ୍ୱତନ୍ତ୍ର କାର୍ଯ୍ୟକାରୀ ଗୋଷ୍ଠୀରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନଙ୍କ ସମେତ ତିନି ଜଣ ଭାରତୀୟ ବଂଶୋଦ୍ଭବ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ଗତ କିଛି ବର୍ଷ ଧରି ଲାଗି ରହିଥିବା ଅତ୍ୟଧିକ ମୁଦ୍ରାସ୍ଫୀତି ବା ମହଙ୍ଗା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ବ୍ୟାଙ୍କର ଆର୍ଥିକ ନୀତିକୁ ସଂସ୍କାର କରିବା ଏହି ନିଯୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ। ଆରବିଆଇର ପୂର୍ବତନ ମୁଖ୍ୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜଣାଶୁଣା ଅର୍ଥଶାସ୍ତ୍ରୀ ରଘୁରାମ ରାଜନ ଆମେରିକା କେନ୍ଦ୍ରୀୟ ବ୍ୟାଙ୍କର 'ଆୟ-ବ୍ୟୟ ଚିଠା ନୀତି' (ବାଲାନ୍ସ ସିଟ୍ ପଲିସି) ସମ୍ପର୍କିତ ବିଶେଷଜ୍ଞ ଦଳରେ କାର୍ଯ୍ୟ କରିବେ। ସେ ବ୍ୟାଙ୍କର ସମ୍ପତ୍ତି, ଏହାର ଖର୍ଚ୍ଚ ଏବଂ ମୁଦ୍ରାନୀତି ଉପରେ ଏହାର ସାମଗ୍ରିକ ପ୍ରଭାବର ଗଭୀର ଅନୁଧ୍ୟାନ କରିବେ। କୋଭିଡ ମହାମାରୀ ପରଠାରୁ ଆମେରିକା କେନ୍ଦ୍ରୀୟ ବ୍ୟାଙ୍କର ବାଲାନ୍ସ ସିଟ୍ ପ୍ରାୟ ୯ ଲକ୍ଷ କୋଟି ଡଲାରକୁ ବୃଦ୍ଧି ପାଇଛି, ଯାହାକୁ ସନ୍ତୁଳିତ କରିବା ଏକ ବଡ଼ ଆହ୍ୱାନ। ରଘୁରାମଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ପ୍ରଭାବଶାଳୀ ଭାରତୀୟ ବଂଶୋଦ୍ଭବଙ୍କୁ ମଧ୍ୟ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ରାଜ ଚେଟ୍ଟୀ ଓ ଆଶା ଶର୍ମା। ରାଜ ଚେଟ୍ଟୀ ଦିଲ୍ଲୀ ଜନ୍ମିତ ପ୍ରସିଦ୍ଧ ଆମେରିକୀୟ ଅର୍ଥଶାସ୍ତ୍ରୀ ରାଜ ଚେଟ୍ଟୀ 'ତଥ୍ୟ ସମୀକ୍ଷା କମିଟି'ର ସହ-ନେତୃତ୍ୱ ନେବେ। ସେ ଆର୍ଥିକ ସଙ୍କେତର ଗୁଣବତ୍ତା ଓ ବାସ୍ତବ ସମୟର ତଥ୍ୟକୁ ଅଧିକ ସଠିକ୍ କରିବାରେ ବ୍ୟାଙ୍କକୁ ସାହାଯ୍ୟ କରିବେ। ସେହିପରି ମାଇକ୍ରୋସଫ୍ଟର ବରିଷ୍ଠ ଅଧିକାରୀ ତଥା ଏକ୍ସବକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶା ଶର୍ମା 'କାର୍ଯ୍ୟଦକ୍ଷତା ଓ ନିଯୁକ୍ତି କମିଟି'ରେ ରହିବେ। ସେ ବର୍ତ୍ତମାନର ଆଧୁନିକ ପ୍ରଯୁକ୍ତିବିଦ୍ୟା ଯଥା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତି ଉପରେ କିପରି ପ୍ରଭାବ ପକାଉଛି, ସେ ସମ୍ପର୍କରେ ଅନୁଧ୍ୟାନ କରିବେ। ଆମେରିକା ଫେଡେରାଲ୍ ରିଜର୍ଭର ନୂତନ ଅଧ୍ୟକ୍ଷ କେଭିନ ୱାର୍ଶଙ୍କ ନିର୍ଦ୍ଦେଶରେ ଗଠିତ ପାଞ୍ଚଟି ସ୍ୱତନ୍ତ୍ର କମିଟି ମଧ୍ୟରୁ ଏହି ନିଯୁକ୍ତି କରାଯାଇଛି। ଏହି କମିଟିଗୁଡ଼ିକରେ ବ୍ୟାଙ୍କ ଅଫ୍ ଇଂଲଣ୍ଡର ପୂର୍ବତନ ଗଭର୍ଣ୍ଣର ମରଭିନ୍ କିଙ୍ଗ୍ ଏବଂ ନୋବେଲ ବିଜେତା ଥୋମାସ ସାର୍ଜେଣ୍ଟଙ୍କ ଭଳି ବିଶ୍ୱର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମଧ୍ୟ ସାମିଲ ଅଛନ୍ତି। ନୂତନ ବିଚାରଧାରା ଏବଂ ସ୍ୱଚ୍ଛତା ମାଧ୍ୟମରେ ଆମେରିକାର ଆର୍ଥିକ ନୀତିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି।

## ଇରାନରେ ଟ୍ରମ୍ପଙ୍କ 'କଫିନ' ଚିତ୍ର ପ୍ରଦର୍ଶନ

ତେହରାନ, ୧୬।୭(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ ପକ୍ଷରୁ ଚକ୍ରାନ୍ତ କରାଯାଉଥିବା ଚର୍ଚ୍ଚା ମଧ୍ୟରେ ଇରାନର ରାଜଧାନୀ ତେହେରାନର ମଧ୍ୟଭାଗରେ ଏକ ବିରାଟକାୟ ବିବାଦୀୟ ବିଲବୋର୍ଡ ଲଗାଯାଇଛି। 'ଏଙ୍ଗେଲାବ ସ୍କୋୟାର'ରେ ଲଗାଯାଇଥିବା ଏହି ବୋର୍ଡରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏକ କଳା ରଙ୍ଗର କଫିନ୍ ମଧ୍ୟରେ ଶୋଇଥିବା ଅବସ୍ଥାରେ ଦର୍ଶାଯାଇଛି। ଏହି ବିଲବୋର୍ଡରେ ଟ୍ରମ୍ପଙ୍କ ଆଖି ଓ ପାଟି ବନ୍ଦ ଥିବା ବେଳେ କଫିନ ଉପରେ ପାର୍ସୀ ଏବଂ ଇଂରାଜୀ ଭାଷାରେ 'ଆମେ ଟ୍ରମ୍ପଙ୍କୁ ହତ୍ୟା କରିବୁ' ବୋଲି ସ୍ପଷ୍ଟ ଭାବେ ଲେଖାଯାଇଛି। ଏହା ନିକଟରେ ଇରାନର ସ୍ୱର୍ଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଏକ ପ୍ରତିମୂର୍ତ୍ତି ମଧ୍ୟ ରହିଛି। ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା-ଇସ୍ରାଏଲ୍ ବାହିନୀର ଆକ୍ରମଣରେ ଖାମେନେଇ ପ୍ରାଣ ହରାଇଥିଲେ। ସେବେଠାରୁ ଇରାନ ସାର୍ବଜନୀନ ସ୍ଥାନଗୁଡ଼ିକରେ ବିରାଟକାୟ ବିଲବୋର୍ଡ ମାଧ୍ୟମରେ ନିଜର ଆକ୍ରୋଶ ଓ ସାମରିକ ଶକ୍ତି ପ୍ରଦର୍ଶନ କରିଆସୁଛି। ଏହି ବିଲବୋର୍ଡରେ ଖାମେନେଇଙ୍କ ସ୍ମୃତିଚାରଣ ସହ ଇରାନର ମିନାବ ସହରରେ ଆମେରିକୀୟ ଆକ୍ରମଣରେ ପ୍ରାଣ ହରାଇଥିବା ସ୍କୁଲ୍ ପିଲାମାନଙ୍କର ପ୍ରତିଶୋଧ ନେବା କଥା ମଧ୍ୟ ଉଲ୍ଲେଖ ରହିଛି। କେବଳ ସେତିକି ନୁହେଁ, ଇରାନର ଏକ ରକ୍ଷଣଶୀଳ ସମ୍ବାଦପତ୍ର ପକ୍ଷରୁ ପ୍ରକାଶିତ ଏକ ତାଲିକାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମରଙ୍କ ସମେତ ବିଶ୍ୱର ୧୩ ଜଣ ପ୍ରମୁଖ ନେତାଙ୍କୁ ହତ୍ୟା କରିବା ପାଇଁ ଖୋଲାଖୋଲି ଧମକ ଦିଆଯାଇଛି। ଏହି ଘଟଣା ପରେ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି।

# ଚାକିରି ଛାଡ଼ିଲେ ୧୦୦ ଇସ୍ରୋ ବୈଜ୍ଞାନିକ


- କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଲା
- ଇସ୍ତଫା ରୋକିବାକୁ ନିୟମ କଡ଼ାକଡ଼ି

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ରୁ ବହୁ ସଂଖ୍ୟାରେ ବୈଜ୍ଞାନିକ ଓ ବୈଷୟିକ ଅଧିକାରୀ ଚାକିରି ଛାଡ଼ିବା




ଏବଂ ସ୍ୱେଚ୍ଛାକୃତ ଅବସର ନେବା ଘଟଣାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମହାକାଶ ବିଭାଗ ପକ୍ଷରୁ ଜାରି ଏକ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ଇସ୍ରୋର ପ୍ରମୁଖ ଗବେଷଣା କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ପ୍ରଥମ ଶ୍ରେଣୀ (ଗ୍ରୁପ୍ 'ଏ') ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞଙ୍କ ଇସ୍ତଫା କିମ୍ବା ସ୍ୱେଚ୍ଛାକୃତ ଅବସର ଆବେଦନକୁ ଏବେ ସହଜରେ ଗ୍ରହଣ କରାଯିବ ନାହିଁ। ବର୍ତ୍ତମାନ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାନବ ମହାକାଶ ଯାତ୍ରା କାର୍ଯ୍ୟକ୍ରମ 'ଗଗନଯାନ' ଏବଂ ଅନ୍ୟାନ୍ୟ ଜାତୀୟ ପ୍ରକଳ୍ପ ଉପରେ ଏହି ଗଣ-ଇସ୍ତଫା ଗମ୍ଭୀର ପ୍ରଭାବ ପକାଉଛି। ନିକଟରେ ଇସ୍ରୋରୁ ପ୍ରାୟ ୧୦୦ରୁ ଅଧିକ ବୈଜ୍ଞାନିକ ଓ ବୈଷୟିକ କର୍ମଚାରୀ ଚାକିରି ଛାଡ଼ିଛନ୍ତି। ବିଶେଷ କରି ବେଙ୍ଗାଲୁରୁ ସ୍ଥିତ 'ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର' ଏବଂ ତିରୁବନନ୍ତପୁରମ ସ୍ଥିତ 'ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର' ରୁ ସର୍ବାଧିକ ଅଧିକାରୀ ଅବସର ନେଇଛନ୍ତି। ଏମାନଙ୍କ ମଧ୍ୟରେ ଗଗନଯାନ ପାଇଁ ବ୍ୟବହାର ହେବାକୁ ଥିବା ରକେଟ୍ ପ୍ରକଳ୍ପର ନିର୍ଦ୍ଦେଶକ ଭିକ୍ଟର ଜୋସେଫ୍ ମଧ୍ୟ ସାମିଲ ଅଛନ୍ତି। ୨୦୨୦ ମସିହାରେ କେନ୍ଦ୍ର ସରକାର ମହାକାଶ କ୍ଷେତ୍ରକୁ ବେସରକାରୀ ସଂସ୍ଥାଗୁଡ଼ିକ ପାଇଁ ଉନ୍ମୁକ୍ତ କରିବା ପରେ ଦେଶରେ ମହାକାଶ ସମ୍ପର୍କିତ ଷ୍ଟାର୍ଟଅପ୍ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଛି। ବର୍ତ୍ତମାନ ଭାରତରେ ୪୦୦ ରୁ ଅଧିକ ପଞ୍ଜିକୃତ ସ୍ପେସ୍ ଷ୍ଟାର୍ଟଅପ୍ ରହିଛି, ଯେଉଁଠାରେ ବହୁ ପରିମାଣର ପୁଞ୍ଜିନିବେଶ ହେଉଛି। ଇସ୍ରୋର ଅଭିଜ୍ଞ ବୈଜ୍ଞାନିକମାନେ ଉଚ୍ଚ ଦରମା ଓ ଉନ୍ନତ ସୁଯୋଗ ପାଇଁ ଏହିସବୁ ଘରୋଇ କମ୍ପାନୀରେ ଯୋଗ ଦେଉଥିବା ଜଣାପଡ଼ିଛି। ପୂର୍ବରୁ ୨୦୨୦ ମସିହାରେ ହୋଇଥିବା ପ୍ରଶାସନିକ ନିୟମ ଅନୁଯାୟୀ, ଇସ୍ରୋ କେନ୍ଦ୍ରଗୁଡ଼ିକର ନିର୍ଦ୍ଦେଶକମାନେ ନିଜ ସ୍ତରରେ ବୈଜ୍ଞାନିକମାନଙ୍କ ଇସ୍ତଫା ଗ୍ରହଣ କରିପାରୁଥିଲେ। ମାତ୍ର ନୂଆ ନିର୍ଦ୍ଦେଶ ଅନୁଯାୟୀ, ବର୍ତ୍ତମାନ ଏଭଳି ସମସ୍ତ ଆବେଦନକୁ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ସ୍ପେସ୍ ବିଭାଗ (ଡିପାର୍ଟମେଣ୍ଟ ଅଫ୍ ସ୍ପେସ୍) କୁ ପଠାଇବାକୁ ପଡ଼ିବ। ନିକଟରେ ଇସ୍ରୋର ପିଏସଏଲଭି ରକେଟ୍ ଉତ୍କ୍ଷେପଣରେ ଦୁଇଟି ବଡ଼ ବିଫଳତା ଦେଖାଦେଇଥିବା ବେଳେ, ଗଗନଯାନ, ଚନ୍ଦ୍ରଯାନ-୪, ମଙ୍ଗଳଯାନ-୨ ଏବଂ ଭାରତୀୟ ମହାକାଶ ଷ୍ଟେସନ ଭଳି ବଡ଼ ମିଶନକୁ ସଫଳ କରିବା ପାଇଁ ସରକାର ନିଜର ଦକ୍ଷ ବୈଜ୍ଞାନିକମାନଙ୍କୁ ସଂଗଠନରେ ଧରି ରଖିବାକୁ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

# ସିବିଏସ୍ଇର ତ୍ରି-ଭାଷା ନୀତି ଉପରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ



### ନବମ ଶ୍ରେଣୀରୁ କାହିଁକି?

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ସିବିଏସ୍ଇ ପାଠ୍ୟକ୍ରମରେ ନବମ ଶ୍ରେଣୀରୁ ତୃତୀୟ ଭାଷା ପ୍ରଚଳନ କରିବା ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପୂର୍ବରୁ ନବମ ଶ୍ରେଣୀରେ ଏକ ନୂଆ ଭାଷା ଶିଖାଇବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ ଅନାବଶ୍ୟକ ମାନସିକ ଚାପ ପଡ଼ିବ ବୋଲି ଖଣ୍ଡପୀଠ ଆପତ୍ତି ପ୍ରକାଶ କରିଛନ୍ତି। ଏଥିସହ ଏହି ନୀତିକୁ ନବମ ପରିବର୍ତ୍ତେ ଷଷ୍ଠ ଶ୍ରେଣୀରୁ ହିଁ ଲାଗୁ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ମାମଲାର ଶୁଣାଣି କରି ବିଚାରପତି ବି ଭି ନାଗରତ୍ନ କହିଛନ୍ତି ଯେ, ନବମ ଶ୍ରେଣୀରୁ ହିଁ ଦଶମ ବୋର୍ଡ ପରୀକ୍ଷାର ଚାପ ଆରମ୍ଭ ହୋଇଯାଇଥାଏ। ଏଭଳି ସ୍ଥିତିରେ ଏକ ନୂତନ ଭାଷା ପ୍ରବର୍ତ୍ତନ କରିବା ଏକ ଭୁଲ ନିଷ୍ପତ୍ତି। ସେ ନିଜ ସ୍କୁଲ ଦିନର ଅଭିଜ୍ଞତା ମନେ ପକାଇ କହିଛନ୍ତି ଯେ, ପିଲାଦିନରୁ ହିଁ ତୃତୀୟ ଭାଷା ଶିକ୍ଷା ଦିଆଗଲେ ତାହା ସହଜ ହୋଇଥାଏ। ତେଣୁ ସିବିଏସଇ କିମ୍ବା ଆଇସିଏସଇ ବୋର୍ଡରେ ଏହାକୁ ଷଷ୍ଠ ଶ୍ରେଣୀରୁ ହିଁ ଆରମ୍ଭ କରାଯିବା ଉଚିତ। ଶୁଣାଣି ସମୟରେ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି (ଏନ୍ଇପି) ରେ ହିନ୍ଦୀକୁ ବାଧ୍ୟତାମୂଳକ କରାଯାଇ ନାହିଁ। ଏଥିରେ ରାଜ୍ୟ ଭାଷା, ଇଂରାଜୀ ଏବଂ ଯେକୌଣସି ତୃତୀୟ ଭାଷା ପଢ଼ିବାର ନିୟମ ରହିଛି। ସଂସ୍କୃତ କିମ୍ବା ଅନ୍ୟ କୌଣସି ଭାଷାକୁ ମଧ୍ୟ ତୃତୀୟ ଭାଷା ଭାବେ ଚୟନ କରାଯାଇପାରିବ ଏବଂ କୌଣସି ରାଜ୍ୟ ଉପରେ ଜୋର ଜବରଦସ୍ତ କୌଣସି ଭାଷା ଲଦି ଦିଆଯିବ ନାହିଁ। ତାମିଲନାଡ଼ୁର ପ୍ରତ୍ୟେକ ଜିଲ୍ଲାରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମାଡ୍ରାସ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତ୍ରି-ଭାଷା ନୀତିକୁ ବିରୋଧ କରି ତାମିଲନାଡ଼ୁ ସରକାର ଏହି ସ୍କୁଲ ପ୍ରତିଷ୍ଠା ଚାହୁଁନାହାନ୍ତି। ଏହା ଉପରେ ସୁପ୍ରିମକୋର୍ଟ ତାମିଲନାଡ଼ୁକୁ ପରାମର୍ଶ ଦେଇ କହିଛନ୍ତି ଯେ, କେବଳ କେନ୍ଦ୍ର ସରକାରଙ୍କ ନୀତି ବୋଲି ଏହାକୁ ଆଖିବୁଜା ବିରୋଧ କରିବା ଉଚିତ ନୁହେଁ। କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକୁ ନିଜ ରାଜ୍ୟରେ କାର୍ଯ୍ୟ କରିବାକୁ ରୋକିବା ଠିକ୍ ନୁହେଁ। ବର୍ତ୍ତମାନ ଏହି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆଲୋଚନା ଜାରି ରହିଥିବାରୁ, ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।

### ମୁନିରଙ୍କୁ ମୌଲାନାଙ୍କ ଚ୍ୟାଲେଞ୍ଜ


## ସେନା ଛାଡ଼ି ନିର୍ବାଚନ ଲଢ଼ନ୍ତୁ

ଇସଲାମାବାଦ, ୧୬।୭(ଏଜେନ୍ସି): ପାକିସ୍ତାନର ବରିଷ୍ଠ ରାଜନେତା ତଥା ଜେୟୁଆଇ-ଏଫ୍ ମୁଖ୍ୟ ମୌଲାନା ଫଜଲୁର ରେହମାନ ସେନା ମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଯଦି ସେନାର ରାଜନୀତି କରିବାକୁ ଏତେ ଇଚ୍ଛା, ତେବେ ସେନା ପୋଷାକ ଓହ୍ଲାଇ ନିଆରା ରାଜନୈତିକ ଦଳ ଗଠନ କରି ନିର୍ବାଚନ ଲଢ଼ନ୍ତୁ ବୋଲି ସେ ଚ୍ୟାଲେଞ୍ଜ କରିଛନ୍ତି। ସରକାରୀ ଜନସଂଖ୍ୟା କମିଟିରେ ସେନା ମୁଖ୍ୟଙ୍କୁ ସାମିଲ କରାଯିବା ନିଷ୍ପତ୍ତି ପରେ ଫଜଲୁର ଏହି ବୟାନ ଦେଇଛନ୍ତି। ଫଜଲୁର କହିଛନ୍ତି ଯେ ଦେଶରେ କିଏ ସରକାର ଗଢ଼ିବ ବା କିଏ ଗାଦିରୁ ଓହ୍ଲାଇବ, ତାହା ସେନାର କାମ ନୁହେଁ। ଏଥିସହ ଦେଶର ସୁରକ୍ଷା ପାଇଁ ସୈନ୍ୟମାନଙ୍କୁ ଜନସାଧାରଣଙ୍କ ଟିକସ ଅର୍ଥରୁ ଦରମା ଦିଆଯାଉଥିବା ବେଳେ ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ସାଧାରଣ ନାଗରିକଙ୍କୁ ଅସ୍ତ୍ରଶସ୍ତ୍ର ଉଠାଇବାକୁ କହିବା ଏବଂ ମିଲିସିଆ ଗଠନ କରିବା ନିଷ୍ପତ୍ତିକୁ ସେ ଦୃଢ଼ ବିରୋଧ କରିଛନ୍ତି। ଏହାଦ୍ୱାରା ଦେଶ ଦୀର୍ଘକାଳୀନ ହିଂସା ମଧ୍ୟକୁ ଠେଲି ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଡଙ୍ଗା ବୁଡ଼ି ୫୦୦ ରୋହିଙ୍ଗ୍ୟା ମୃତ

ୟାଙ୍ଗୁନ୍, ୧୬।୭(ଏଜେନ୍ସି): ମିଆଁମାର ଉପକୂଳରେ ଦୁଇଟି ପ୍ରବାସୀ ଡଙ୍ଗା ବୁଡ଼ିଯିବା ଫଳରେ ୫୦୦ରୁ ଅଧିକ ରୋହିଙ୍ଗ୍ୟା ଶରଣାର୍ଥୀ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ମିଳିତ ଜାତିସଂଘର ଶରଣାର୍ଥୀ ସଂଗଠନ ଏବଂ ଆନ୍ତର୍ଜାତୀୟ ପ୍ରବାସୀ ସଂଗଠନ ପକ୍ଷରୁ ମିଳିତ ଭାବେ ଏହି ସୂଚନା ଦିଆଯାଇଛି। ସୁରକ୍ଷିତ ଆଶ୍ରୟ ସନ୍ଧାନରେ ଏହି ରୋହିଙ୍ଗ୍ୟାମାନେ ସମୁଦ୍ର ପଥରେ ଯାତ୍ରା କରୁଥିବା ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ପ୍ରାୟ ୨୫୦ ଯାତ୍ରୀଙ୍କୁ ନେଇ ଯାଉଥିବା ପ୍ରଥମ ଡଙ୍ଗାଟି ଯାତ୍ରା ଆରମ୍ଭର କିଛି ସମୟ ପରେ ନିଖୋଜ ହୋଇଯାଇଥିଲା। ସେହିପରି ୨୮୦ ଯାତ୍ରୀ ଥିବା ଦ୍ୱିତୀୟ ଡଙ୍ଗାଟି ଜୁଲାଇ ୮ ତାରିଖରେ ମିଆଁମାରର ଇରାବତୀ ଉପକୂଳ ନିକଟରେ ବୁଡ଼ି ଯାଇଥିବା ବିଶ୍ୱାସ କରାଯାଉଛି।

## ତିରୁପତି ମନ୍ଦିରରେ ରେକର୍ଡ: ଗୋଟିଏ ଦିନରେ ମିଳିଲା ୯୭ କୋଟି ଟଙ୍କା



ତିରୁପତି, ୧୬।୭(ଏଜେନ୍ସି): ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁମାଲା ତିରୁପତି ବାଲାଜୀ ମନ୍ଦିରରେ ଗତ ମଙ୍ଗଳବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ରେକର୍ଡ ୯୬.୯୮ କୋଟି (ପ୍ରାୟ ୯୭ କୋଟି) ଟଙ୍କାର ଦାନ ମିଳିଛି। ଜୁଲାଇ ୧୫ ମଧ୍ୟରାତ୍ରିରୁ ମନ୍ଦିର ପ୍ରଶାସନର ନୂଆ ଦାତା ନୀତି ଲାଗୁ ହେବାକୁ ଥିବାରୁ, ଏହାର ପୂର୍ବରୁ ଆଜୀବନ ସୁବିଧା ପାଇବା ପାଇଁ ପ୍ରାୟ ୨, ୪୬୦ ଜଣ ଦାତା ବଡ଼ ପରିମାଣର ଅର୍ଥ ଦାନ କରିଛନ୍ତି। ମନ୍ଦିର ପରିଚାଳନା ବୋର୍ଡ (ଟିଟିଡି) ଅନୁଯାୟୀ, ପୂର୍ବରୁ ଦାତାମାନଙ୍କୁ ମିଳୁଥିବା 'ଆଜୀବନ ସୁବିଧା' ବ୍ୟବସ୍ଥାକୁ ଏବେ ଉଚ୍ଛେଦ କରାଯାଇଛି। ନୂଆ ନିୟମ ଅନୁସାରେ ବ୍ୟକ୍ତିଗତ ଦାତାଙ୍କ ପାଇଁ ସୁବିଧାର ଅବଧି ୨୦ ବର୍ଷ ଏବଂ ସଂସ୍ଥା ବା ଟ୍ରଷ୍ଟ ପାଇଁ ୧୫ ବର୍ଷକୁ ସୀମିତ କରାଯାଇଛି। ଏହାସହ ସ୍ୱତନ୍ତ୍ର ଦର୍ଶନ, ମାଗଣା ରହଣି ଏବଂ ଦେବୀ ପ୍ରସାଦ ସ୍ୱରୂପ ମିଳୁଥିବା ସୁନା-ରୂପା ମୁଦ୍ରାର ପରିମାଣ ମଧ୍ୟ ହ୍ରାସ କରାଯାଇଛି। ସାଧାରଣ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଅଧିକ ସୁଯୋଗ ଦେବା ଏବଂ ଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ଏହି ପଦକ୍ଷେପ ନିଆଯାଇଛି। ତେବେ ଜୁଲାଇ ୧୫ ପୂର୍ବରୁ ଦାନ କରିଥିବା ପୁରୁଣା ଦାତାମାନଙ୍କ ଆଜୀବନ ସୁବିଧା ଅପରିବର୍ତ୍ତିତ ରହିବ। ଏହି କାରଣରୁ ନୂଆ ନିୟମ ଲାଗୁ ହେବାର ଠିକ୍ ପୂର୍ବ ଦିନ ମନ୍ଦିରରେ ଦାନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭାବନୀୟ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ବିଶ୍ୱର ଅନ୍ୟତମ ସମୃଦ୍ଧ ଏହି ମନ୍ଦିରର ସାମଗ୍ରିକ ସମ୍ପତ୍ତି ପ୍ରାୟ ୩.୩୮ ଲକ୍ଷ କୋଟି ଟଙ୍କା ବୋଲି ଜଣାଯାଇଛି।

## ରାଜ୍ୟସଭାରୁ ଅଭିନେତ୍ରୀ କୋଏଲଙ୍କ ଇସ୍ତଫା



ଟିଏମସି ସଭ୍ୟସଂଖ୍ୟା ୯କୁ ଖସିଲା

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମସି) ର ଅସନ୍ତୁଷ୍ଟ ନେତା ଓ ବିଧାୟକଙ୍କ ଦଳ ଛାଡ଼ିବା ପ୍ରକ୍ରିୟା ଜାରି ରହିଥିବା ବେଳେ ଦଳକୁ ଆଉ ଏକ ବଡ଼ ଝଟକା ଲାଗିଛି। ଟିଏମସି ନେତ୍ରୀ ତଥା ଅଭିନେତ୍ରୀରୁ ରାଜନେତ୍ରୀ ପାଲଟିଥିବା କୋଏଲ ମଲ୍ଲିକ ଗୁରୁବାର ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି। ସୂତ୍ର ଅନୁଯାୟୀ, ସେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି ପି ରାଧାକ୍ରିଷ୍ଣନଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଦଳ ପାଇଁ ଏହି ସପ୍ତାହ ବେଶ୍ ସଙ୍କଟଜନକ ସାବ୍ୟସ୍ତ ହୋଇଛି। କୋଏଲଙ୍କ ଇସ୍ତଫାର ଠିକ୍ ଗୋଟିଏ ଦିନ ପୂର୍ବରୁ ମମତା ବାନାର୍ଜୀଙ୍କ ଅତି ନିକଟତର ବିଧାୟକ ମଦନ ମିତ୍ର ଦଳ ଛାଡ଼ି ରତବ୍ରତ ବାନାର୍ଜୀଙ୍କ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିଲେ। ଏହାପୂର୍ବରୁ ଦଳର ବରିଷ୍ଠ ନେତା ସୁଖେନ୍ଦୁ ଶେଖର ରାୟ, ସୁସ୍ମିତା ଦେବ ଏବଂ ପ୍ରକାଶ ଚିକ ବଡ଼ାଇକ ଉଭୟ ରାଜ୍ୟସଭା ଓ ଟିଏମସିରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇ ସାରିଛନ୍ତି। ପଶ୍ଚିମବଙ୍ଗରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ପାଇଁ ଏହି ପୂର୍ବତନ ଟିଏମସି ନେତାମାନେ ବିଜେପି ଟିକେଟରେ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି।

# ସୋନମ୍ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଲଦାଖର ବିଶିଷ୍ଟ ସମାଜସେବୀ ତଥା ଆନ୍ଦୋଳନକାରୀ ସୋନମ ୱାଙ୍ଗଚୁକଙ୍କ ବିଗୁଡୁଥିବା ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ହୋଇଯାଇଛି। ସେ ଦୀର୍ଘ ୧୯ ଦିନ ହେବ ଜନ୍ତର ମନ୍ତରଠାରେ ଆମରଣ ଅନଶନରେ ବସିଥିବା ବେଳେ ତାଙ୍କର ଜୀବନ ରକ୍ଷା ପାଇଁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଆଶ୍ୱାସନା ଦିଆଯାଇଛି ଯେ, ଡାକ୍ତରଙ୍କ ପରାମର୍ଶ ଏବଂ ସ୍ୱାସ୍ଥ୍ୟ ସମୀକ୍ଷା ରିପୋର୍ଟ ଆଧାରରେ ସରକାର ସମସ୍ତ ପ୍ରକାର ଆବଶ୍ୟକୀୟ ଚିକିତ୍ସା ଯୋଗାଇଦେବେ। ଜାତୀୟ ପ୍ରବେଶିକା ପରୀକ୍ଷା (ନିଟ୍) ରେ ହୋଇଥିବା ବ୍ୟାପକ ଅନିୟମିତତା ପ୍ରତିବାଦରେ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଗତ ଜୁନ୍ ୨୮ ତାରିଖରୁ ସୋନମ ୱାଙ୍ଗଚୁକ ଅନଶନ ଜାରି ରଖିଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଗମ୍ଭୀର ହେଉଥିବାରୁ ଆଡଭୋକେଟ ରାକେଶ କୁମାର ସୈନୀଙ୍କ ଦ୍ୱାରା ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଏହି ଆବେଦନରେ ୱାଙ୍ଗଚୁକଙ୍କୁ ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତର କରିବା ସହ ଆବଶ୍ୟକ ସ୍ଥଳେ ଜୋର ଜବରଦସ୍ତ ତରଳ ଖାଦ୍ୟ ଓ ପୋଷକ ତତ୍ତ୍ୱ ପ୍ରଦାନ କରି ତାଙ୍କ ଜୀବନ ରକ୍ଷା କରିବାକୁ ଅନୁରୋଧ କରାଯାଇଥିଲା। ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ବିଚାରପତି ତେଜସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ, 'ଦେଶର ପ୍ରତ୍ୟେକ ନାଗରିକଙ୍କ ଜୀବନ ଅତ୍ୟନ୍ତ ମୂଲ୍ୟବାନ।' ସରକାରୀ ଡାକ୍ତରଙ୍କ ଦ୍ୱାରା ପ୍ରତିଦିନ ସୋନମଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେଲେ ତୁରନ୍ତ ଚିକିତ୍ସା ପ୍ରକ୍ରିୟାରେ ହସ୍ତକ୍ଷେପ କରାଯାଉ। ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଛନ୍ତି ଯେ, ସରକାରୀ ଡାକ୍ତରୀ ଦଳ ସୋନମଙ୍କ ସ୍ୱାସ୍ଥ୍ୟ ଉପରେ କ୍ରମାଗତ ନଜର ରଖିଛନ୍ତି ଏବଂ ତାଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। କେନ୍ଦ୍ରର ଏହି ସକାରାତ୍ମକ ଆଭିମୁଖ୍ୟକୁ ପ୍ରଶଂସା କରି କୋର୍ଟ ମାମଲାର ସମାଧାନ କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ବରିଷ୍ଠ ଚିକିତ୍ସକ ଡାକ୍ତର ସତୀଶ ଲାମ୍ବାଙ୍କ ସୂଚନା ଅନୁଯାୟୀ, ଅନଶନ ଯୋଗୁଁ ସୋନମଙ୍କ ଓଜନରେ ଦ୍ରୁତ ହ୍ରାସ ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ତାଙ୍କ ଓଜନ ୫୦୦ ଗ୍ରାମ କମି ଏବେ ୫୬.୬୫ କିଲୋଗ୍ରାମରେ ପହଞ୍ଚିଛି।

### ୧୫୦ କୋଟିର ସମ୍ପତ୍ତି ବିବାଦ

## ମଦ୍ୟପ ପୁଅର ଗୁଳିମାଡ଼ରେ ବାପା ମୃତ



ଗାଜିଆବାଦ, ୧୬।୭(ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦ ଜିଲ୍ଲା ମୋଦୀନଗର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରାୟ ୧୫୦ କୋଟି ଟଙ୍କାର ଜମିବାଡ଼ି ସମ୍ପତ୍ତି ବିବାଦକୁ କେନ୍ଦ୍ର କରି ଜଣେ ୩୨ ବର୍ଷୀୟ ମଦ୍ୟପ ପୁଅ ନିଜର ୫୫ ବର୍ଷୀୟ ବାପାଙ୍କୁ ଗୁଳି କରି ହତ୍ୟା କରିଛି। ମୃତକ ଜଣକ ହେଉଛନ୍ତି ମୋଦୀନଗରର ବୁଢ଼ାନା ଗ୍ରାମର ଜଣେ ଚାଷୀ ହରିଓମ୍। ପୁଲିସ ସୂଚନା ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ହରିଓମ୍‌ଙ୍କ ବଡ଼ ପୁଅ ନିଖିଲ ପ୍ରଚୁର ମଦ୍ୟପାନ କରି ଘରକୁ ଫେରିଥିଲା। ହରିଓମ୍ ଏହାର ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏହି ଝଗଡ଼ା ପୂର୍ବରୁ ଚାଲିଥିବା ସମ୍ପତ୍ତି ବିବାଦର ରୂପ ନେଇଥିଲା ଏବଂ ଉତ୍ତ୍ୟକ୍ତ ହୋଇ ନିଖିଲ ଏକ ଦେଶୀ ପିସ୍ତଲରୁ ତାର ବାପାଙ୍କ ଉପରକୁ ତିନି ରାଉଣ୍ଡ ଗୁଳି ଚଳାଇଥିଲା। ଗୁଳି ହରିଓମ୍‌ଙ୍କ ମୁଣ୍ଡ ଓ ପେଟରେ ବାଜିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସମ୍ପର୍କୀୟଙ୍କ ସୂଚନା ଅନୁଯାୟୀ, ହରିଓମ୍‌ଙ୍କର ପ୍ରାୟ ୭୫ ବିଘା ଜମି ଏବଂ ମୋଦୀନଗର ବଜାରରେ ୩ଟି ଦୋକାନ ରହିଛି, ଯାହାର ଆନୁମାନିକ ମୂଲ୍ୟ ୧୫୦ କୋଟି ଟଙ୍କାରୁ ଅଧିକ। ହରିଓମ୍ ଏହି ସମ୍ପତ୍ତିକୁ ତିନି ଭାଗରେ ବାଣ୍ଟିଥିଲେ ମଧ୍ୟ ନିଖିଲର ଖରାପ ଅଭ୍ୟାସ ଓ ମଦ୍ୟପାନ ଯୋଗୁଁ ତାର ଭାଗର ଆଇନଗତ କାଗଜପତ୍ର କରିନଥିଲେ। ନିଖିଲର ବାହାଘର ପରେ କାଗଜପତ୍ର ହେବ ବୋଲି ହରିଓମ୍ କହିଥିଲେ, ଯାହାକୁ ନେଇ ନିଖିଲ ଅସନ୍ତୁଷ୍ଟ ଥିଲା। ଏପରିକି ୨୦୧୮ ମସିହାରେ ମଧ୍ୟ ନିଖିଲ ନିଜ ସାନ ଭାଇ ଉପରକୁ ଗୁଳି ଚଳାଇ ଆହତ କରିଥିବା ଜଣାପଡ଼ିଛି। ହରିଓମ୍‌ଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ର ଧାରା ୧୦୩ (ହତ୍ୟା) ଅନୁଯାୟୀ ମାମଲା ରୁଜୁ କରିଛି। ଫରାର ଥିବା ଅଭିଯୁକ୍ତ ପୁଅକୁ ଗିରଫ କରିବା ପାଇଁ ପୁଲିସ ୫ଟି ସ୍ୱତନ୍ତ୍ର ଦଳ ଗଠନ କରି ତଦନ୍ତ ଚଳାଇଛି।

# ରଥ-ପଥ-ଜଗନ୍ନାଥ















ରଥ ଟାଣୁଛନ୍ତି ରାଜ୍ୟପାଳ ହରି ବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ରଥ ଆଗରେ ଓଡ଼ିଶୀ ନୃତ୍ୟ ପରିବେଷଣ



ଦିଲ୍ଲୀସ୍ଥିତ ନିଜ ବାସଭବନରେ ଟିଭିରେ ମହାପ୍ରଭୁଙ୍କ ପହଣ୍ଡି ବିଜେ ଦେଖୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ








# ଭକ୍ତିମୟ ପରିବେଶରେ ଗଡ଼ିଲା ରଥ; ଭକ୍ତ ବିଭୋର



ହାଟଡ଼ିହୀ,୧୬।୭ (ସମିସ): କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀ ବଳଦେବଜୀଉ, ମାଆ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ ଆଜି ବଡ଼ଦେଉଳରୁ ମାଉସୀ ଘରକୁ ବାହାରିଛନ୍ତି । ବଞ୍ଚୋ ଗ୍ରାମର ରଥଯାତ୍ରା ସମ୍ପୂର୍ଣ୍ଣ ନିଆରା । ପୂର୍ବାହ୍ନରେ ଧାଡ଼ି ପହଣ୍ଡି ପରେ ଗାଁର ଆରାଧ୍ୟ ଠାକୁର ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ପବିତ୍ର ରଥଯାତ୍ରାରେ ଉପଜିଲ୍ଲାପାଳ ପାରମ୍ପରିକ ନୀତିରେ ଛେରାପହଁରା ନୀତି ସମ୍ପାଦନ କରିଥିଲେ । ରଥ ଉପରେ ସୁସଜ୍ଜିତ ବେଶରେ ବିରାଜମାନ ହେବା ପରେ ଭକ୍ତମାନଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନର ବ୍ୟବସ୍ଥା କରାଯାଇଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅପରାହ୍ନ ୪ଟା ୪୫ମିନଟରେ ରଥଟଣା ଆରମ୍ଭ ହୋଇଥିଲା । ଗଳଗଣ୍ଡି ପୂଜା ପରେ ସନ୍ଧ୍ୟା ୫ଟା ୩୦ମିନିଟ୍‌ରେ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଥିଲା । ରଥଟଣା ସମୟରେ ହଜାର ହଜାର ଭକ୍ତ ହରିବୋଲ ଧ୍ୱନିରେ ସମଗ୍ର ବଡଦାଣ୍ଡକୁ ଭକ୍ତିମୟ କରି ତୋଳିଥିଲେ । ଆନନ୍ଦପୁର ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କ ସହଯୋଗରେ ସମଗ୍ର ରଥଯାତ୍ରା ସୁଚାରୁରୂପେ ପରିଚାଳିତ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆନନ୍ଦପୁର ଏସ୍‌ଡିପିଓ କମଳ  କୁମାର ପଣ୍ଡାଙ୍କ ନେତୃତ୍ୱରେ ଉପଖଣ୍ଡର ନନ୍ଦିପଦା ଏବଂ ଆନନ୍ଦପୁର ପୁଲିସ ଅଧିକାରୀଙ୍କ ସହ ବ୍ୟାପକ ପୁଲିସ ବଳ ମୁତୟନ କରାଯାଇଥିଲା । ସ୍ୱେଚ୍ଛାସେବୀ ଓ କମିଟି ସଦସ୍ୟମାନେ ମଧ୍ୟ ରଥଟଣା ସମୟରେ ଶୃଙ୍ଖଳା ରକ୍ଷାରେ ସକ୍ରିୟ ଭୂମିକା ନିଭାଇଥିଲେ । ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ପାନୀୟ ଜଳ, ପ୍ରସାଦ ଓ ଅନ୍ୟାନ୍ୟ ସେବା କାର୍ଯ୍ୟର ଆୟୋଜନ କରାଯାଇଥିଲା । ବରିଷ୍ଠ ଶିକ୍ଷାବିତ୍ ସୁଧାଂଶୁ ରାଉତ, ହାଟଡ଼ିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଜ୍ଞାନରଞ୍ଜନ ସାମନ୍ତସିଂହାର, ସନାତନ ଓଝା, ପ୍ରଶାନ୍ତ ରାଉତ, ପ୍ରତ୍ୟୁଷ ବିଶ୍ୱାଳ, ମୁକେଶ ରାଉତ, ପ୍ରିୟବ୍ରତ ନାୟକ, ସୁଧାକର ଓଝା  ଓ ଅର୍ଜୁନ ମହାନ୍ତି ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ । ଏହି ପବିତ୍ର ରଥଯାତ୍ରାକୁ ଦେଖିବା ପାଇଁ ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ସକାଳଠାରୁ ରାତି ପର୍ଯ୍ୟନ୍ତ ବଡଦାଣ୍ଡ ଭକ୍ତଙ୍କ ଭିଡ଼ରେ ଚଳଚଞ୍ଚଳ ରହିଥିଲା । ସେହିପରି ହାଟଡ଼ିହୀ, ବଉଳା, ହଦଗଡ଼, ଢେଙ୍କା, ଆବୁଲପୁରା, ହାବଳେଶ୍ୱର, ଓରାଳି ଆଦି ସ୍ଥାନରେ ମଧ୍ୟ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି ।

**ବଡ଼ବିଲ:** ବଡ଼ବିଲ ସହରରେ ସମୁଦାୟ ତିନୋଟି ରଥରେ ମହାପ୍ରଭୁଙ୍କ ଯାତ୍ରା ହୋଇଥିଲା । ଗୋଟିଏ ରଥ ହରିହର ମନ୍ଦିରରୁ ବାହାରି ପିଏଚଡିସ୍ଥିତ ଐକ୍ୟ କ୍ଷେତ୍ରକୁ ଯାଇଥିବା ବେଳେ ଆଉ ଏକ ରଥ ଭୋଲା ଗ୍ୟାରେଜସ୍ଥିତ ଜଗନ୍ନାଥ ମନ୍ଦିରରୁ ବାହାରି ବଙ୍ଗଳା ଛକ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା । ସେହିପରି ଆଉ ଏକ ରଥ ସେସ କଲୋନୀରୁ ବାହାରି ପରିବହନ କାର୍ଯ୍ୟାଳୟ ନିକଟରେ ଥିବା ମନ୍ଦିରରେ ପହଞ୍ଚିଥିଲା । ଆଧ୍ୟାତ୍ମିକ ମାହୋଲରେ ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସେବାକାର୍ଯ୍ୟ କରାଯାଇଥିଲା । ବଡ଼ବିଲ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ପର୍ଯ୍ୟାପ୍ତ ପୁଲିସ ବଳ ମୁତୟନ କରାଯାଇଥିଲା । ସ୍ଥାନୀୟ ପ୍ରଶାସନ ଓ ରଥଯାତ୍ରା କମିଟିର ସମନ୍ୱୟରେ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା ।



**ଚମ୍ପୁଆ:** ଚମ୍ପୁଆସ୍ଥିତ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ପବିତ୍ର ରଥଯାତ୍ରା ଭକ୍ତି, ଆଧ୍ୟାତ୍ମିକତା ଓ ପାରମ୍ପରିକ ରୀତିନୀତି ମଧ୍ୟରେ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି । ଦେବୋତ୍ତର ବିଭାଗ ମୁଖ୍ୟ ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରି ପାରମ୍ପରିକ ଛେରା ପହଁରା ନୀତି ସମ୍ପାଦନ କରିଥିଲେ । ମୁଖ୍ୟ ପୂଜକ ଭାବେ ଚମ୍ପେକ କିଶୋର ମିଶ୍ର ପୂଜା ଅର୍ଚ୍ଚନା କରିଥିଲେ । ରଥଯାତ୍ରା ପୂର୍ବରୁ ପଳାସାସ୍ଥିତ ମହାପ୍ରଭୁଙ୍କ ମାମୁଘରୁ ପାରମ୍ପରିକ ଭାର ମନ୍ଦିରରେ ପହଞ୍ଚିଥିଲା । ମନ୍ଦିର ପ୍ରଶାସନ ଏହାକୁ ବିଧିବଦ୍ଧ ଭାବେ ଗ୍ରହଣ କରିଥିଲା । ମାମୁଘର ପକ୍ଷଙ୍କୁ କଳ, କରତାଳ, ମୃଦଙ୍ଗ ଓ ହରିନାମ ସଂକୀର୍ତ୍ତନ ମାଧ୍ୟମରେ ମନ୍ଦିର କମିଟି ଓ ବହୁ ଭକ୍ତ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ । ସତ୍ୟ ସାହି ସେବା ସଂସ୍ଥାର ସହଯୋଗରେ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା । କେନ୍ଦୁଝର ବେଦ ବିଦ୍ୟାଳୟର ଛାତ୍ର ଓ ଆଚାର୍ଯ୍ୟମାନେ ବେଦ ଉଚ୍ଚାରଣ କରି ପବିତ୍ର ପରିବେଶ ସୃଷ୍ଟି କରିଥିଲେ । ସେହିପରି କେରଳ ମାଧ୍ୟମ ସ୍କୁଲର ଛାତ୍ରୀମାନେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶଭୂଷାରେ ରଥ ପରିକ୍ରମା କରିଥିଲେ । ସେମାନଙ୍କ ଶୋଭାଯାତ୍ରା



ରଥଯାତ୍ରାର ଅନ୍ୟତମ ଆକର୍ଷଣ ପାଲଟିଥିଲା । ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଏସଡିପିଓ ରଶ୍ମିରଞ୍ଜନ ସାହୁ ଓ ଆଇଆଇସି ସ୍ୱରୂପ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ ବଳ ମୁତୟନ କରାଯାଇଥିଲା । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ପିଏମ୍‌ଶ୍ରୀ ମହତାବ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ ଶୃଙ୍ଖଳା ରକ୍ଷା ଓ ସେବା କାର୍ଯ୍ୟରେ ସହଯୋଗ କରିଥିଲେ । ମନ୍ଦିର କମିଟି ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ହଜାର ହଜାର ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା । ଭକ୍ତମାନେ ଶୃଙ୍ଖଳିତ ଭାବେ ମହାପ୍ରସାଦ ସେବନ କରି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ । ମନ୍ଦିର କମିଟି, ଦେବୋତ୍ତର ବିଭାଗ, ପ୍ରଶାସନ, ପୁଲିସ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଭକ୍ତଙ୍କ ସହଯୋଗରେ ଚମ୍ପୁଆର ଏହି ପବିତ୍ର ରଥଯାତ୍ରା ସମ୍ପନ୍ନ ହୋଇଥିଲା ।

**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀ ଦଧିବାମନଜୀଉଙ୍କର ଏହି ଯାତ୍ରା କେନ୍ଦୁଝର ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଦେଓଙ୍କ ଅମଳରୁ ଅନୁଷ୍ଠିତ ହୋଇଆସୁଛି । ଆଜି ପ୍ରତ୍ୟୁଷରେ ଶୁଭ କଳସ ସ୍ଥାପନଠାରୁ ଆରମ୍ଭ କରି ମଙ୍ଗଳା ଅର୍ପଣ, ପହଣ୍ଡି ବିଜେ, ଛେରାପହଁରା ରୀତିନୀତିରେ ହୋଇଥିଲା । ଅପରାହ୍ନ ୫.୧୫ ମିନିଟରେ  ଭକ୍ତଙ୍କ ଦ୍ୱାରା ରଥ ଟଣା ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟରେ ମାଉସୀମା ବାଡ଼ିରେ ପହଞ୍ଚିଥିଲା । ଏହି ସମୟରେ ଡାହୁକ ଡାକ, ଶଙ୍ଖ ହୁଳହୁଳି ଓ ନୃତ୍ୟ ବାଦ୍ୟରେ ବଡ଼ଦାଣ୍ଡ ଉଚ୍ଛୁଳି ଉଠିଥିଲା । ଆନନ୍ଦପୁର ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଧାରା ବିବରଣୀ ବ୍ୟବସ୍ଥା କରାଯାଇଥିବାବେଳେ ପୁଲିସ ପକ୍ଷରୁ ଯାନବାହନ ନିୟନ୍ତ୍ରଣ କରାଯାଇଥିଲା । ଆସନ୍ତା ୨୦ ତାରିଖରେ




ହେରାପଞ୍ଚମୀ, ୨୪ତାରିଖରେ ବାହୁଡ଼ା ଯାତ୍ରା, ୨୫ ତାରିଖରେ ସୁନାବେଶ ଓ ୨୬ ତାରିଖ ରାତିରେ ନିଳାଦ୍ରୀ ବିଜେ ଅନୁଷ୍ଠିତ ହେବ ବୋଲି ରାଜଜ୍ୟୋତିଷ ଶ୍ୟାମରଞ୍ଜନ ନାୟକ ପ୍ରକାଶ କରିଛନ୍ତି । ପ୍ରବଳ ବର୍ଷା ସତ୍ତ୍ୱେ ମିନା ବଜାର, ମନୋହରୀ ଦୋକାନ ଓ ଚାରା ବିକ୍ରୟ କେନ୍ଦ୍ର ଖୋଲାଯାଇଛି । ଉପଜିଲ୍ଲାପାଳ ନୀଳମାଧବ ସୁନା ଓ ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ରଙ୍କ ସମେତ ପରିଚାଳନା କମିଟିର ବହୁ ସଦସ୍ୟଙ୍କ ସହଯୋଗରେ ଉକ୍ତ ଯାତ୍ରା ଅନୁଷ୍ଠିତ ହୋଇଥିଲା ।

ସେହିପରି ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ଶାଳପଡା ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା ପ୍ରତିବର୍ଷ ଭଳି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଠାକାର ବିଶେଷତ୍ୱ କି ଯେ ଏଠାରେ ଦୁଇଟି ରଥ ନିର୍ମାଣ କରାଯାଇଥାଏ । ଗୋଟିଏ ରଥକୁ ମହିଳାମାନେ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ଟାଣି ନେଉଥିବା ବେଳେ ଅନ୍ୟ ରଥଟିକୁ ପୁରୁଷମାନେ ଟାଣିଥାନ୍ତି । ଆନନ୍ଦପୁର ବ୍ଲକର ଶାଳବଣି, ବେଲବାହାଲି, ବୀରଗୋବିନ୍ଦପୁର, କୋଡପଡା ଓ ଘସିପୁରା ବ୍ଲକର କେଶଦୁରାପାଳ ଓ ବସନ୍ତପୁରା ଆଦି ପୁରପଲ୍ଲୀରେ ରଥଯାତ୍ରା ସମ୍ପନ୍ନ ହୋଇଛି ।

ଘଷିପୁରା ବ୍ଲକ କେଶଦୁରାପାଳ ଗ୍ରାମର ବିଜେ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଶ୍ରୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସେବକ ସୁଦର୍ଶନ ମହାରଣାଙ୍କ ଦ୍ୱାରା ଟାହିଆ ଲାଗି କରାଯିବା ପରେ କେଶଦୁରାପାଳ ଗୋପୀନାଥପୁର ଶାସନର ବ୍ରାହ୍ମଣଙ୍କ ଦ୍ୱାରା ପହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା । ପୂଜକ ଜଗନ୍ନାଥ ପଣ୍ଡା, ନିରଞ୍ଜନ ପଣ୍ଡା ଏବଂ ପୁରୋହିତ ଦାଶରଥୀ ଆଚାର୍ଯ୍ୟଙ୍କ ଦ୍ୱାରା ରଥ ମାଜଣା କରାଯାଇଥିଲା । ହରିପ୍ରସାଦ ମିଶ୍ର ଛେରାପହଁରା କରିଥିଲେ । ୬ଟାରେ ରଥ ଟଣା ଆରମ୍ଭ ହୋଇଥିବାବେଳେ ଦ୍ୱିତୀୟ ଦିନ ସନ୍ଧ୍ୟାରେ ରଥ ଟଣା ଆରମ୍ଭ ହେବାକୁ ଥିବା ବେଳେ ଗଳଗଣ୍ଡଠାରେ ଛେନା ପୋଡ଼ ପିଠା ଭୋଗ ଲଗାଯାଇ ମାଉସୀ ମା' ମନ୍ଦିର ନିକଟରେ ରଥ ପହଞ୍ଚିଥିଲା । କେଶଦୁରାପାଳ ଜନମଙ୍ଗଳ ଉଚ୍ଚବିଦ୍ୟାଳୟର ୨୦୦୪ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭଜନ ସମାରୋହ ଆୟୋଜନ କରାଯାଇଥିଲା । ରଥଯାତ୍ରା ଉପଲକ୍ଷେ ଜନମଙ୍ଗଳ ଉଚ୍ଚବିଦ୍ୟାଳୟର ୨୦୦୦ ମସିହା ଦଶମ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

**ତେଲକୋଇ:** ତେଲକୋଇସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ମହା ପ୍ରଭୁ ଶ୍ରୀଜଗନ୍ନାଥ ସାଙ୍ଗରେ ଭାଇଭଉଣୀଙ୍କୁ ଘେନି ରତ୍ନବେଦୀରୁ ଜନ୍ମବେଦୀକୁ ଆଗମନ କରିଛନ୍ତି । ଭକ୍ତମାନେ ଆନନ୍ଦର ସହିତ ମହାପ୍ରଭୁଙ୍କ ରଥ ଟାଣି ଟାଣି ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି । ମହାପ୍ରଭୁଙ୍କ କୃପା ଲାଭ କରିବା ସହିତ ରଥକୁ ଟାଣିବା ପାଇଁ ଆଖପାଖର ହଜାର



ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁରକ୍ଷାକୁ ନେଇ ବ୍ୟାପକ ବ୍ୟବସ୍ଥା ହୋଇଥିଲା । ବର୍ଷାକୁ ଖାତିର ନ କରି ଭକ୍ତମାନେ ଡାହୁକ ଡାକରେ ବିଭୋର ହୋଇ ମହାପ୍ରଭୁଙ୍କ ରଥ ଜନ୍ମ ବେଦୀ ଅଭିମୁଖେ ଟାଣି ନେଇଥିଲେ । ସେହିପରି ତେଲକୋଇସ୍ଥିତ ଆକୁଳ, ପୋଡାଙ୍ଗ, ତାଳପଦା, କରଦାଙ୍ଗୀ, ବୀରବରପୁର ଆଦି ସ୍ଥାନରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଇନଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ବ୍ୟାପକ କରାଯାଇଛି ।

## ଶ୍ରୀଜଗନ୍ନାଥ ଭଜନ 'ହେ ବିଶ୍ୱ ନିୟନ୍ତା'

ଆନନ୍ଦପୁର, ୧୬।୭ (ସମିସ): ପବିତ୍ର ରଥଯାତ୍ରା ଅବସରରେ ଆନନ୍ଦପୁରଠାରେ ମହାପ୍ରଭୁ ଦଧିବାମନଜୀଉଙ୍କ ମଣ୍ଡପରେ ଭଜନ 'ହେ ବିଶ୍ୱ ନିୟନ୍ତା' ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଦ୍ୱାରା ଅଡିଓ ଏବଂ ଭିଡିଓ ଉନ୍ମୋଚିତ ହୋଇଯାଇଛି । ଆନନ୍ଦପୁର ମୁନିସିପାଲିଟିର ପୂର୍ବତନ ଚେୟାରମ୍ୟାନ ରାମଚନ୍ଦ୍ର ସାହୁ, ଶିଶୁ ସାହିତ୍ୟିକ ତଥା ପ୍ରବଚକ ଡ଼. ରାମଚନ୍ଦ୍ର ନାୟକ,



ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ସାହିତ୍ୟିକ ଗଦାଧର ମିଶ୍ର, ରାମାୟଣୀ ଅର୍ଜୁନ ମହାନ୍ତି ଅଧ୍ୟାପକ ଉମାକାନ୍ତ ନାୟକ, ଅଧ୍ୟାପକ ଡ଼. ବିଜୟ କୁମାର ସାହୁ, ପ୍ରବଚକ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜଗନ୍ନାଥ ଭଜନର ଗୀତ ରଚନା ଓ ଅଭିନୟ ଡ଼. ବିଜୟ କୁମାର ସାହୁ କରିଥିବା ବେଳେ ଗୁରୁ ସୁଶାନ୍ତ କୁମାର ସେନାପତି ଏହାର କଣ୍ଠଦାନ ଓ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ।

## ବାତୋ ବକୁଳି ମଠରେ ରଥ ଯାତ୍ରା



ଆନନ୍ଦପୁର, ୧୬।୭ (ସମିସ): ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ପ୍ରତିଷ୍ଠିତ ବକୁଳି ମଠର ଚତୁର୍ଦ୍ଧା ମୂରତିଙ୍କର ପବିତ୍ର ଘୋଷ ଯାତ୍ରା ପାରମ୍ପରିକ ନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ପୂଜକ ପଦ୍ମନାଭ ଦାସ, ଗୋପାଳ ମିଶ୍ର, ଦିଲୀପ କୁମାର ପଣ୍ଡା, ବୁଲୁ ପଣ୍ଡା ଠାକୁରଙ୍କ ନୀତି ସରିବା ପରେ ବାବାଜୀ ମନ ମୋହନ ଦାସ ମହାରାଜ ଛେରା ପହଁରା କାର୍ଯ୍ୟ ସମାପନ କରିଥିଲେ । ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଘଣ୍ଟ, ଘଣ୍ଟା, ନାମ ସଂକୀର୍ତ୍ତନରେ ବାତୋ ଅଞ୍ଚଳ ଭକ୍ତିମୟ ହୋଇଥିଲା । ରାମଚନ୍ଦ୍ରପୁର ଆଇଆଇସି ମନୋଜ କୁମାର ସ୍ୱାଇଁ, ସାଇଁକୁଲ ଫାଣ୍ଡିର ବନ୍ଦନା ବେହେରାଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । କୁଶ ପରିଡା, ଚିନ୍ତାମଣି ନାୟକ, ବଲ୍ଲବ ଚରଣ ସାହୁ, ଚନ୍ଦ୍ରମଣି ମାଝି, ବାମନ ଚରଣ ମାଝି, ସନାତନ ବେହେରା, ମୁରଲୀ ଧର ପରିଡା, କରୁଣାକର ମାଝି, ଗୌରାଙ୍ଗ ଓଝା, ଶ୍ରୀଧର ପେରେଇ, ରଞ୍ଜନ ଦେହୁରୀ, ଶରତଚନ୍ଦ୍ର ଦେହୁରୀ, ନାରାୟଣ ନାଥ, ପିଣ୍ଟୁ ପଣ୍ଡା, ବାବା ବକୁଳି ଗୋସ୍ୱାମୀ କୀର୍ତ୍ତନମଣ୍ଡଳୀ ତଥା ସୁବ୍ରତ ନାୟକ ପରିଚାଳନା କରିଥିଲେ ।

## ରାଜନଗର ରଥଯାତ୍ରା

# ଭାଙ୍ଗିଲା ନନ୍ଦିଘୋଷ ରଥର ଦୁଇ ଅଖ

### ଅଧା ରାସ୍ତାରେ ଅଟକିଲା ରଥ; ଭକ୍ତ ନିରାଶ

ତୁରୁମୁଙ୍ଗା, ୧୬।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ରାଜନଗରସ୍ଥିତ ପ୍ରସିଦ୍ଧ ଦଧିବାମନଜୀଉଙ୍କ ରଥଯାତ୍ରାରେ ଚଳିତବର୍ଷ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ରଥଟଣା ଆରମ୍ଭ ହେବାର କିଛି ସମୟ ପରେ ନନ୍ଦିଘୋଷ ରଥ ପ୍ରାୟ ୩୦ ଫୁଟ୍ ଗଡ଼ିବା ସହିତ ରଥର ଡାହାଣ ପାର୍ଶ୍ୱର ଦୁଇଟି ବଡ଼ ଅଖ ଭାଙ୍ଗିଯିବାରୁ ରଥ ମଝି ରାସ୍ତାରେ ଅଟକି ଯାଇଥିଲା । ଏହି ଘଟଣାକୁ ନେଇ ହଜାର ହଜାର ଭକ୍ତ ସେବାୟତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଦୂରଦୁରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିବା ପାଇଁ ରାଜନଗରକୁ ଆସିଥିଲେ । ମାତ୍ର ରଥ ଆରମ୍ଭରୁ ହିଁ ବିପର୍ଯ୍ୟୟ ଘଟିବାରୁ ଭକ୍ତମାନଙ୍କ ଆଶା ନିରାଶାରେ ପରିଣତ ହୋଇଥିଲା । ରଥ ଅଚଳ ହୋଇଯିବା ପରେ ରଥଟଣା ସମ୍ପୂର୍ଣ୍ଣ ବନ୍ଦ




ହୋଇଯାଇଥିଲା । ଘଟଣା ପରେ ସେବାୟତ ଓ ଗ୍ରାମବାସୀ ଦେବୋତ୍ତର ବିଭାଗର ପରିଚାଳନାକୁ ଦାୟୀ କରି ରଥ ନିର୍ମାଣ ଦାୟିତ୍ୱରେ ଥିବା କଣ୍ଟିଆପଡା ଆର୍‌ଆଇ ଶିବପ୍ରସାଦ ମହାନ୍ତଙ୍କୁ ଘେରଉ କରିଥିଲେ । ଫଳରେ କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିଲା । ରଥ ନିର୍ମାଣରେ ପୁରୁଣା ଓ ଦୁର୍ବଳ କାଠ ବ୍ୟବହାର କରାଯାଇଥିବା ସହ ନିର୍ମାଣ କାର୍ଯ୍ୟ ସମୟରେ ପ୍ରଶାସନ ପକ୍ଷରୁ କୌଣସି ତଦାରଖ କରାଯାଇ ନଥିବା ଅଭିଯୋଗ ଆଣିଛନ୍ତି ସେବାୟତ । ଆର୍‌ଆଇ ଶ୍ରୀ ରଥ କହିଛନ୍ତି, ନିର୍ମାଣ କାର୍ଯ୍ୟ ନିୟମ ଅନୁଯାୟୀ କରାଯାଇଥିଲା । କାଠ ଦୁର୍ବଳ ଥିବା ସମ୍ପର୍କରେ ରଥ ନିର୍ମାଣ କରୁଥିବା କାରିଗରମାନେ ପୂର୍ବରୁ କୌଣସି ସୂଚନା ଦେଇ ନଥିବା କହିଛନ୍ତି । ଏଭଳି ସ୍ଥିତିରେ ରଥଯାତ୍ରାକୁ ସ୍ୱାଭାବିକ କରିବା ପାଇଁ ପାଟଣା ତହସିଲଦାର ଅଶ୍ୱିନୀ ନାଏକ ବିକଳ୍ପ କାଠର ବ୍ୟବସ୍ଥା କରିବାରେ ତତ୍ପର ଦଖାଇ ନୂଆଗାଁ ଅଞ୍ଚଳରୁ କାଠ ସଂଗ୍ରହ କରାଯାଇ ରାତାରାତି ନୂଆ ଅଖ ନିର୍ମାଣ କରି ରଥକୁ ପୁନଃ ଚଳାଚଳଯୋଗ୍ୟ କରିବା ପାଇଁ ପ୍ରୟାସ ଚଳାଇଛନ୍ତି । ରାଜନଗର ଐତିହ୍ୟ  ରଥଯାତ୍ରାରେ ଏପରି ଘଟଣା କେବଳ ପରିଚାଳନାଗତ ତ୍ରୁଟିକୁ ସାମ୍ନାକୁ ଆଣିନାହିଁ, ବରଂ ଧାର୍ମିକ ପରମ୍ପରା ସହ ଜଡ଼ିତ ହଜାର ହଜାର ଭକ୍ତଙ୍କ ଭାବାବେଗକୁ ମଧ୍ୟ ଆଘାତ ପହଞ୍ଚାଇଛି । ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହ ଆଗାମୀ ଦିନରେ ଏଭଳି ଅବ୍ୟବସ୍ଥାର ପୁନରାବୃତ୍ତି ରୋକିବାକୁ ସ୍ଥାନୀୟ ବାସିନ୍ଦା ଓ ସେବାୟତମାନେ ଦାବି କରିଛନ୍ତି ।

# ବର୍ଷାରେ ଭିଜିଲେ ରଥ-ପଥ-ଭକ୍ତ





**ବାରିପଦା, ୧୬।୭ (ସମିସ)**

ସ୍ଥାନୀୟ ପୁଲିସ ଲାଇନ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁ ସମାଗମ ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଗୁରୁବାର ସକାଳୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ପରେ ମନ୍ଦିରଠାରୁ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରସ୍ଥ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ରଥ ଟାଣି ନେଇଥିଲେ। ପ୍ରଥମେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ହୋଇଥିଲା। ପରେ ତିନି ଠାକୁରଙ୍କୁ ଘଣ୍ଟା, ଘଣ୍ଟା, ମୃଦଙ୍ଗ ବଜାଇ ପହଣ୍ଡି କରି ରଥାରୂଢ଼ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରି ରଥରେ ଛେରା ପହଁରା ନୀତି କରିଥିଲେ। ପରେ ରଥାରୂଢ଼ ତିନି ଠାକୁରଙ୍କୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ରଥ ଟଣା ଅନୁଷ୍ଠିତ ହୋଇଥିଲା। ଉତ୍ସାହର ସହିତ ରଥ ଟାଣି ନେଇ ମାଉସୀମା ମନ୍ଦିରରେ ପହଞ୍ଚାଯାଇଥିଲା। ବହୁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଅତିରିକ୍ତ ଏସପି ଦୀପକ କୁମାର ଗୋଚ୍ଛାୟତ, ଗୌତମ କିଶାନ, ରିଜର୍ଭ ଇନ୍ସପେକ୍ଟର ଆଲୋକ କୁମାର କାନୁନଗୋ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ବିକାଶ ବାରିକ, ସମ୍ପାଦକ ସୁରଜ କୁମାର ରାଜ, ଭୀମସେନ ମହାନ୍ତଙ୍କ ସମେତ କର୍ମକର୍ତ୍ତା ହରିହର ମଲ୍ଲିକ, ବିଶ୍ୱନାଥ ଲେଙ୍କା, ବିମଳ କୁମାର ପାଣିଗ୍ରାହୀ, ଭବାନୀ ଶଙ୍କର ବିଶ୍ୱାଳ, ରାକେଶ କୁମାର ଦାଶ ପ୍ରମୁଖଙ୍କ ସମେତ ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ସେହିପରି ମନ୍ଦିର ମୁଖ୍ୟ ପୂଜକ ପ୍ରମୋଦ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବୀନ୍ଦ୍ର ନାଥ ଦାଶ, ଦେବେନ୍ଦ୍ର ନାଥ ଦାଶ, ପ୍ରସନ୍ନ କୁମାର ଦାଶ, ପ୍ରଶାନ୍ତ କୁମାର ଦାଶ, ଶଙ୍କର୍ଷଣ ଆଚାର୍ଯ୍ୟ ପ୍ରମୁଖ ପୂଜାକାର୍ଯ୍ୟ ସମାପନ କରିଥିଲେ। ତକତପୁରଠାରେ ମଧ୍ୟ ରଥଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଛି। ଗୋଟିଏ ରଥରେ ଚତୁର୍ଦ୍ଧାମୂର୍ତ୍ତି ରଥରୁଢ଼ ହୋଇଥିଲେ। ଏହାକୁ ଭକ୍ତ ଅତି ଶ୍ରଦ୍ଧାର ସହ ତକତପୁରରୁ ଦୁର୍ଗା ମଣ୍ଡପସ୍ଥ ମାଉସୀମା ମନ୍ଦିର ନିକଟକୁ ଟାଣି ନେଇଥିଲେ।

**ବଡ଼ସାହି/ମାଣତ୍ରୀ:** ବଡ଼ସାହି ବ୍ଲକ୍ ଅଧୀନ ମାଣତ୍ରୀସ୍ଥ ପ୍ରସିଦ୍ଧ ହରିହର ପୀଠ, ବଡ଼ସାହି ଜଗନ୍ନାଥ ମନ୍ଦିର ଓ ଦେଉଳିଆ ଦଧିବାମନ ମନ୍ଦିରରେ ପରମ୍ପରା ଅନୁସାରେ ରଥଯାତ୍ରା ଧୂମଧାମରେ ପାଳିତ ହୋଇଯାଇଛି। ବୁଧବାର ରଥ ଦକ୍ଷିଣମୋଡ଼ ନେବା ପରେ ଗୁରୁବାର ପାରମ୍ପରିକ ରୀତିରେ ରଥଯାତ୍ରା ଆୟୋଜିତ ହୋଇଛି। ପୂର୍ବାହ୍ନରେ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇଥିଲା। ଠାକୁରଙ୍କୁ ରଥକୁ ଆଣିବା ସମୟରେ ସମସ୍ତ ପ୍ରକାର ନିତୀକାନ୍ତି କରାଯିବା ସହିତ ପଶ୍ଚିମାମୁଖୀ ରଖାଯାଇ ବାଟ ଭୋଗ ଓ ଆଳତି କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଠାକୁରଙ୍କୁ ରଥ ଚତୁପାଶ୍ୱର୍ରେ ବୁଲାଯିବ ସହିତ ରଥାରୋହଣ କରାଯାଇଥିଲା। ଏହାପରେ ରଥରେ ରଥ ଭୋଗ କରାଯିବ ପରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଶହ ଶହ ଭକ୍ତଙ୍କ ଗହଳିରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଦେଉଳିଆ ରଥଯାତ୍ରାରେ ଶୋଭାକର ଲେଙ୍କାଙ୍କ ଧାରା ବିବରଣୀ ଭକ୍ତଙ୍କୁ ମନମୁଗ୍ଧ କରିଥିଲା। ମାଣତ୍ରୀର ମନ୍ଦିର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା ଓ ବଡପଣ୍ଡା ମାନସ ରଂଜନ ପଣ୍ଡା ଏହାକୁ ପରିଚାଳନା କରିଥିବାବେଳେ ଅନ୍ୟ ସମସ୍ତ ସେବାୟତ ଏଥିରେ ସହଯୋଗ କରିଥିଲେ। ଠାକୁର ମାଉସୀମା ମନ୍ଦିରରେ ପହଞ୍ଚିବା ପରେ ସେଠାରେ ମହାସ୍ନାନ କରାଯାଇ ବିଭିନ୍ନ ପ୍ରକାର ଭୋଗ ସହିତ ଖିରି, କାକରା ଓ ମହନ ଭୋଗ ଲାଗି ହୋଇଥିଲା। ଏହି ରଥଯାତ୍ରାରେ ଶହଶହ ଉଠା ଦୋକାନୀ ନିଜ ନିଜ ପସରା ମେଲାଇ ବସିଥିବା ଦେଖାଯାଇଥିଲା। ସେହିପରି କେନ୍ଦୁଡିହା, ଗଜଡି, ଗୁଡିଆଲବନ୍ଧ ଓ ଗେଣ୍ଡାଗଡିଆରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଶୁକ୍ରବାର ସୁହାଗପୁର କଉଡିଖଣୀ ମା' ହିଙ୍ଗଳା ପୀଠ, ପ୍ରତାପପୁର, ତାଳପଦା ଓ ଛେଳିଆଠାରେ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। କଇଁଫୁଲିଆରେ ରଥଯାତ୍ରା ଆରମ୍ଭ ହୋଇ ଦିଅଁମାନେ ଅଧାବାଟରେ ଅଟକିଛନ୍ତି। ଅନ୍ୟପକ୍ଷରେ ପ୍ରତ୍ୟେକ ବର୍ଷ ଭଳି ବାଲେଶ୍ୱର ଓ ମୟୂରଭଞ୍ଜ ସୀମାନ୍ତ ରଥଯାତ୍ରାରେ ତିନି ଦିଅଁ ଗୋଟିଏ ରଥରେ ପଡୋଶୀ ବାଲେଶ୍ୱର ଜିଲ୍ଲାର ରାଉତୁରାପୁର ମନ୍ଦିରରୁ ବାହାରି ମୟୂରଭଞ୍ଜ ଡେଙ୍ଗୁଆ-ମଙ୍ଗଳପୁର ଗ୍ରାମରେ ଥିବା ମାଉସୀମା ମନ୍ଦିରରେ ପହଞ୍ଚିଛନ୍ତି। ବଡସାହି ଓ ବୈଶିଙ୍ଗା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।





**କରଞ୍ଜିଆ:** ପବିତ୍ର ଘୋଷଯାତ୍ରା ଅବସରରେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହର ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଛି। ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ପହଣ୍ଡି ନୀତି ଦେଖିବାକୁ ସକାଳୁ ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। "ଜୟ ଜଗନ୍ନାଥ' ଧ୍ୱନି, ହରିବୋଲ ହୁଳହୁଳି, ଘଣ୍ଟ, ଶଙ୍ଖ ଓ ମୃଦଙ୍ଗ ନାଦରେ ସମଗ୍ର ପରିବେଶ ଭକ୍ତିରସରେ ଭରିଯାଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ସେବାୟତ ମହାପ୍ରଭୁଙ୍କ ପହଣ୍ଡି ସମ୍ପନ୍ନ କରିଥିଲେ। ମହାପ୍ରଭୁଙ୍କ ଦିବ୍ୟ ରୂପ ଦର୍ଶନ ପାଇଁ ଛୋଟ ବଡ଼, ମହିଳା, ବୃଦ୍ଧ ଓ ଯୁବବର୍ଗଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଅନେକ ଭକ୍ତ ମହାପ୍ରଭୁଙ୍କୁ କାନ୍ଧରେ ବହନ କରି ପହଣ୍ଡିରେ ସାମିଲ ହୋଇ ନିଜକୁ ଧନ୍ୟ ମନେ କରିଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପୁଲିସ ବାହିନୀ, ସ୍ୱେଚ୍ଛାସେବୀ ଓ ପରିଚାଳନା କମିଟି ସଦସ୍ୟ ଭିଡ଼ ନିୟନ୍ତ୍ରଣ ଓ ଭକ୍ତଙ୍କ ସୁବିଧା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ। ରଥଯାତ୍ରା କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ବରଂ ଭକ୍ତି, ଭାବନା, ଆସ୍ଥା ଓ ସାମାଜିକ ସମ୍ପ୍ରିତିର ଏକ ଅନନ୍ୟ ପ୍ରତୀକ ବୋଲି ଭକ୍ତ ମତ ପ୍ରକାଶ କରିଥିଲେ। କରଞ୍ଜିଆର ଏହି ଭବ୍ୟ ରଥଯାତ୍ରାରେ ଜନସାଧାରଣଙ୍କ ଉତ୍ସାହ ଓ ଆଧ୍ୟାତ୍ମିକ ଭାବନା ସହରର ପରିବେଶକୁ ସମ୍ପୂର୍ଣ୍ଣ ଭାବେ ଭକ୍ତିମୟ କରିଥିଲା।

**କୁଆଁମରା:** ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ସ୍ଥାନରେ ପାରମ୍ପରିକ ରୀତିନୀତିରେ ପ୍ରବଳ ଜନସମାଗମ ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଝିପିଝିପି ବର୍ଷା ସତ୍ତ୍ୱେ ଭକ୍ତ ଙ୍କ ମଧ୍ୟ ରେ ଅଧିକ ଉତ୍ସାହ ଦେଖିବାକୁ ମିଳିଥିଲା। ବଡ ଦାଣ୍ଡରେ ମହାବାହୁ ଙ୍କ ଦର୍ଶନ ପାଇଁ ରଥ ପଥ ଜଗନ୍ନାଥ କିଛି ସମୟ ପାଇଁ ଏକାକାର ହୋଇ ଯାଇଥିଲେ। ଆଜି ସକାଳେ ଠାକୁରଙ୍କ ପୂଜା ଅର୍ଚ୍ଚନା ପରେ ଅପରାହ୍ନରେ ତିନି ଠାକୁର ଙ୍କ ନିତିକାନ୍ତ ଓ ପୂଜା ଅର୍ଚ୍ଚନା ନିର୍ଘଣ୍ଟ ସମୟରେ ସମାପନ ହୋଇଥିଲା। ଉକ୍ତ ବ୍ଲକର ଖିରିପଦା, ପୁରୁଣା ବାରିପଦା, ଜୟପୁର, ହାତୀକୋଟ, ସାନବେଲାକୁଟି, କୁଣ୍ଡାପଡା, ଅଛଡା ପ୍ରଭୃତି ସ୍ଥାନରେ ଅପରାହ୍ନ ରେ ରଥଟଣା କାର୍ଯ୍ୟ ହେବା ପରେ ସନ୍ଧ୍ୟାରେ ମାଉସୀ ମା ମନ୍ଦିର ନିକଟରେ ରଥ ପହଞ୍ଚିଥିଲା। ପ୍ରଥମେ ବଡ ଦେଉଳରୁ ସୁଦର୍ଶନ ଙ୍କ ସହ ତିନି ଠାକୁର ବଡ଼ ଭାଇ ବଳଭଦ୍ର, ଉଭଣୀ ସୁଭଦ୍ରା ଓ ପଛରେ କାଳିଆ ସାଆନ୍ତେ ଙ୍କୁ ପହଣ୍ଡି ରେ ଅଣାଯାଇ ରଥାରୁଢ଼ କରାଯାଇଥିଲା। ଖିରିପଦା ଠାରେ ମନ୍ଦିର ପୂଜକ ପ୍ରମୋଦ ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ପରମ୍ପରା ଅନୁଯାୟୀ କେଶବ ଚନ୍ଦ୍ର ଦାଶ ଛେରାପହଁରା କରିଥିଲେ। ମୋଟ ତିନି ଜଣ ବ୍ରାହ୍ମଣ କାର୍ଯ୍ୟ ତୁଲାଇଥିଲେ। ପୁରୁଣା ବାରିପଦା ଠାରେ ମନ୍ଦିର ପୂଜକ ରଶ୍ମି ରଞ୍ଜନ ହୋତା ଙ୍କ ସମେତ ୭ ଜଣ ବ୍ରାହ୍ମଣ ଯୋଗ ଦେଇ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଜଗଦୀଶ ମହାପାତ୍ର ଛେରା ପହଁରା କାର୍ଯ୍ୟ କରିଥିଲେ। ୪୯ ବର୍ଷର ପଦାର୍ପଣ କରିଥିବା ଏହି ରଥ ଯାତ୍ରା ରେ ବହୁ ଜନସମାଗମ ହୋଇଥିଲା। ଟ୍ରଷ୍ଟ ବୋର୍ଡର ସଦସ୍ୟ ଅଜୟ କୁମାର ବେହେରା, ଦିବାକର ବିନ୍ଧାଣୀ, ଦୁର୍ଗା ଦତ୍ତ ବେହେରା, ସଞ୍ଜୟ ବେହେରା, ମହେଶ ବେହେରା, ଅଭୟ ସାହୁ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ। ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ସ୍ଥାନୀୟ ଡିଗ୍ରୀ କଲେଜର ଏନ୍‌ସିସି, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ପ୍ରଭୃତି ସେବା କାର୍ଯ୍ୟରେ ନିୟୋଜିତ ଥିଲେ। ଜୟପୁର ରେ ସୋମନାଥ କର, ହାତିକୋଟ ରେ ଅକ୍ଷୟ କୁମାର କମିଳା, ସାନବେଲାକୁଟି ରେ ରତିକାନ୍ତ ମହାନ୍ତି ପ୍ରମୁଖ ଛେରା ପହଁରା କାର୍ଯ୍ୟ କରିଥିଲେ।



**ଖୁଣ୍ଟିଂ:** ଓଡ଼ିଶାର ପ୍ରମୁଖ ଆଧ୍ୟାତ୍ମିକ କ୍ଷେତ୍ର ଖୁଣ୍ଟିଂଠାରେ ପରମ୍ପରା ଅନୁଯାୟୀ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କ ଚତୁର୍ଥ ବାର୍ଷିକ ପବିତ୍ର ଘୋଷଯାତ୍ରା ବିପୁଳ ଉତ୍ସାହ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ପୁରୋହିତ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଠାକୁରଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ ପରେ ଚତୁର୍ଦ୍ଧାବିଗ୍ରହ ପହଣ୍ଡିରେ ଆସି ସୁସଜ୍ଜିତ ରଥରେ ବିଜେ କରିଥିଲେ। ବିଶିଷ୍ଟ ସମାଜସେବୀ ଇଂ ସୁଶାନ୍ତ କୁମାର ନାଏକ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ରଥ ଉପରେ ଠାକୁରଙ୍କୁ ଭୋଗ, କର୍ପୁର, ଆଳତୀ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯିବା ପରେ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ରଥଟଣା ପର୍ବ ଅନୁଷ୍ଠିତ ହୋଇଥିଲା। ଶଙ୍ଖ, ହୁଳହୁଳି ଓ ଘଣ୍ଟଘଣ୍ଟା, ନୃତ୍ୟ, ସଂଗୀତ, ଜୟ ଜଗନ୍ନାଥ ଧ୍ୱନିରେ ଏକ ଅନନ୍ୟ ଭାବ ଓ ଭକ୍ତି ପରିବେଶରେ ବିଶେଷତଃ ମହିଳା ଓ କୁନି କୁନି ଶ୍ରଦ୍ଧାଳୁ ରଥକୁ ଟାଣି ଘଡେଇକୁଦର, ପଣସି, ପାର୍ବତୀପୁର ଗ୍ରାମ ଦେଇ ଖୁଣ୍ଟିଂସ୍ଥ ମାଉସୀମା ମନ୍ଦିରକୁ ଆଣିଥିଲେ। ଏହି ଭବ୍ୟ ଉତ୍ସବର ସୁପରିଚାଳନାରେ ସ୍ଥାନୀୟ ପୁଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ ସମେତ ହରିଶ ଚନ୍ଦ୍ର ନାଏକ, ମନ୍ମଥ କୁମାର ନାଏକ, ଲୋଚନ ନାଏକ, ପରେଶ ନାୟକ, ଉମାକାନ୍ତ ମହାନ୍ତ ପ୍ରମୁଖ ଜଗନ୍ନାଥପ୍ରେମୀ ଭକ୍ତ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିବାବେଳେ ସମସ୍ତ ଗ୍ରାମବାସୀ, ସ୍ୱେଚ୍ଛାସେବୀ ସଂଗଠନ ଓ ବୁଦ୍ଧିଜୀବୀ ସହଯୋଗ କରିଥିଲେ।



**ରାସଗୋବିନ୍ଦପୁର:** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ସାରୁମୁଳା ଗ୍ରାମରେ ପବିତ୍ର ରଥଯାତ୍ରା ଅବସରରେ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ ଦେଖିବାକୁ ମିଳିଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପହଣ୍ଡିବିଜେ ପରେ ରଥାରୂଢ଼ ହୋଇଥିଲେ। ଏହାପରେ ଛେରା ପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଶ୍ୟାମସୁନ୍ଦର ଡାକୁଆ ମହାରାଜଙ୍କ ବେଶରେ ସଜ୍ଜିତ ହୋଇ ଶ୍ରୀଜୀଉଙ୍କ ରଥରେ ଛେରା ପହଁରା ନୀତି ସମ୍ପାଦନ କରିଥିଲେ। ଏହି ଦୃଶ୍ୟ ଉପସ୍ଥିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନକୁ ଆକର୍ଷିତ କରିଥିଲା। ରଥଯାତ୍ରା ଦେଖିବା ପାଇଁ ସାରୁମୁଳା ସମେତ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ "ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ପରିବେଶକୁ ଭକ୍ତିମୟ କରିଦେଇଥିଲା। ଶୃଙ୍ଖଳିତ ଭାବେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିବାବେଳେ ଗ୍ରାମବାସୀ ଓ ପୂଜା କମିଟିର ସଦସ୍ୟ ସଫଳ ଆୟୋଜନ ପାଇଁ ସହଯୋଗ କରିଥିଲେ।



**ମହୁଲଡିହା:** ଠାକୁରମୁଣ୍ଡା ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଆଜି ୩ ଠାକୁରଙ୍କ ନୀତି କାନ୍ତି ଶେଷ ହେବା ପରେ ଝିପି ଝିପି ହୋଇ ପ୍ରବଳ ବର୍ଷା ଯୋଗୁଁ ଅପରାହ୍ନ ୪.୫୦ ମିନିଟରେ ଛେରାପହଁରା ଆରମ୍ଭ ହୋଇଥିଲା। ଠାକୁରରାଜା ଭାବେ ବସନ୍ତ କୁମାର ପଇବର୍ତ୍ତି ଛେରାପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ରବୀନ୍ଦ୍ର କୁମାର ତ୍ରିପାଠୀ ଶଙ୍କରାଚାର୍ଯ୍ୟ ଭୂମିକା ନିର୍ବାହ କରିଥିଲେ। ପୂଜକ ବସନ୍ତ ତ୍ରିପାଠୀଙ୍କ ସମେତ, ଧରଣୀଧର ଦାଶ, ପଦ୍ମଲୋଚନ ପଣ୍ଡା, ଚିନ୍ମୟୀ ମିଶ୍ର, କ୍ଷିତୀଶ ରଞ୍ଜନ ଦାଶ, ଗତିକୃଷ୍ଣ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ମୃତ୍ୟୁଞ୍ଜୟ ପତି, ରଂଜିତ ତ୍ରିପାଠୀ, ଶୁଭଙ୍କର ତ୍ରିପାଠୀ, ଅମିତ୍ ତ୍ରିପାଠୀ, ଚିନ୍ମୟୀ ପଣ୍ଡା, ଦେବେନ୍ଦ୍ର ନାୟକ, ମନୋରଞ୍ଜନ ମହାନ୍ତ ଓ ସଂଜୟ ପ୍ରମୁଖ ରଥଯାତ୍ରା କାର୍ଯ୍ୟରେ ବିଶେଷ ସେବା ପ୍ରଦାନ କରିଥିଲେ। ଛେରାପହଁରା କାର୍ଯ୍ୟ ଶେଷ ପରେ ୫ .୨୫ରେ ରଥ ଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତ ଦର୍ଶନ କରିବା ସହିତ ହରିବୋଲ ହୁଳ ହୁଳି ଦେଇ ରଥ ଟାଣି ଥିଲେ। ପଦ୍ମଲୋଚନ ନନ୍ଦ,ଗଣେଶ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଠାକୁରମୁଣ୍ଡା ପୋଲିସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଠାକୁରମୁଣ୍ଡାରେ ରଥଯାତ୍ରା ୨ ଦିନ ଧରି ଅନୁଷ୍ଠିତ ହେଉଥିବାରୁ ପ୍ରଥମ ଦିନ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରଥ ଅଟକିଛି। ୧୭ ତାରିଖ ଦିନ ରଥଟଣା ପରେ ୩ ଠାକୁର ମାଉସୀ ବାଡ଼ିରେ ପହଞ୍ଚିବେ। ସେହିପରି ଠାକୁରମୁଣ୍ଡା ବ୍ଲକ ର ଦିଗଧର ଠାରେ ଦଧିବାମନ ଜୀଉଙ୍କ ରଥଯାତ୍ରା,ପଡିଆବେଡା ଗ୍ରାମ ପଞ୍ଚାୟତ ର ବୋଙ୍ଗିରେ ରଥଯାତ୍ରା ,ଖମଡିହା ରଥଯାତ୍ରା,କେଶଡିହା ରଥଯାତ୍ରା,ସାତକୋଶିଆ ଗ୍ରାମପଞ୍ଚାୟତ ର ବାଲିଘାଟ ଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି।



**ଠାକୁରମୁଣ୍ଡା:** ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ୭ଟି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ବିଭାଗ ପରିଚାଳିତ ପୁରାତନ ଦିଗଧର ଗ୍ରାମ ମଠରେ ଥିବା ଦଧିବାମନ ଓ ପତିତପାବନଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୫ଟା ପରେ ଦିଅଁଙ୍କ ପହଣ୍ଡି ପରେ ରଥାରୂଢ଼ କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ପରେ ରଥ ମାଉସୀମା ମନ୍ଦିର ନିକଟରେ ପହଞ୍ଚିଥିଲା। ସେହିପରି ଠାକୁରମୁଣ୍ଡାଠାରେ ୩ଟା ସମୟରେ ରଥ ପ୍ରତିଷ୍ଠା ନୀତି ଶେଷ ପରେ ଦିନ ୪ଟା ୩୦ ମିନିଟ ପରେ ପ୍ରଥମେ ସୁଦର୍ଶନଙ୍କୁ ରଥାରୂଢ଼ ପରେ ଛେରା ପହଁରା କରି ୩ ଦିଅଁଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଠାକୁର ରାଜା ରୂପେ ବସନ୍ତ ପୈବର୍ତ୍ତୀ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିବାସହ ଶଙ୍କରାଚାର୍ଯ୍ୟା ଭୂମିକା ରବୀନ୍ଦ୍ର ତ୍ରିପାଠୀ ନିର୍ବାହ କରିଥିଲେ। ପରେ ରଥ ଟଣା ଆରମ୍ଭ କରାଯାଇ ରଥ ଠାକୁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଟକି ଥିଲା। ପ୍ରତିବର୍ଷ ଏହି ରଥଯାତ୍ରା ଦୁଇଦିନ ଧରି ପାଳିତ ହେଉଥିବାବେଳେଶୁକ୍ରବାରଦିନପୁଣିରଥଟଣାଯାଇରଥମାଉସୀମାମନ୍ଦିରନିକଟରେ ପହଞ୍ଚିବ। ବର୍ଷା ସତ୍ତ୍ୱେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।ସେହିପରି ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ବୋଙ୍ଗି,ପତ୍ରପଡ଼ା,ଖମଡ଼ିହା,କେଶଡ଼ିହା ,ଖେଡ଼ିଆପଶି ଠାରେ ରଥ ଯାତ୍ରା ଅନୁଷ୍ଠିତ ହୋଇଥିଲା।




**କଳାବାଡିଆ:** ବାଙ୍ଗିରିପୋଷିସ୍ଥ ଆଦେଶ୍ୱର ପୀଠରେ ରଥଟଣା ହୋଇଛି। ସମାଜସେବୀ ସଞ୍ଜୟ କୁମାର ଅଗ୍ରୱାଲ ଛେରାପହଁରା କରିଥିଲେ। ଶହଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଭଜନ, କୀର୍ତ୍ତନ ମାଧ୍ୟମରେ ରଥ ଟଣାଯାଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ବାଙ୍ଗିରିପୋଷି ପ୍ରକମ୍ପିତ ହୋଇଥିଲା। ପ୍ରଥମ ଦିନରେ ସବୁବର୍ଷ ପରି ମହାପ୍ରଭୁଙ୍କ ସହିତ ରଥଟି ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମନ୍ଦିର ପାଖରେ ଅଟକି ରହିଛନ୍ତି। ଶୁକ୍ରବାର ପୁଣି ରଥ ଟଣାଯାଇ ମାଉସୀମା ମନ୍ଦିରରେ ପହଞ୍ଚିବ ବୋଲି କମିଟି କହିଛି। ଏଠାରେ ଗୋଟିଏ ରଥ ରେ ତିନି ଠାକୁରଙ୍କୁ ପ୍ରତ୍ୟେକ ବର୍ଷ ଟଣାଯାଉଛି। ପ୍ରାୟ ୧୦ ହଜାର ରୁ ଉର୍ଦ୍ଧ୍ୱ ଭକ୍ତ ଙ୍କ ସମାଗମ ହୋଇଥିଲା। ବାଙ୍ଗିରିପୋଷି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ଙ୍କ ନେତୃତ୍ୱରେ ପୁଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।" ୩୪ ବର୍ଷ ହେଲା ଏଠାରେ ସ୍ଥାନିତ ଶ୍ରଦ୍ଧାଳୁ ମାନଙ୍କ ଦ୍?ାରା ଶାନ୍ତି ଶୃଙ୍ଖଳା ଭାବରେ ରଥଯାତ୍ରା ହୋଇ ଆସୁଛି।





**ଉଦଳା:** ଭକ୍ତ ଯେଉଁଠି ଭଗବାନ ସେଇଠି। ମୟୂରଭଞ୍ଜ ଜିଲ୍ଲା ଉଦଳାଠାରେ ଏହି ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳେ ଉଦଳା ଜଗନ୍ନାଥ ମନ୍ଦିରରେ ଯଥା ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା ଅର୍ଚ୍ଚନା ପରେ ପହଣ୍ଡି ହୋଇ ରଥାରୁଢ଼ ହୋଇଥିଲେ।ଅପରାହ୍ନ ରେ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ରଥକୁ ଟାଣି ନେଇଥିଲେ। ଆଜି ଉଦଳା ଚକାଡୋଳା ବଜାରଠାରୁ ଭକ୍ତ ହାଇସ୍କୁଲ ଛକ ପର୍ଯ୍ୟନ୍ତ ରଥ ଟାଣିଥିଲେ। ଆସନ୍ତାକାଲି ମହିଳାମାନେ ହାଇସ୍କୁଲ ଛକରୁ ମାଉସୀମା ପର୍ଯ୍ୟନ୍ତ ରଥ ଟାଣିବେ।

**ସାରସକଣା:** ଭାବର ଠାକୁର ସିଏ ଭାବ ବିନୋଦିଆ। ଭଗବାନଙ୍କ ପାଇଁ ଭାବବିହ୍ୱଳ ଭକ୍ତ ମନ। ଚକାନୟନ ସହିତ ନୟନ ମିଶାଇବାକୁ ଉଚ୍ଛନ୍ନ ହେଲାଣି ଭକ୍ତର ମନ। ରତ୍ନସିଂହାସନ ରୁ ବାହାରି ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କ ଗହଣରେ ମହାବାହୁ। ସିଂହ ଦ୍ୱାର ସାମ୍ନାରେ ପ୍ରସ୍ତୁତ ହୋଇ ରହିଛନ୍ତି ରଥ। ରଥ ପ୍ରସ୍ତୁତ, ପଥ ବି ପ୍ରସ୍ତୁତ। କେବଳ ଅପେକ୍ଷା ମହାପ୍ରଭୁଙ୍କ ଆଗମନକୁ। ରଥଯାତ୍ରା ଦେଖିବାକୁ ଭକ୍ତଙ୍କ ଜନସମୁଦ୍ରରେ ପରିଣତ ହୋଇଛି ସାରସକ୍ଷେତ୍ର ବଡ଼ଦାଣ୍ଡ। ତେବେ ସାରସକଣା ବ୍ଲକ ସ୍ଥିତ ସାରସକ୍ଷେତ୍ର ଓ ରଥ ଯାତ୍ରା ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇ ଯାଇଛି। ଝାରପୋଖରୀଆ ପୋଲିସ୍ ତରଫରୁ ସୁରକ୍ଷା ବ୍ୟବସ୍ଥା କଡାକଡି ହେଇଥିଲା।ପୂର୍ବାହ୍ନରେ ୩ ସମୟରେ ଚତୁର୍ଦ୍ଧା ମୁହାଁ ଗୋଟି ପହଣ୍ଡିରେ ରଥକୁ ବିଜେ କରିଥିଲେ ତିନିଠାକୁର। ଅପରାହ୍ନ ପ୍ରାୟ ୫ଟା ବେଳକୁ ରଥଟଣା ଆରମ୍ଭ ହୋଇଥିଲା। ସାରସକଣା ସାରସକ୍ଷେତ୍ରରେ ଡ଼ ବିଜୟ କୁମାର ଅଗ୍ରୱାଲ ରଥ ଉପରେ ଛେରାପହଁରା କରିଥିଲେ। ସାରସକ୍ଷେତ୍ରରେ ପୂର୍ବ ବର୍ଷଭଳି ରଥ ଉପରେ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ସମିତି ଆନୁକୂଲ୍ୟରେ ପ୍ରକାଶିତ ହୋଇ ଆସୁଥିବା ବାର୍ଷିକ ଆଧ୍ୟାତ୍ମିକ ପତ୍ରିକା "ହୋ ଭଗତେ' ବହି କୁ ସାରସକଣା ବିଧାୟକ ଭାଦ୍ରବ ହାଁସଦା ଉନ୍ମୋଚିତ କରିଥିଲେ ହୋଇ ଲୋକାର୍ପିତ ହୋଇଯାଇଛି। ଛେରା ପହଁରା ପରେ ପ୍ରଥମେ ରଥ ଉପରେ ଶ୍ରୀଜିଉଙ୍କ ଦର୍ଶନ କରିବା ସହିତ ଅଙ୍ଗଲାଗି ପୁଷ୍ପ ମାଳ ପ୍ରାପ୍ତ ହୋଇଥିଲେ। ବରଷକେ ଥରେ ରତ୍ନବେଦୀ ଛାଡି ଜନ୍ମବେଦୀକୁ ଭାଇ-ଭଉଣୀଙ୍କୁ ସାଥିରେ ଘେନି ବଡ଼ ଦାଣ୍ଡରେ ବଡଠାକୁରଙ୍କୁ ଟାଣି ଟାଣି ନେଇଥିଲେ ଭକ୍ତ।



ସକାଳ
THE SAKALA

# ସମ୍ପାଦକୀୟ



ଅନିର୍ବଚନୀୟ ଅସୀମ ଐଶ୍ୱରୀୟ ସତ୍ତାକୁ ପରିପ୍ରକାଶ କରିବାର ପ୍ରୟାସ ହିଁ ଆଧ୍ୟାତ୍ମିକତା ବା ଆତ୍ମାର ବିଜ୍ଞାନ।
-ସ୍ୱାମୀ ବିବେକାନନ୍ଦ

## ଜଗନ୍ନାଥ ଖୁସି ନାହାନ୍ତି

ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଆସିବା ଦିନଠାରୁ ଅଘଟଣ ପରିସଂଖ୍ୟାନ ବଢ଼ିବାରେ ଲାଗିଛି। ୨୦୨୪ରେ ବଡ଼ଠାକୁରଙ୍କୁ ରଥ ଉପରୁ ପହଣ୍ଡି ବେଳେ ତଳେ ପକାଇ ଦେବା ଘଟଣା ଏ ପର୍ଯ୍ୟନ୍ତ ଲୋକଙ୍କ ମନରୁ ଲିଭିନାହିଁ। ତା'ପର ବର୍ଷ ଜଗନ୍ନାଥଙ୍କ ରଥକୁ ସୂର୍ଯ୍ୟାସ୍ତ ପରେ ଲାଇଟ୍ ଲଗାଇ ଟଣା ଗଲା ଏବଂ ରଥ ବାରମ୍ବାର ନିୟନ୍ତ୍ରଣ ହରାଇବା ପରି ଅବାଞ୍ଛିତ ଘଟଣା ଘଟିଲା। ପୁଣି ନୀତିକାନ୍ତିରେ ବିଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣରେ ବିଫଳତା ଯୋଗୁଁ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ଚଳିତ ବର୍ଷର ଅଘଟଣ ବୋଧହୁଏ ପୂର୍ବ ଦୁଇବର୍ଷକୁ ଟପିଯାଇଛି। ଏହି ଆଲେଖ୍ୟ ଲେଖା ହେବା ପର୍ଯ୍ୟନ୍ତ ଦଳାଚକଟାରେ ଦୁଇଜଣ ଭକ୍ତଙ୍କ ମୃତ୍ୟୁ ଘଟିଛି ଏବଂ ଶତାଧିକ ଆହତ ହୋଇଛନ୍ତି। ଭଗବାନ ନ କରନ୍ତୁ; କିନ୍ତୁ ଆହତଙ୍କ ମଧ୍ୟରେ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଚଳିତ ବର୍ଷ ରଥଯାତ୍ରାର ଆଦ୍ୟ ପର୍ବ ସ୍ନାନଯାତ୍ରାରୁ ହିଁ କିଛି ଅଘଟଣ ଘଟିବାର ପୂର୍ବ ସୂଚନା ମିଳିସାରିଥିଲା। ସ୍ନାନବେଦୀ ଉପରେ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଆଳତି ବେଳେ ଦୀପ ହଠାତ୍ ଲିଭିଯାଇଥିଲା। ପୂର୍ବରୁ ଏଭଳି କୌଣସି ଅଘଟଣର ସୂଚନା ମିଳିଲେ ଗଜପତି ରାଜା/ମହାରାଜାମାନେ ପ୍ରଭୁଙ୍କ ନିକଟରେ ଅଧିଆ ପଡ଼ି ଦୋଷ ମାର୍ଜନା କରିବାର ଯାଚନା କରୁଥିଲେ। କିନ୍ତୁ ଶାସନ କ୍ଷମତାର ମୋହ ଓ ଉପଭୋଗରେ ସରକାର ବାହାଦୂର ଏତେ ଅନ୍ଧ ହୋଇଯାଇଛନ୍ତି ଯେ ଏହାକୁ ମାମୁଲି ଅଘଟଣ ଭାବେ ଅଣଦେଖା କଲେ।

ଶ୍ରୀଜୀଉମାନଙ୍କର ପହଣ୍ଡିର ମୁଖ୍ୟ ଆକର୍ଷଣ ହେଉଛି ଟାହିଆ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏଥର ଗୁମୁଟ ଡେଇଁ ବଡ଼ଦାଣ୍ଡକୁ ଆସିବା ବେଳେ ଶ୍ରୀଜଗନ୍ନାଥଙ୍କ ଟାହିଆ ନଥିଲା। ବୋଧହୁଏ ଟାହିଆ ପରମ୍ପରା ଆରମ୍ଭ ହେବା ଦିନଠାରୁ ଇତିହାସରେ ପ୍ରଥମ ଥର ପାଇଁ ବିନା ଟାହିଆରେ ପ୍ରଭୁ ରଥ ଉପରକୁ ଗଲେ। ସବୁକିଛି ଅସ୍ୱାଭାବିକ ଲାଗୁଥିଲା। ଶ୍ରୀଜଗନ୍ନାଥଙ୍କୁ ଆପଣାର ପରିବାରର ମୁରବି ଏବଂ ପ୍ରାଣର ସ୍ପନ୍ଦନ ବୋଲି ମନେ କରୁଥିବା କୋଟିକୋଟି ଶ୍ରଦ୍ଧାଳୁ ଓ ଭକ୍ତମାନେ ମନେ କରୁଥିଲେ ସତେଯେମିତି ପ୍ରଭୁ ଏଥର ରଥଯାତ୍ରା ପାଇଁ ଆଦୌ ପ୍ରସ୍ତୁତ ନୁହନ୍ତି। ନିଜ ଅନିଚ୍ଛାରେ ସେ ବାଧ୍ୟ ହୋଇ ଯାଉଛନ୍ତି। ଯେଉଁ ଚକା ଆଖି ଓ ରଙ୍ଗାଅଧର ସମଗ୍ର ବିଶ୍ୱକୁ କ୍ଷଣିକେ ସମ୍ମୋହନ କରିଦିଏ ଆଜି ସେ ନିଜେ ହିଁ ବିଷଣ୍ଣ ଥିବା ହୃଦ୍‌ବୋଧ ହେଉଥିଲା। ଭାବବିହ୍ୱଳ ଭକ୍ତମାନେ ଏହାର କାରଣ ଖୋଜି ପାଉ ନଥିଲେ। କିନ୍ତୁ ଆତ୍ମବିଭୋର ଶାସନ ନିର୍ବିକାର ଭାବରେ ବସି ରହିଥିଲେ।

ଜଗତର ମହାନାୟକ ବର୍ଷାରେ ଭିଜି ଭିଜି ବଡ଼ଦାଣ୍ଡରେ ଚାଲି ଚାଲି ଆସୁଥିବା ବେଳେ ମନ୍ତ୍ରିପରିଷଦର ସଦସ୍ୟ, ରାଜନ୍ୟ ବର୍ଗ ଓ ଭିଭିଆଇପିମାନେ ସୁରକ୍ଷିତ ଭାବେ କଂକ୍ରିଟ୍ ଛାତ ତଳେ ବସି ରହି ଏ ଦୃଶ୍ୟ ଉପଭୋଗ କରୁଥିଲେ। ଏହା ମହାପ୍ରଭୁଙ୍କ ପ୍ରତି ଅପମାନ ନୁହେଁ କି? କେବଳ ଅଣଓଡ଼ିଆ ଓ ବିଧର୍ମୀ ହିଁ ଏଭଳି ଧୃଷ୍ଟତା କରିପାରେ। ଏହା ଓଡ଼ିଆ ଜାତି ପ୍ରତି କଳଙ୍କ କହିଲେ ଭୁଲ୍ ହେବ ନାହିଁ। ମହାପ୍ରଭୁଙ୍କ ଅନ୍ୟମନସ୍କତାକୁ ଦେଖିବାରେ ବୁଝିବାରେ ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ସରକାର ସମ୍ପୂର୍ଣ୍ଣ ବିଫଳ ହେଲେ, ଯାହାର ପରିଣାମ ଜୀବନହାନିରେ ପ୍ରତିଫଳିତ ହୋଇଛି।

ଚଳିତ ଥର ରଥଯାତ୍ରା ଭିଡ଼ ନିୟନ୍ତ୍ରଣ ପାଇଁ ୨୦ରୁ ଊର୍ଦ୍ଧ୍ୱ ଆଇପିଏସ୍ ଅଫିସରଙ୍କ ତତ୍ତ୍ୱାବଧାନରେ, ୪୫୦ରୁ ଊର୍ଦ୍ଧ୍ୱ ଏଆଇ ପରିଚାଳିତ କ୍ୟାମେରା ନିୟନ୍ତ୍ରଣରେ ୧୩ ହଜାର ପୁଲିସ କର୍ମଚାରୀ, ୧୫ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀ ନିୟୋଜିତ ହୋଇଥିବା ସରକାର କହିଥିଲେ। କିନ୍ତୁ କେବଳ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଯୋଜନା କରିଦେଲେ, ନିର୍ଦ୍ଦେଶ ଜାରି କରିଦେଲେ ତାହା ବାସ୍ତବତାରେ ପ୍ରତିଫଳିତ ହେବ ନାହିଁ। ପୂର୍ବ ବିଫଳତାରୁ ସରକାର କିଛି ଶିଖିବା ମାନସିକତାରେ ନାହାନ୍ତି। ଗତଥର ଦଳାଚକଟା ଜନିତ ମୃତ୍ୟୁ ଅଘଟଣର ତଦନ୍ତ ପାଇଁ ଯେଉଁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନେତୃତ୍ୱରେ କମିଟି ଗଠନ ହୋଇଥିଲା ସିଏ ଏବେ ମୁଖ୍ୟ ଶାସନ ସଚିବ ପଦ ମଣ୍ଡନ କରିଛନ୍ତି। ଗତ ଥର ଅଘଟଣର ଆରୋପ ତଳିଆ ସଦସ୍ୟଙ୍କ ମୁଣ୍ଡରେ ଲଦି ଦେଇ ବଡ଼ବଡ଼ିଆଙ୍କୁ ସୁରକ୍ଷା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ରଥ ଉପରୁ ବଳଭଦ୍ର ପଡ଼ିଯିବାର ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନିନ ହୋଇନାହିଁ କି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ତେଣୁ ଏଥର ଅଘଟଣର ରିପୋର୍ଟ ମଧ୍ୟ ଯେ ସ୍ୱଚ୍ଛତା ଆସିବ ସେ ବିଶ୍ୱାସ ଆସୁନାହିଁ।

ଶାସକୀୟ ଢାଞ୍ଚା ଓ ବ୍ୟବସ୍ଥାରେ ଯେ ଉତ୍କଳର ରାଜାଧିରାଜ ସୁଖୀ ନାହାନ୍ତି ତାହା ଶାସକ ବର୍ଗକୁ ବୁଝିବାକୁ ହେବ। ବିଶେଷକରି ଶାସକ ଦଳ ବ୍ୟକ୍ତିପୂଜନ ପରମ୍ପରାକୁ ତ୍ୟାଗ କରି ଜନତା ଜନାର୍ଦ୍ଦନଙ୍କ କଲ୍ୟାଣମୁଖୀ ହେବାକୁ ପଡ଼ିବ। କେବଳ ଭୋଟ ହାସଲ ପାଇଁ ସରକାରୀ ତହବିଲ୍‌ରୁ ଟଙ୍କା ବାଣ୍ଟି ଦେଲେ ଶାସନ ଜନକଲ୍ୟାଣମୁଖୀ ହୋଇଯିବ ନାହିଁ। ଧନର ଗର୍ବ, ଆତ୍ମବଡ଼ିମା ପ୍ରଭୁ କେବେ ସହିନାହାନ୍ତି କି ସହିବେ ନାହିଁ। ଏ କଥା ସରକାରରେ ଥିବା ଦଳର ନେତାମାନେ ଚେତିବାର ସମୟ ଆସିଯାଇଛି। ଶ୍ରୀଜଗନ୍ନାଥ କ୍ଷମାସାଗର। ଶାସନର ତୁଙ୍ଗ ନେତାମାନେ ନିଜ କୃତ କର୍ମ ପାଇଁ ପଶ୍ଚାତାପ କରିବା ସହିତ ଦୋଷମାର୍ଜନା ପାଇଁ ଆନ୍ତରିକତାର ସହିତ ଶ୍ରୀଜଗନ୍ନାଥଙ୍କ ଆଗରେ ଭକ୍ତିପୂତ ନିବେଦନ କରନ୍ତୁ। ଏହାଦ୍ୱାରା କ୍ଷମତାର ବାକି ବର୍ଷଗୁଡ଼ିକରେ ଅନ୍ତତଃ ଓଡ଼ିଶାବାସୀଙ୍କର ମଙ୍ଗଳ ବିଧାନ ହେବ। ●

## ସାମାଜିକ ବିକାଶର ଅଦୃଶ୍ୟ ଶକ୍ତି

ଡ. ପ୍ରଦୀପ କୁମାର ସାହୁ

ଭାରତର ବୃତ୍ତିଗତ ସାମାଜିକ କର୍ମୀମାନେ ଦାରିଦ୍ର୍ୟ ହ୍ରାସ, ସ୍ୱାସ୍ଥ୍ୟସେବା, ଶିକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ସାମୂହିକ ବିକାଶ କ୍ଷେତ୍ରରେ ଅଗ୍ରଭାଗରେ ରହି କାମ କରୁଛନ୍ତି। ସମାଜର ସବୁଠାରୁ ଅସହାୟ ଓ ବଞ୍ଚିତ ବର୍ଗର ଲୋକମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ସେମାନେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ମଧ୍ୟ ବାସ୍ତବରେ ସେମାନେ ନିଜେ ସମ୍ମାନ, ସୁରକ୍ଷା ଓ ପେସାଗତ ସ୍ୱୀକୃତିରୁ ବଞ୍ଚିତ। ଯେତେବେଳେ କୌଣସି ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ଘଟେ, କୌଣସି ଶିଶୁ ଶୋଷଣର ଶିକାର ହୁଏ, ଦରିଦ୍ର ପରିବାର ଜୀବନ ସଂଘର୍ଷରେ ଲଢ଼େ, ରୋଗୀ ମାନସିକ ସହଯୋଗ ଆବଶ୍ୟକ କରେ, ବଞ୍ଚିତ ସମ୍ପ୍ରଦାୟ ସରକାରୀ ଯୋଜନାର ସୁବିଧା ପାଇବାକୁ ଚେଷ୍ଟା କରେ କିମ୍ବା ଯୁବପିଢ଼ି ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୁଏ ସେତେବେଳେ ପରଦା ପଛରେ ନିରବରେ କାମ କରୁଥା'ନ୍ତି ଜଣେ ସାମାଜିକ କର୍ମୀ। ସେମାନେ ଦୁର୍ଗମ ଗାଁକୁ ଯା'ନ୍ତି, ପ୍ରତିକୂଳ ପରିସ୍ଥିତିରେ କାମ କରନ୍ତି, ଅସହାୟ ଲୋକମାନଙ୍କୁ ସହାୟତା କରନ୍ତି ଏବଂ ସରକାରୀ ନୀତି ଓ ସାଧାରଣ ଲୋକଙ୍କ ମଧ୍ୟରେ ସେତୁର ଭୂମିକା ନିଭାନ୍ତି।

୧୦ ଜୁନ୍ ୨୦୨୬ ତାରିଖରେ 'ଜର୍ଣ୍ଣାଲ୍ ଅଫ୍ ସୋସିଆଲ୍ ୱର୍କ ପ୍ରାକ୍ଟିସ୍' ରେ ପ୍ରକାଶିତ ଏକ ଗବେଷଣାମୂଳକ ପ୍ରବନ୍ଧ ଏହି ଗୁରୁତ୍ୱପୂର୍ଣ୍ଣ ଅଥଚ ଅନାଲୋଚିତ ସମସ୍ୟାକୁ ସାମ୍ନାକୁ ଆଣିଛି। ଭାରତର ସାତଟି ରାଜ୍ୟର ୮୧୩ ଜଣ ବୃତ୍ତିଗତ ସାମାଜିକ କର୍ମୀଙ୍କ ଉପରେ କରାଯାଇଥିବା ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ସାମାଜିକ କର୍ମୀମାନେ ଦେଶର ବିକାଶରେ ବଡ଼ ଅବଦାନ ରଖୁଥିଲେ ମଧ୍ୟ ସେମାନେ ଏପର୍ଯ୍ୟନ୍ତ ଚାକିରିର ଅନିଶ୍ଚିତତା, ପେସାଗତ ସ୍ୱୀକୃତିର ଅଭାବ, କାର୍ଯ୍ୟସ୍ଥଳର ବିଭିନ୍ନ ସମସ୍ୟା ଓ ଅପର୍ଯ୍ୟାପ୍ତ ସାମାଜିକ ସୁରକ୍ଷାର ସମ୍ମୁଖୀନ ହେଉଛନ୍ତି।

ବିକାଶଶୀଳ ଭାରତ ପାଇଁ ସାମାଜିକ କାର୍ଯ୍ୟ ଏକ ଅତ୍ୟାବଶ୍ୟକ ପେସା। ସାମାଜିକ କାର୍ଯ୍ୟ କେବଳ ସ୍ୱେଚ୍ଛାସେବା କିମ୍ବା ଦାନଧର୍ମ ନୁହେଁ। ସମୟ ସହିତ ଏହା ବୈଜ୍ଞାନିକ ଜ୍ଞାନ, ନୈତିକ ମୂଲ୍ୟବୋଧ, ଗବେଷଣା ଓ ବିଶେଷ ଦକ୍ଷତା ଉପରେ ଆଧାରିତ ଏକ ସ୍ୱତନ୍ତ୍ର ବୃତ୍ତିଗତ କ୍ଷେତ୍ରରେ ପରିଣତ ହୋଇଛି। ବିଶ୍ୱସ୍ତରରେ ସାମାଜିକ କାର୍ଯ୍ୟକୁ ଏକ ଅଧିକାର-ଭିତ୍ତିକ ପେସା ଭାବେ ସ୍ୱୀକୃତି ମିଳିଛି, ଯାହା ସାମାଜିକ ନ୍ୟାୟ, ସମାନତା ଓ ସମ୍ପ୍ରଦାୟର ସଶକ୍ତୀକରଣ ପାଇଁ କାର୍ଯ୍ୟ କରେ।

ଭାରତରେ ୧୯୩୬ ମସିହାରେ ପ୍ରଥମ ଥର ପାଇଁ ସାମାଜିକ କାର୍ଯ୍ୟର ଔପଚାରିକ ଶିକ୍ଷା ଆରମ୍ଭ ହୋଇଥିଲା। ଏହାପରେ ଏହି ବିଷୟର ବ୍ୟାପକ ବିକାଶ ଘଟିଛି। ଉଚ୍ଚଶିକ୍ଷା ସମ୍ବନ୍ଧୀୟ ତଥ୍ୟ ଅନୁଯାୟୀ, ଦେଶର ୧୮୧ଟି ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୫୨୬ଟି ସାମାଜିକ କାର୍ଯ୍ୟ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି। ଏହି ଅନୁଷ୍ଠାନଗୁଡ଼ିକରେ ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ ଛାତ୍ରଛାତ୍ରୀ ସାମାଜିକ କାର୍ଯ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରୁଛନ୍ତି। ସେମାନେ ସ୍ୱାସ୍ଥ୍ୟସେବା, ସାମୁଦାୟିକ ବିକାଶ, ଶିଶୁ କଲ୍ୟାଣ, ପରାମର୍ଶଦାନ, ବିପର୍ଯ୍ୟୟ ପରିଚାଳନା, ଗ୍ରାମୀଣ ବିକାଶ, ଆଦିବାସୀ କଲ୍ୟାଣ ଓ ସଂଶୋଧନମୂଳକ ସେବା ପରି ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞତା ଅର୍ଜନ କରୁଛନ୍ତି।

ଗବେଷଣାରେ ଉଲ୍ଲେଖିତ ସବୁଠାରୁ ବଡ଼ ସମସ୍ୟାମାନଙ୍କ ମଧ୍ୟରୁ ଗୋଟିଏ ହେଉଛି, ଭାରତରେ ବୃତ୍ତିଗତ ସାମାଜିକ କର୍ମୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ନିୟାମକ ବ୍ୟବସ୍ଥାର ଅଭାବ। ଦେଶର ଅନ୍ୟାନ୍ୟ ସ୍ଥାପିତ ପେସାମାନଙ୍କ ପରି ସାମାଜିକ କାର୍ଯ୍ୟ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ୱତନ୍ତ୍ର ବୈଧାନିକ ପରିଷଦ ଗଠିତ ହୋଇନାହିଁ। ଏହିପରି ଏକ ପରିଷଦ ପେସାଗତ ଶିକ୍ଷା, ନୈତିକ ମାନଦଣ୍ଡ, କାର୍ଯ୍ୟପ୍ରଣାଳୀ ଓ ବୃତ୍ତିଗତ ବିକାଶକୁ ନିୟନ୍ତ୍ରଣ ଓ ସୁଦୃଢ଼ କରିପାରିଥା'ନ୍ତା। ଭାରତ ପରି ଏକ ଦେଶ, ଯାହା ବହୁମୁଖୀ ସାମାଜିକ ସମସ୍ୟାର ସମ୍ମୁଖୀନ, ସେଠାରେ ସ୍ୱୀକୃତିପ୍ରାପ୍ତ ଓ ଦକ୍ଷ ସାମାଜିକ କର୍ମୀଙ୍କର ଏକ ସୁଦୃଢ଼ ବ୍ୟବସ୍ଥା ଅତ୍ୟନ୍ତ ଆବଶ୍ୟକ। ଏହି ପେସାକୁ ସୁଦୃଢ଼ କରିବା କେବଳ ସାମାଜିକ କର୍ମୀଙ୍କ ସ୍ୱାର୍ଥରେ ନୁହେଁ, ବରଂ ସମଗ୍ର ସାମାଜିକ ବିକାଶ କାର୍ଯ୍ୟକ୍ରମର ଗୁଣବତ୍ତା ଓ ପ୍ରଭାବଶାଳୀତା ବୃଦ୍ଧି ପାଇଁ ମଧ୍ୟ ଅତ୍ୟନ୍ତ ଜରୁରୀ।

ଏହି ଅଧ୍ୟୟନ ସାମାଜିକ କର୍ମୀମାନଙ୍କ ନିଯୁକ୍ତି ସ୍ଥିତି ସମ୍ପର୍କରେ ଏକ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରିଛି। ସର୍ବେକ୍ଷଣରେ ଅଂଶଗ୍ରହଣ କରିଥିବା କେବଳ ୧୧.୮ ପ୍ରତିଶତ ସାମାଜିକ କର୍ମୀ ସ୍ଥାୟୀ ଚାକିରିରେ ନିଯୁକ୍ତ ଥିବା କହିଛନ୍ତି। ଅଧିକାଂଶ ସାମାଜିକ କର୍ମୀ ଚୁକ୍ତିଭିତ୍ତିକ, ଅସ୍ଥାୟୀ କିମ୍ବା ପ୍ରକଳ୍ପଭିତ୍ତିକ ନିଯୁକ୍ତିରେ କାମ କରୁଛନ୍ତି। ଅନେକ ସାମାଜିକ କର୍ମୀ ଉଚ୍ଚ ଶିକ୍ଷା, ବୃତ୍ତିଗତ ଦକ୍ଷତା ଓ ବହୁ ବର୍ଷର ଅଭିଜ୍ଞତା ରଖିଥିଲେ ମଧ୍ୟ ସେମାନଙ୍କ ଚାକିରି ଭବିଷ୍ୟତ ସବୁବେଳେ ଅନିଶ୍ଚିତ ରହୁଛି। ସେମାନେ ଭବିଷ୍ୟନିଧି, ପେନ୍‌ସନ୍, ଗ୍ରାଚୁଇଟି, ବେତନଯୁକ୍ତ ଛୁଟି, ସ୍ୱାସ୍ଥ୍ୟ ବୀମା ଏବଂ ଅନ୍ୟାନ୍ୟ ବୈଧାନିକ ସୁବିଧାରୁ ବଞ୍ଚିତ। ଏହା ଏକ ବଡ଼ ବିରୋଧାଭାସ ସୃଷ୍ଟି କରୁଛି। ଅଧ୍ୟୟନରେ ଦେଖାଯାଇଛି ଯେ, ୧୭ ପ୍ରତିଶତ ସାମାଜିକ କର୍ମୀ ନିଜ କର୍ତ୍ତବ୍ୟ ପାଳନ ସମୟରେ ଜୀବନ ପ୍ରତି ବିପଦର ସମ୍ମୁଖୀନ ହୋଇଛନ୍ତି। ଏହାଛଡ଼ା କାର୍ଯ୍ୟସ୍ଥଳରେ ଉତ୍ପୀଡ଼ନ ଓ ସୁରକ୍ଷା ସମସ୍ୟା ସମ୍ପର୍କରେ ମଧ୍ୟ ଅନେକ ଉତ୍ତରଦାତା ମତ ଦେଇଛନ୍ତି। ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଓ ଅନୁଷ୍ଠାନଗତ ସହଯୋଗର ଅଭାବ ସାମାଜିକ କର୍ମୀମାନଙ୍କ ମଧ୍ୟରେ ମାନସିକ ଚାପ ଓ ଅସୁରକ୍ଷା ବଢ଼ାଇ ଦେଉଛି। ଏହା କାମ କରିବାର ପ୍ରେରଣା ଏବଂ ପେସାଗତ ସନ୍ତୁଷ୍ଟି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଏ। ତେଣୁ ଅନେକ ଅଭିଜ୍ଞ ସାମାଜିକ କର୍ମୀ ପେସା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି।

ଆଜିର ଭାରତ ଅନେକ ଜଟିଳ ଓ ପରସ୍ପର ସମ୍ବନ୍ଧିତ ସାମାଜିକ ସମସ୍ୟାର ସମ୍ମୁଖୀନ ହେଉଛି। ଜଳବାୟୁ ପରିବର୍ତ୍ତନ, ସ୍ଥାନାନ୍ତରଣ, ସହରାଞ୍ଚଳର ଦାରିଦ୍ର୍ୟ, ବୟସ୍କ ଜନସଂଖ୍ୟାର ବୃଦ୍ଧି, ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ବେକାରି, ଲିଙ୍ଗଗତ ଅସମାନତା ଏବଂ ସାମାଜିକ ବାସନ୍ଦ ପରି ସମସ୍ୟାଗୁଡ଼ିକ ଦେଶର ସାମଗ୍ରିକ ବିକାଶ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରୁଛି। ଏହି ସମସ୍ତ ସମସ୍ୟାର ସଫଳ ସମାଧାନ ପାଇଁ ଏଭଳି ବୃତ୍ତିଗତ ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି, ଯେଉଁମାନେ ସମ୍ପ୍ରଦାୟର ସମସ୍ୟାକୁ ଗଭୀର ଭାବରେ ବୁଝନ୍ତି, ତୃଣମୂଳ ସ୍ତରରେ କାର୍ଯ୍ୟ କରନ୍ତି ଏବଂ ସାଧାରଣ ଲୋକଙ୍କୁ ସରକାରୀ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ସହିତ ସଂଯୋଗ କରିପାରନ୍ତି। ଦେଶର ସମାବେଶୀ ବିକାଶ ଏବଂ ସ୍ଥାୟୀ ବିକାଶ ସୁନିଶ୍ଚିତ କରିବାରେ ସାମାଜିକ କର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ସାମାଜିକ କାର୍ଯ୍ୟ ପେସାକୁ ସ୍ୱୀକୃତି ଦେବା ଓ ସୁଦୃଢ଼ କରିବା କେବଳ ଜଣେ ବୃତ୍ତିଜୀବୀଙ୍କୁ ସମର୍ଥନ କରିବା ନୁହେଁ, ବରଂ ଭାରତର ସାମାଜିକ ପ୍ରଗତିରେ ଏକ ଦୀର୍ଘମିଆଦୀ ବିନିଯୋଗ କରିବା ସହ ସମାନ।

ସାମାଜିକ କର୍ମୀମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହାର ସମାଧାନ ପାଇଁ ତୁରନ୍ତ ସରକାରୀ ନୀତିଗତ ପଦକ୍ଷେପ ଓ ଅନୁଷ୍ଠାନଗତ ସଂସ୍କାରର ଆବଶ୍ୟକତା ରହିଛି। ଭାରତରେ ସାମାଜିକ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ବୃତ୍ତିଗତ ବ୍ୟବସ୍ଥା ଗଠନ କରାଯିବା ଆବଶ୍ୟକ। ଏଥିପାଇଁ ଜାତୀୟ ସାମାଜିକ କାର୍ଯ୍ୟ ପରିଷଦ ଗଠନ କରାଯାଇପାରେ, ଯାହା ଶିକ୍ଷା, ପ୍ରଶିକ୍ଷଣ, ନୈତିକ ମାନଦଣ୍ଡ ଏବଂ ପେସାଗତ କାର୍ଯ୍ୟପ୍ରଣାଳୀ ପାଇଁ ସ୍ପଷ୍ଟ ମାନକ ନିର୍ଦ୍ଧାରଣ କରିବ। ଏହାସହିତ ସାମାଜିକ କର୍ମୀମାନଙ୍କର ଚାକିରି ସ୍ଥିତିରେ ମଧ୍ୟ ଉନ୍ନତି ଆଣିବା ଆବଶ୍ୟକ। ସରକାରୀ ଯୋଜନା, ବେସରକାରୀ ସଂଗଠନ ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ କାର୍ଯ୍ୟରତ ସାମାଜିକ କର୍ମୀମାନଙ୍କୁ ଯଥୋଚିତ ଦରମା, ନିରାପଦ କାର୍ଯ୍ୟ ପରିବେଶ ଏବଂ ସାମାଜିକ ସୁରକ୍ଷା ସୁବିଧା ମିଳିବା ଉଚିତ। ସାମାଜିକ କାର୍ଯ୍ୟ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ମଧ୍ୟ ସମାନ ଭାବେ ଜରୁରୀ। ଏଥିପାଇଁ ଦୃଢ଼ ଶିକ୍ଷାଗତ ଭିତ୍ତି, ଉନ୍ନତ କ୍ଷେତ୍ର ପ୍ରଶିକ୍ଷଣ ଏବଂ ବ୍ୟବହାରିକ ଅଭିଜ୍ଞତା ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସାମାଜିକ କର୍ମୀମାନଙ୍କୁ ଜାତୀୟ ବିକାଶର ଅପରିହାର୍ଯ୍ୟ ସହଭାଗୀ ଭାବେ ସ୍ୱୀକୃତି ଦେବା ଆବଶ୍ୟକ। ସେମାନଙ୍କ ଜ୍ଞାନ ଓ ଦକ୍ଷତାକୁ ସରକାରୀ ନୀତି, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସାମୁଦାୟିକ ବିକାଶ କାର୍ଯ୍ୟକ୍ରମରେ ସଠିକ୍ ଭାବରେ ସାମିଲ କରାଯିବା ଉଚିତ। ଯେଉଁମାନେ ସମାଜକୁ ସୁରକ୍ଷା ଦିଅନ୍ତି, ସେମାନଙ୍କୁ ମଧ୍ୟ ସୁରକ୍ଷା ଦେବା ଦରକାର। ସାମାଜିକ କର୍ମୀମାନଙ୍କର ଅବଦାନକୁ ସ୍ୱୀକାର ନଲେ ଭାରତର ବିକାଶର କାହାଣୀ କେବେ ବି ସମ୍ପୂର୍ଣ୍ଣ ହେବ ନାହିଁ। ସାମାଜିକ କର୍ମୀମାନେ କୌଣସି ବିଶେଷ ସୁବିଧା ଦାବି କରୁନାହାନ୍ତି। ସେମାନେ କେବଳ ପେସାଗତ ସମ୍ମାନ, ନ୍ୟାୟସଙ୍ଗତ ସୁଯୋଗ ଏବଂ ମୌଳିକ ସୁରକ୍ଷା ଆଶା କରୁଛନ୍ତି। ଏବେ ସମୟ ଆସିଛି ସାମାଜିକ କର୍ମୀମାନଙ୍କୁ କେବଳ ଅଦୃଶ୍ୟ ସହାୟକ ଭାବରେ ନୁହେଁ, ବରଂ ରାଷ୍ଟ୍ର ଗଠନର ଅପରିହାର୍ଯ୍ୟ ସହଭାଗୀ ଭାବରେ ସ୍ୱୀକୃତି ଦେବାର। ●

(ସହକାରୀ ଅଧ୍ୟାପକ, ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ)
ଭୁବନେଶ୍ୱର, ମୋ: ୯୮୬୧୦୬୫୧୬୪

## ଆବେଗହୀନ ଶୈଶବ

ବିଶ୍ୱନାଥ ପାଢ଼ୀ

ଆଜିର ବଦଳୁଥିବା ସମାଜରେ ପିଲାମାନଙ୍କ ଆଚରଣରେ ଏକ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସେମାନେ ଏକାନ୍ତ ବା କୋଠରି ଭିତରେ ଏକୁଟିଆ ରହିବାକୁ ପସନ୍ଦ କରୁଛନ୍ତି। ମିଳାମିଶା କରିବାକୁ କେହି କହିଲେ କିମ୍ବା ମିଳାମିଶା ପାଇଁ ଚେଷ୍ଟା କଲେ ସେମାନେ ଉତ୍କ୍ଷିପ୍ତ ହୋଇପଡୁଛନ୍ତି। 'ଜେନ-ଜେଡ୍' ପିଢ଼ିର ପିଲାମାନଙ୍କ ମଧ୍ୟରେ ଅନେକ ସମୟରେ ଏକ ଅଜବ ଜିଦ୍‌ଖୋର ମନୋଭାବ ଦେଖାଯାଉଛି, ଯେଉଁଠାରେ ସେମାନେ ନିଜକୁ ସର୍ବଦା ଠିକ୍ ବୋଲି ପ୍ରମାଣ କରିବାକୁ ଚାହୁଁଛନ୍ତି। ଖେଳପଡ଼ିଆରେ ହେଉ ବା ପାଠପଢ଼ାରେ, ସେମାନେ ପରାଜୟକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯଦି କେହି ସେମାନଙ୍କୁ ସାମାନ୍ୟ ଥଟ୍ଟା କରୁଛି ବା ସେମାନଙ୍କ ଦୋଷ ଦେଖାଇଦେଉଛି, ତେବେ ସେମାନେ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇଯାଉଛନ୍ତି ଏବଂ ନିଜର ଆବେଗ ଉପରେ ନିୟନ୍ତ୍ରଣ ହରାଉଛନ୍ତି। ଏହି ପିଲାମାନେ କୌଣସି ଭୁଲ୍ କରିଥିଲେ ମଧ୍ୟ କେବେ କ୍ଷମା ମାଗିବାକୁ ପସନ୍ଦ କରୁନାହାନ୍ତି, ବରଂ ନିଜ ଅଭିମାନକୁ ବଡ଼ ମନେ କରି ଅନ୍ୟମାନଙ୍କଠାରୁ ଖୁବ୍ ଶୀଘ୍ର ଦୂରେଇ ଯାଉଛନ୍ତି। ସେମାନଙ୍କ ମଧ୍ୟରେ ସମ୍ପର୍କରୁ ବିଚ୍ଛିନ୍ନ ହେବାର ପ୍ରବୃତ୍ତି ଏତେ ଅଧିକ ଯେ, ସେମାନେ ନିଜର ବଡ଼ କିମ୍ବା ସାନ ଭାଇଭଉଣୀଙ୍କ ସହ ମଧ୍ୟ ନିଜ ମନର କଥା ବାଣ୍ଟୁନାହାନ୍ତି। ଏହା କେବଳ ଡିଜିଟାଲ୍ ନିଶା ନୁହେଁ, ବରଂ ଏକ ଗଭୀର ମାନସିକ ଦୂରତା।

ପିଲାମାନେ ଆଜିକାଲି ନିଜକୁ ଗୁପ୍ତ ରଖିବାକୁ ଚେଷ୍ଟା କରୁଛନ୍ତି, ଯାହାଫଳରେ ସେମାନଙ୍କ ସାମାଜିକ ବିକାଶ ବାଧାପ୍ରାପ୍ତ ହେଉଛି। ସେମାନଙ୍କର ଏହି 'ଇଗୋ' ବା ଅହଂକାର ସେମାନଙ୍କୁ ବାସ୍ତବ ଦୁନିଆର ଶିକ୍ଷା ଓ ସଂସ୍କାରଠାରୁ ଦୂରେଇ ନେଉଛି। ଆଜିକାଲିର ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଏହି ଆଚରଣଗତ ପରିବର୍ତ୍ତନ ପଛରେ କେବଳ ସେମାନଙ୍କର ଜିଦ୍ ନୁହେଁ ବରଂ କିଛି ଗଭୀର ମାନସିକ ଏବଂ ସ୍ନାୟବିକ କାରଣ ମଧ୍ୟ ରହିଛି। ପ୍ରଥମତଃ, ସାମାଜିକ ଗଣମାଧ୍ୟମ ଏବଂ ଭିଡିଓ ଗେମ୍‌ର ଅତ୍ୟଧିକ ବ୍ୟବହାର ଯୋଗୁଁ ମସ୍ତିଷ୍କରେ 'ଡୋପାମାଇନ୍' ନାମକ ହରମୋନ୍ କ୍ଷରିତ ହେଉଛି। ଯାହା ପିଲାଙ୍କୁ ତତ୍କାଳ ସନ୍ତୋଷ ଦେଉଛି। ଯେତେବେଳେ ସେମାନେ ବାସ୍ତବ ଦୁନିଆକୁ ଆସୁଛନ୍ତି ବା ସାମାଜିକ କାର୍ଯ୍ୟକ୍ରମକୁ ଯାଉଛନ୍ତି, ସେଠାରେ ଏହି ସନ୍ତୋଷ ତାଙ୍କୁ ଧୀରେ ଧୀରେ ମିଳୁଛି, ଫଳରେ ସେମାନେ ବିରକ୍ତ ହେଉଛନ୍ତି ଏବଂ ଏକାକୀ ରହିବାକୁ ପସନ୍ଦ କରୁଛନ୍ତି। ଦ୍ୱିତୀୟରେ ମସ୍ତିଷ୍କର 'ଆମିଗଡ଼ାଲା' ଅଂଶ ଆମର ଭୟ ଓ କ୍ରୋଧକୁ ନିୟନ୍ତ୍ରଣ କରୁଛି। ଯେତେବେଳେ ପିଲାମାନଙ୍କୁ କେହି ଥଟ୍ଟା କରୁଛି ବା ସେମାନେ ହାରିଯାଉଛନ୍ତି, ସେମାନଙ୍କର ଏହି ଅଂଶ ଅଧିକ ସକ୍ରିୟ ହେଇଯାଉଛି, ଯାହାଫଳରେ ସେମାନେ ଆବେଗ ଉପରେ ନିୟନ୍ତ୍ରଣ ହରାଇ ବସୁଛନ୍ତି। କିଶୋର ଅବସ୍ଥାରେ ମସ୍ତିଷ୍କର ଯେଉଁ ଅଂଶ (ପ୍ରି-ଫ୍ରଣ୍ଟାଲ କର୍ଟେକ୍ସ) ନିଷ୍ପତ୍ତି ନେବା ଏବଂ ସମ୍ପର୍କ ବୁଝିବାରେ ସାହାଯ୍ୟ କରେ ତାହା ତାଙ୍କର ସମ୍ପୂର୍ଣ୍ଣ ବିକଶିତ ହୋଇ ନ ଥିବା କାରଣରୁ ସେମାନେ ନିଜକୁ ସବୁବେଳେ ଠିକ୍ ମନେ କରୁଛନ୍ତି ଏବଂ ଯୁକ୍ତି କରୁଛନ୍ତି। ସବୁବେଳେ ଡିଜିଟାଲ୍ ଦୁନିଆରେ ରହିବା ଫଳରେ ବାସ୍ତବ ଦୁନିଆର ସମ୍ପର୍କୀୟଙ୍କ ସହ କଥା ହେବାକୁ ମଧ୍ୟ ସେମାନେ ଭୟ (ସୋସିଆଲ୍ ଆଙ୍ଗଜାଇଟି) ମନେ କରୁଛନ୍ତି, ଯାହାକୁ ସେମାନେ 'ପ୍ରାଇଭେସି' ବା 'ଗୋପନୀୟତା'ର ନାମ ଦେଉଛନ୍ତି।

ଏହି ପିଲାମାନଙ୍କୁ କେବଳ ଗାଳି କରିବା କିମ୍ବା ଶାସନ କରିବା ସମାଧାନ ନୁହେଁ। ସେମାନଙ୍କ ମଧ୍ୟରେ ଦୟା, କ୍ଷମା ଓ ମିଳାମିଶାର ଗୁଣ ଭରିବା ପାଇଁ ଆମକୁ ବନ୍ଧୁ ଭଳି ସେମାନଙ୍କ ସହ ସମୟ ବିତାଇବାକୁ ହେବ। ରାତିରେ ଶୋଇବା ପୂର୍ବରୁ ଏବଂ ପରିବାର ସହ ଖାଇବା ସମୟରେ ମୋବାଇଲ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ। ଏହା ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରିବ। ପିଲାଙ୍କୁ ବୁଝାଇବାକୁ ହେବ ଯେ ପରାଜୟର ଅର୍ଥ ଶେଷ ନୁହେଁ, ବରଂ ଶିଖିବାର ଏକ ସୁଯୋଗ। ସେମାନଙ୍କୁ ବିଭିନ୍ନ ଦଳଗତ କାର୍ଯ୍ୟ ବା ଖେଳରେ ସାମିଲ କରିବାକୁ ହେବ, ଯେଉଁଠି ସେମାନେ ଜିତିବା ଅପେକ୍ଷା ମିଳିମିଶି ଖେଳିବାର ଗୁରୁତ୍ୱ ବୁଝିବେ। ସେମାନଙ୍କୁ 'କ୍ଷମା' ଓ 'ଧନ୍ୟବାଦ'ର ଗୁରୁତ୍ୱ ଜଣେଇବାକୁ ହେବ। ଯଦି ପିଲା କୌଣସି ଜିନିଷ ପାଇଁ ରାଗୁଛି, ତେବେ ତା' ଉପରେ ରାଗିବା ପରିବର୍ତ୍ତେ ତା'କୁ ଶାନ୍ତ ହେବାକୁ ସମୟ ଦେଇ ପରେ ସେହି ବିଷୟରେ ଆଲୋଚନା କରିବାକୁ ହେବ। ପିଲାଙ୍କୁ ସବୁ ଜିନିଷ ତୁରନ୍ତ ଦେବା ଅପେକ୍ଷା କିଛି ସମୟ ଅପେକ୍ଷା କରାଇବା ଶିଖାଇବାକୁ ହେବ। ଏହା ସେମାନଙ୍କ ଆବେଗିକ ନିୟନ୍ତ୍ରଣ କ୍ଷମତା ବଢ଼ାଇବ। ପିଲାଙ୍କ ସହ ଏମିତି ସମ୍ପର୍କ ରଖିବାକୁ ହେବ ଯେପରି ସେମାନେ ନିଜ ମନର କଥା କହିବାକୁ ଭୟ କରିବେ ନାହିଁ। ଯେତେବେଳେ ସେମାନେ ଜାଣିବେ ଯେ ସେମାନଙ୍କୁ କେହି ସମାଲୋଚନା କରୁନାହିଁ, ସେମାନେ ନିଜକୁ ଏକୁଟିଆ କରି ରଖିବା ବନ୍ଦ କରିଦେବେ।

ପିଲାମାନଙ୍କୁ ବଦଳାଇବା ପାଇଁ ପ୍ରଥମେ ଆମକୁ ସେମାନଙ୍କ ଦୁନିଆକୁ ବୁଝିବାକୁ ହେବ। ସ୍ନେହ ଓ ସଠିକ୍ ବୁଝାମଣା ହିଁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିପାରିବ। ସେମାନଙ୍କ 'ପ୍ରାଇଭେସି'କୁ ସମ୍ମାନ ଦେବା ସହ ସେମାନଙ୍କୁ ସାମାଜିକ ଦାୟିତ୍ୱବୋଧ ବିଷୟରେ ବୁଝାଇବାକୁ ହେବ, ଯେପରି ସେମାନେ ସେହି ଅନ୍ଧକାରପୂର୍ଣ୍ଣ ଏକାକୀପଣରୁ ବାହାରି ଏକ ସୁସ୍ଥ ପାରିବାରିକ ଜୀବନ ବଞ୍ଚିପାରିବେ। ଆମକୁ ସେମାନଙ୍କୁ ଶିଖାଇବାକୁ ହେବ ଯେ ଜୀବନରେ ହାରିବା ଏବଂ କ୍ଷମା ମାଗିବା ମଣିଷକୁ ଛୋଟ କରେନାହିଁ, ବରଂ ମହାନ କରିଥାଏ। ●

(ଓଡ଼ିଶା ଆଦର୍ଶ ବିଦ୍ୟାଳୟ)
ସତ୍ୟବାଦୀ(ପୁରୀ), ମୋ: ୯୨୩୮୮୩୧୬୫୮

## ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଐତିହ୍ୟ ଓ ସାଂସ୍କୃତିକ ମିଳନ

ଡକ୍ଟର ଗୌରୀଶଙ୍କର ଯୁଗ ପ୍ରକାଶ ଜେନା

ଜଗନ୍ନାଥ ସଂସ୍କୃତି ହେଉଛି ଭାରତର ସବୁଠାରୁ ପ୍ରାଚୀନ ପ୍ରାକୃତିକ ଐତିହ୍ୟ। ଆଦିବାସୀ ଉତ୍ପତ୍ତିର ଦେବତା ଭାବରେ ପ୍ରଭୁ ଜଗନ୍ନାଥ ଓଡ଼ିଶାର କିମ୍ବଦନ୍ତୀ, ଲୋକକଥା ଓ ଐତିହାସିକ ତଥ୍ୟରୁ ସ୍ପଷ୍ଟ ହୁଏ। ଶବର ଜନଜାତି ଦ୍ୱାରା ଶ୍ରୀଜଗନ୍ନାଥଙ୍କ ପୂଜା ପରବର୍ତ୍ତୀ ସମୟରେ ହିନ୍ଦୁ ରୀତିନୀତିରେ ଗ୍ରହଣ କରାଯାଇଛି। ଓଡ଼ିଶାର ଆଞ୍ଚଳିକ ପରମ୍ପରା ଏକ ଜନଜାତି ନିରନ୍ତରତାକୁ ପ୍ରତିନିଧିତ୍ୱ କରେ। ରାଜ୍ୟରେ ପ୍ରାୟ ୬୪ ଟି ଆଦିବାସୀ ସମ୍ପ୍ରଦାୟ ଅଛି, ଯାହା ରାଜ୍ୟ ଜନସଂଖ୍ୟାର ୨୩ ପ୍ରତିଶତ। ରାଜ୍ୟରେ ବିପୁଳ ଆଦିବାସୀ ଜନସଂଖ୍ୟାର ଉପସ୍ଥିତି ହିନ୍ଦୁ ଓ ଆଦିବାସୀ ସଂସ୍କୃତିର ମିଶ୍ରଣକୁ ପ୍ରୋତ୍ସାହିତ କରିଛି, ଯାହାମଧ୍ୟରୁ ଶ୍ରୀଜଗନ୍ନାଥ ସଂସ୍କୃତି ବିକଶିତ ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରକୃତି ପୂଜା ଉପରେ ବହୁତ ଗୁରୁତ୍ୱ ଦିଏ। ଶ୍ରୀଜଗନ୍ନାଥ ମନ୍ଦିରର ବିଭିନ୍ନ ରୀତିନୀତି ପରିବେଶ ସମ୍ବେଦନଶୀଳ, ଯାହା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରେ ଏବଂ ଭାରତର ଅମୂର୍ତ୍ତ ପ୍ରାକୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଆଦିବାସୀ ରୀତିନୀତି ପ୍ରଥା ସହିତ ଜଗନ୍ନାଥ ସଂସ୍କୃତିକୁ ପରସ୍ପର ସହିତ ସଂଯୁକ୍ତ କରୁଥିବା ପ୍ରକୃତିର ପୂଜା ନିମ୍ନମତେ-

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



୧. ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମ ଭାବରେ ପୂଜା କରାଯାଏ, ଯାହା ଭାରତ କିମ୍ବା ବିଦେଶର ଅନ୍ୟ କୌଣସି ହିନ୍ଦୁ ମନ୍ଦିରରେ ଦେଖାଯାଏ ନାହିଁ। ଏହା ଅନନ୍ୟ, ରହସ୍ୟମୟ ଓ ଅତୁଳନୀୟ। ୨. ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଗିନୀ ସୁଭଦ୍ରା ତ୍ରିମୂର୍ତ୍ତିଙ୍କ ପୂଜା ଓଡ଼ିଶାର ସୌରା ଏବଂ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟର ଭାଇଭଉଣୀ ପୂଜା ସହିତ ସମାନ। ୩. ଅରୁଣ ସ୍ତମ୍ଭ, ଗରୁଡ଼ ସ୍ତମ୍ଭ ଏବଂ କଳ୍ପବଟ (ବରଗଛ)ଙ୍କ ବୃକ୍ଷ ପୂଜା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ କାଠସ୍ତମ୍ଭ ପୂଜା ସହିତ ସମାନ। ୪. ଜଗନ୍ନାଥ ମନ୍ଦିରର ଦଇତାପତିମାନେ ବିଶ୍ୱାବାସୁଙ୍କ ଉତ୍ତରାଧିକାରୀ ବୋଲି କୁହାଯାଏ। ସେମାନେ ଜଗନ୍ନାଥଙ୍କ ସଭାର ଭକ୍ତ। ସେମାନଙ୍କୁ ଅଣସର ସମୟରେ ପୁରୀ ମନ୍ଦିରରେ ଗୁପ୍ତ ରୀତିନୀତି ଓ ରଥଯାତ୍ରାର ଦାୟିତ୍ୱ ନ୍ୟସ୍ତ କରାଯାଏ। ୫. ଅଣସର ସମୟରେ ଦେବତାମାନଙ୍କର ଅଣସରପଟ୍ଟି (ପାରମ୍ପରିକ ପଟ୍ଟ ଚିତ୍ର) ପୂଜା ଏବଂ ଦେବତାମାନଙ୍କୁ ଔଷଧ ଭାବରେ ନୂତନ ଫଳ, ଫୁଲ ଓ ଔଷଧି ଅର୍ପଣ କରିବା ଆଦିବାସୀ ରୀତିନୀତି ପ୍ରଥା ସହିତ ସମାନତାକୁ ସୂଚିତ କରେ। ୬. ପୁଷ୍ଟିଯୁକ୍ତ ମୂଲ୍ୟ ଓ ଜୀବସାର ସଂରକ୍ଷଣ କରି ମାଟି ପାତ୍ରରେ ବାଷ୍ପ ଦେଇ ସୁଆରମାନେ ପ୍ରତିଦିନ ପ୍ରସ୍ତୁତ ମହାପ୍ରସାଦ ଦେବତାମାନଙ୍କୁ ଅର୍ପଣ କରନ୍ତି ଏବଂ ତା'ପରେ ସମସ୍ତଙ୍କ ଦ୍ୱାରା ଗ୍ରହଣ କରାଯାଏ। ଏହା ବ୍ୟତୀତ, ପୁରୀ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ଛପନ ଭୋଗ (ଛପନ ପ୍ରକାରର ନୈବେଦ୍ୟ)ରେ ଓଡ଼ିଶାର ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ଅନ୍ତର୍ଭୁକ୍ତ। ୭. ପୁରୀ ମନ୍ଦିରରେ ପାଳିତ ପର୍ବଗୁଡ଼ିକ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପାଳିତ ପର୍ବଗୁଡ଼ିକ ସହିତ ବହୁତ ସମାନ। ୮. ନବକଳେବର ରୀତି ହେଉଛି ଓଡ଼ିଶାର ସୌରା, ଗଣ୍ଡ, କନ୍ଧ ଏବଂ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପାଳନ କରାଯାଉଥିବା ଆଦିବାସୀ ରୀତି ପ୍ରଥାର ଏକ ବଡ଼ ପ୍ରତିକୃତି, ଯେଉଁମାନେ ଜଗନ୍ନାଥଙ୍କୁ ସେମାନଙ୍କର ମୂଳ ଦେବତା ବୋଲି ଦାବି କରନ୍ତି। ନବକଳେବର ରୀତି ସମୟରେ ଅଙ୍କୁରାରୋପଣ (ବୀଜର ଅଙ୍କୁରିତ ହେବା) ଏବଂ ତା'ପରେ ଯଜ୍ଞ (ଅଗ୍ନି ଯଜ୍ଞ), କାଠ ଦେବତାଙ୍କ ସମାଧି (ମାଟିର ଉର୍ବରତା ବୃଦ୍ଧି) ଏବଂ ଅନ୍ୟାନ୍ୟ ଏପରି ପ୍ରଥା ବୈଜ୍ଞାନିକ, ଆଧ୍ୟାତ୍ମିକ ଏବଂ ନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ବିଭିନ୍ନ ରୀତିନୀତି ଓଡ଼ିଶାର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଯଥା ସୌରା, ଗଣ୍ଡ, କନ୍ଧ, ସାନ୍ତାଳ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ଦ୍ୱାରା ପାଳନ କରାଯାଉଥିବା ସ୍ୱତନ୍ତ୍ର ପାରମ୍ପରିକ ଜ୍ଞାନ, ମୌଖିକ ପରମ୍ପରା ଏବଂ ରୀତିନୀତି ପ୍ରଥାର ସଂରକ୍ଷଣକୁ ସମର୍ଥନ କରେ। ଏହି ସର୍ବୋତ୍ତମ ପ୍ରଥାଗୁଡ଼ିକୁ ମୂଳତଃ ସଂରକ୍ଷିତ କରାଯିବା ଆବଶ୍ୟକ। ଅସ୍ପଷ୍ଟ ପ୍ରାକୃତିକ ଓ ସାଂସ୍କୃତିକ ଐତିହ୍ୟ ପରିପ୍ରେକ୍ଷୀରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରାଯିବା ଆବଶ୍ୟକ। ଅଭିଜ୍ଞତାମୂଳକ କ୍ଷେତ୍ର ଆଧାରିତ ଗବେଷଣା ତତ୍ତ୍ୱ ଓ ତଥ୍ୟ ମାଧ୍ୟମରେ ଏହାକୁ ଅଧିକ ପ୍ରଚାର ପ୍ରସାର କରାଯିବା ଆବଶ୍ୟକ। ଏହା ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତି, ରୀତିନୀତି ଓ ଭାରତୀୟ ଜ୍ଞାନ ବିଜ୍ଞାନ ସାମ୍ରାଜ୍ୟକୁ ଋଦ୍ଧିମନ୍ତ କରିବାରେ ସହାୟକ ହେବ। ●

(ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ)
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୪ ବର୍ଷର ପୁଅକୁ ହତ୍ୟାକଲା ବାପା



କପ୍ତିପଦା,୧୬।୭(ସମିସ): ବାପା ସାଜିଲା ଜହ୍ଲାଦ। ଦୁନିଆଁ କ'ଣ ଜାଣି ନ ଥିବା ୪ ବର୍ଷର ପୁଅକୁ କଟୁରୀରେ ହାଣି ହତ୍ୟା କରିଛି ବାପା। ଏଭଳି ଏକ ହୃଦୟ ବିଦାରକ ଘଟଣା ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ଘଟିଛି। ପୁରୁଣାପାଣି ଗ୍ରାମର ସୋହନ ସିଂ ଆଜି ସକାଳେ ଘରେ କେହି ନ ଥିବାବେଳେ ତାଙ୍କର ୪ ବର୍ଷର ପୁଅ ଦୁମ୍ପି ସିଂଙ୍କୁ କଟୁରୀରେ ହାଣି ହତ୍ୟା କରିଛନ୍ତି। ଦୁମ୍ପିର ମାଆ ସୁକାନ୍ତୀ ଘରକୁ ଆସି କବାଟ ବନ୍ଦ ଥିବା ଦେଖି ପୁତୁରାକୁ ଡାକିଥିଲେ। ସେ କବାଟ ଭାଙ୍ଗି ଦୁମ୍ପି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ ଓ ଶରତ ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଉଦଳା ମେଡିକାଲକୁ ରେଫର କରିଥିଲେ। ତେବେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ସୋହନଙ୍କୁ ଗିରଫ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଛି। ତେବେ କେଉଁ କାରଣରୁ ସୋହନ ଏଭଳି ଅମାନୁଷିକ କାଣ୍ଡ ଭିଆଇଲେ, ତାହା ଜଣାପଡ଼ି ନ ଥିବାବେଳେ ସେ ପାଗଳ ହୋଇଯାଇଥିବା ସ୍ତ୍ରୀ ସୁକାନ୍ତୀ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦି' ହାତ...

ଅଧଘଣ୍ଟାଏ ପୂର୍ବରୁ ଅର୍ଥାତ୍ ଭୋର୍ ସାଢ଼େ ୫ଟାରେ ଆଳତି ହୋଇଥିଲା। ସେହିପରି ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ପାଇଁ ନୀତି ନିର୍ଘଣ୍ଟ ହୋଇଥିଲାବେଳେ ୯ଟାରେ ଆରମ୍ଭ ହୋଇଥିଲା ପହଣ୍ଡି। ଲାଗୁଥିଲା ରଥଟଣା ଧାର୍ଯ୍ୟ ସମୟ ପୂର୍ବରୁ ଆରମ୍ଭ ହୋଇଯିବ। କିନ୍ତୁ ସେମିତି ହେଲାନି। ପହଣ୍ଡିରେ ଅଭିମାନ କରିଥିଲେ କଳାଠାକୁର। ଫଳରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ପହଣ୍ଡି ସରିବାକୁ ଧାର୍ଯ୍ୟ ହୋଇଥିବାବେଳେ ଦେଢ଼ଘଣ୍ଟା ବିଳମ୍ବ ହୋଇ ଅପରାହ୍ଣ ୨ଟାରେ ସରିଥିଲା। ସେହିପରି ୧ ଘଣ୍ଟା ୧୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ଅପରାହ୍ଣ ୫ଟା ୧୦ରେ ଗଡ଼ିଥିଲା ରଥ।

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଭକ୍ତମୟ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ଯଦିଓ ଦୁଇଦିନ ଧରି ପୁରୀରେ ଲଗାଣ ବର୍ଷା ହେଉଥିଲା, ତଥାପି ବୁଧବାର ସନ୍ଧ୍ୟାରେ ବଡ଼ଦାଣ୍ଡରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଗୁରୁବାର ସକାଳୁ ସକାଳୁ ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥିଲା। ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ପୁରୀକୁ ଛୁଟିଆସିଥିଲେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ଗୁରୁବାର ଭୋର୍ ସାଢ଼େ ୫ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ସକାଳ ସାଢ଼େ ୮ଟାରେ ସକାଳଧୂପ ସରିଥିଲା। ୮ଟା ୪୫ରେ ରଥ ପ୍ରତିଷ୍ଠା ପରେ ପୁଷ୍ପାଞ୍ଜଳି ଓ ଡୋରଲାଗି ସରି ବାଜିଥିଲା ବିଜେ କାହାଳୀ। ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ଧାର୍ଯ୍ୟ ସମୟର ୩୦ ମିନିଟ୍ ପୂର୍ବରୁ ସକାଳ ୯ଟାରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ହରିବୋଲ, ହୁଳହୁଳି, ଘଣ୍ଟନାଦ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର ସମ୍ମୁଖ। ପରମ୍ପରା ଅନୁଯାୟୀ ଧାଡ଼ି ପହଣ୍ଡିରେ ଆସିଥିଲେ ଦାରୁବିଗ୍ରହ। ପ୍ରଥମେ ଶ୍ରୀସୁଦର୍ଶନ, ତା'ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ରଥାରୂଢ଼ ହୋଇଥିଲେ। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ଅପରାହ୍ଣ ସାଢ଼େ ୧ଟା ସୁଦ୍ଧା ରଥରେ ବିଜେ କରିଥିଲେ। ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ସଅଳ ସଅଳ ରଥାରୂଢ଼ ହୋଇଯାଇଥିଲେ। ହେଲେ ହଟ ଭିଆଇଥିଲେ ହଟିଆ ଠାକୁର। ମାନ କରିବା ଭଳି ଧୀରେ ଧୀରେ ହଲି ଦୋହଲି ଆଗକୁ ବଢ଼ିଥିଲେ। ପ୍ରାୟ ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ହଲିଝୁଲି ଶେଷରେ ଭାବ ବିନୋଦିଆ କଳା ଠାକୁର ରଥାରୂଢ଼ ହୋଇଥିଲେ। ମଦନମୋହନ, ରାମ ଓ କୃଷ୍ଣ ରଥକୁ ବିଜେ କରିବା ପରେ ମହାପ୍ରଭୁଙ୍କ ଚିତାଲାଗି କରାଯାଇଥିଲା। ଏହାପରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କର ଶିଷ୍ୟ ସାଧକଙ୍କ ସହିତ ଆସି ତିନିରଥ ଉପରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶଙ୍କରାଚାର୍ଯ୍ୟ ବିଦାୟ ପରେ ମହାପ୍ରଭୁଙ୍କ ବେଶ କରାଯାଇଥିଲା।

ଠାକୁରଙ୍କ ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମ୍ରଯାନରେ ଶ୍ରୀନଅରରୁ ଆସି ଅପରାହ୍ଣ ସାଢ଼େ ୩ଟା ସୁଦ୍ଧା ରଥ ପାଖରେ ପହଞ୍ଚିଥିଲେ। ବିଧି ଅନୁଯାୟୀ, ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଗଜପତି ମହାରାଜା ଛେରାପହଁରା ସାରି ୪ଟା ୪୦ରେ ଫେରିଯାଇଥିଲେ। ଛେରାପହଁରା ଅପରାହ୍ଣ ୩ଟା ସୁଦ୍ଧା ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ଗଜପତି ପ୍ରଥମେ ତାଳଧ୍ୱଜ ରଥରେ ଛେରାପହଁରା ସାରିବା ପରେ ବଡ଼ଠାକୁରଙ୍କ ରଥରେ ଚାରମାଳ ଫିଟା ଯାଇ ଘୋଡ଼ା ଓ ସାରଥୀ ଲାଗିଥିଲା। ଅପରାହ୍ଣ ୪ଟାରେ ରଥଟଣା ଯିବାକୁ ଧାର୍ଯ୍ୟ ହୋଇଥିବାବେଳେ ୧ ଘଣ୍ଟା ୧୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ୫ଟା ୧୦ରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଏବଂ ଘଣ୍ଟ ମାଡ଼ରେ ପ୍ରଥମେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥକୁ ଟାଣିଥିଲେ ଭକ୍ତ। ଏହା ପରେ ସନ୍ଧ୍ୟା ୬ଟା ୧୦ରେ ଦେବଦଳନ ରଥ ଟଣାଯାଇଥିଲା। ଶେଷରେ ବିଧି ରକ୍ଷା ପାଇଁ ନନ୍ଦିଘୋଷ ରଥ ସନ୍ଧ୍ୟା ୭ଟା ୧୦ରେ ଟଣାଯାଇଥିଲା। ସିଂହଦ୍ୱାରଠାରୁ ମାତ୍ର ଦି' ହାତ ନନ୍ଦିଘୋଷ ଆଗକୁ ଗଡ଼ିବା ପରେ ରଥଟଣା ବନ୍ଦ ରହିଛି। ତେବେ ରଥ ଆଡ଼କୁ ଯିବା ପାଇଁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମରିଚିକୋଟ ଛକରେ ଠେଲାପେଲା ଏବଂ ଦଳାଚକଟା ଘଟି ଅନେକ ଶ୍ରଦ୍ଧାଳୁ ତଳେ ପଡ଼ିଯାଇଥିଲେ। ସେମାନଙ୍କ ଉପରେ ଅନ୍ୟମାନେ ଚଢ଼ିଯିବାରୁ ବହୁ ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସେମାନଙ୍କୁ ସୁରକ୍ଷା କର୍ମୀ ଓ ଅନ୍ୟ ଶ୍ରଦ୍ଧାଳୁମାନେ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ମୃତକ ଦୁଇଜଣ ହେଉଛନ୍ତି କଟକର ଅନୀଲ କୁମାର ଦାସ ଏବଂ ଆନ୍ଧ୍ରପ୍ରଦେଶର ସୂର୍ଯ୍ୟପ୍ରକାଶ ରାଓ।

ଅପରପକ୍ଷେ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଅଟକି ରହିଥିବା ତିନିରଥ ଚତୁଃପାଶ୍ୱର୍କୁ କର୍ଡନ କରାଯାଇ ଲାଇଟ୍ ଲଗାଯାଇଛି। ଫଳରେ ଶ୍ରଦ୍ଧାଳୁମାନେ ରାତିରେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିପାରିବେ। ରଥ ଉପରେ ହିଁ ମହାପ୍ରଭୁଙ୍କ ନୀତିକାନ୍ତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସକାଳେ ବଡ଼ଦାଣ୍ଡରେ ଅଟକିଥିବା ତିନିରଥ ଟଣାଯିବ। ଶନିବାର ଅପରାହ୍ଣ ପର୍ଯ୍ୟନ୍ତ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଏହାପରେ ଅନୁଷ୍ଠିତ ହେବ ଠାକୁରଙ୍କ ଆଡ଼ପ ପହଣ୍ଡି। ଗୋଟି ପହଣ୍ଡିରେ ବିଜେ ହୋଇ ଆଡ଼ପମଣ୍ଡପକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି। ଆଉ ଏହା ପରଠାରୁ ଜନ୍ମବେଦୀରେ ଆରମ୍ଭ ହେବ ମହାପ୍ରଭୁଙ୍କ ଲୀଳାଖେଳା।

### ବିନା ଟାହିଆରେ...

ଅନ୍ୟପକ୍ଷରେ ବିନା ଟାହିଆରେ ମହାପ୍ରଭୁଙ୍କୁ ଦେଖି ଲକ୍ଷ ଲକ୍ଷ ଭକ୍ତ, ଗବେଷକ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ। ଏତେ ବଡ଼ ସେବା ଓ ନୀତିକାନ୍ତିରେ ଏଭଳି ସମନ୍ୱୟର ଅଭାବ ଏବଂ ପ୍ରଶାସନିକ ବିଭ୍ରାଟ କେମିତି ହେଲା ବୋଲି ପରସ୍ପରକୁ ପ୍ରଶ୍ନ କରିଥିଲେ। ଏହି ଅଘଟଣ ଜାଣିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁଲିସ ଡିଜି, ଏସ୍‌ପି, ଜିଲ୍ଲାପାଳ ସମସ୍ତେ ବିବ୍ରତ ହୋଇପଡିଥିଲେ। ଶେଷକୁ ବିନା ଟାହିଆରେ ସିଂହଦ୍ୱାର ଗୁମୁଟ ଅତିକ୍ରମ କରି ବଡ଼ଦାଣ୍ଡକୁ ବିଜେ କରିଥିଲେ କଳା ଠାକୁର।

ତିନିବର୍ଷ ଧରି ଲଗାତର ରଥଯାତ୍ରାରେ ଏଭଳି ଅଘଟଣ ପଛରେ ପରିଚାଳନାଗତ ତ୍ରୁଟି ନା ଆଉ କିଛି କାରଣ ରହିଛି? ଏମିତି ପ୍ରଶ୍ନବାଚୀ ସମସ୍ତଙ୍କ ମନରେ ସୃଷ୍ଟି ହେବା ସ୍ୱାଭାବିକ। ତେବେ ଚଳିତବର୍ଷ ରଥଯାତ୍ରାକୁ ସମ୍ପୂର୍ଣ୍ଣ ତ୍ରୁଟିହୀନ କରିବାକୁ ରାଜ୍ୟ ସରକାର ଘନ ଘନ ବୈଠକ କରିଥିଲେ ହେଁ ଠିକଣା ବେଳକୁ ସବୁ ଫେଲ୍ ମାରିଛି। ବର୍ଷା ଯୋଗୁଁ ଟାହିଆ ଓଜନିଆ ହୋଇ ନଷ୍ଟ ହେବାକୁ ଏହାକୁ ଖୋଲି ଦିଆଯାଇଥିଲା ବୋଲି ଜଣେ ସେବାୟତ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି। କିନ୍ତୁ ଅନ୍ୟଜଣେ ବରିଷ୍ଠ ସେବାୟତ ଦାମୋଦର ପଧାନୀ କହିଛନ୍ତି, ମହାପ୍ରଭୁଙ୍କ ମସ୍ତକରେ ଟାହିଆ ନ ରହିବା ଏହା ଅଶୁଭ ସୂଚନା ଦେଉଛି। ବିଗତ ବର୍ଷମାନଙ୍କରେ ସିଂହଦ୍ୱାର ଗୁମୁଟ ଅତିକ୍ରମ ପରେ ବି ସେମିତି ଟାହିଆ ଅକ୍ଷତ ଥିବା ଆମେ ଦେଖିଛୁ। ପହଣ୍ଡି ଏପରି କି, ଚାରମାଳ ଉପରେ ଚଢ଼ିବା ବେଳେ ଦୋଳାୟମାନ ଟାହିଆ ବେଶ୍ ଆକର୍ଷଣୀୟ ଲାଗିଥାଏ। ରୁନ୍ଧା ପୂର୍ବରୁ ଏହାକୁ ଖୋଲି ରଖାଯାଏ। ପହଣ୍ଡିରେ ଟାହିଆ ମଣ୍ଡିତ ମହାପ୍ରଭୁ ଝୁଲି ଝୁଲି ଯିବାର ଅପୂର୍ବ ଦୃଶ୍ୟ ଉପଭୋଗ କରନ୍ତି ଶ୍ରଦ୍ଧାଳୁ। ପ୍ରଭୁ କ'ଣ ଚାହୁଁଛନ୍ତି ସେ କେବଳ ଜାଣିଥିବେ ବୋଲି ଶ୍ରୀ ପଧାନୀ କହିଛନ୍ତି। ସେହିପରି ପରିଚାଳନା କମିଟି ସଦସ୍ୟ ମହେଶ୍ୱର ସାହୁ କହିଛନ୍ତି, ମହାପ୍ରଭୁ ବିନା ଟାହିଆରେ ବାହାରି ନାହାନ୍ତି। ନୀତି ନିୟମ ଅନୁସାରେ ସାତପାହାଚରେ ଶ୍ରୀମସ୍ତକରେ ଟାହିଆ ଲାଗି ହୋଇଥିଲା। କିଛି ବାଟ ଆସିବା ପରେ ଏଭଳି ଦୃଶ୍ୟ। ଏହା ମହାପ୍ରଭୁଙ୍କର ଏକ ଲୀଳା ହୋଇଥାଇପାରେ ବୋଲି ସେ ମତ ରଖିଛନ୍ତି।

ବର୍ଷାରେ ଟାହିଆ ନଷ୍ଟ ହୋଇଯିବା କଥାକୁ କିନ୍ତୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଭକ୍ତ। ମହାପ୍ରଭୁଙ୍କ ପହଣ୍ଡି ସମୟରେ ଏମିତି ବର୍ଷା ହେଉ ନ ଥିଲା ଯେ, ଟାହିଆ ନଷ୍ଟ ହୋଇଯିବ। ଯଦି ବର୍ଷାରେ ଟାହିଆ ନଷ୍ଟ ହେବାର ପୂର୍ବରୁ ନଜିର ଥିଲା ତେବେ ୫ ଦିନ ଆଗରୁ ଲଘୁଚାପ ବର୍ଷାର ସୂଚନା ମିଳିଥିଲେ ମଧ୍ୟ ବିକଳ୍ପ ପ୍ରସ୍ତୁତି ନ ଥିଲା କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଯଦିବି ଟାହିଆ ନଷ୍ଟ ହେଲା ସେହିଭଳି ଭଗ୍ନାଂଶ ଶ୍ରୀମସ୍ତକରେ ଥିଲେ କିଛି ଅସୁବିଧା ନ ଥିଲା। ବିନା ଟାହିଆରେ କାଳିଆ ଠାକୁରଙ୍କୁ ଏମିତି ପହଣ୍ଡିରେ ଅଣାଯିବା ଆଘାତ ଦେଉଛି ବୋଲି କହିଛନ୍ତି। ଅପରପକ୍ଷେ ଟାହିଆ ଖସିଯିବା ପରେ ଭିଡ଼ିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ହୋଇପାରିଲା ନାହିଁ। ତେଣୁ ପହଣ୍ଡି ବିଳମ୍ବ ହେଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

'ଟାହିଆ' କେବଳ ଏକ ସାଧାରଣ ସାଜସଜ୍ଜା ଜିନିଷ ନୁହେଁ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ରଥଯାତ୍ରା ପରମ୍ପରାରେ ଏହାର ଏକ ଗଭୀର ଆଧ୍ୟାତ୍ମିକ, ତାତ୍ତ୍ୱିକ ଏବଂ ରୀତିନୀତିଗତ ଗୁରୁତ୍ୱ ରହିଛି। ଏହାକୁ 'ଇଚ୍ଛାଧୀନ' ବା 'ଅନାବଶ୍ୟକ' କୁହାଯାଇପାରିବ ନାହିଁ। ଧାଡ଼ି ପହଣ୍ଡି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ଠାକୁର ଶ୍ରୀବଳଭଦ୍ର କେବଳ ଚାଲନ୍ତି ନାହିଁ ବରଂ ଏକ ସ୍ୱତନ୍ତ୍ର ଛନ୍ଦରେ ଝୁଲିଝୁଲି ଆଗକୁ ବଢ଼ନ୍ତି। ଏହାକୁ 'ପହଣ୍ଡି ଗତି' କୁହାଯାଏ। ଏହି ଭାରି ଓ ବିଶାଳ ଟାହିଆଟି ସେହି ଝୁଲଣ ଗତି ସହିତ ତାଳ ଦେଇ ଆଗପଛ ହୋଇ ଦୋଳନ ହୋଇଥାଏ। ଏହା ଦେଖିବାକୁ ଅତ୍ୟନ୍ତ ମନୋରମ ଲାଗେ। ଟାହିଆ ବିନା ପହଣ୍ଡିର ସେହି ପାରମ୍ପରିକ ଗୌରବ ଓ ଆଧ୍ୟାତ୍ମିକ ଛନ୍ଦ ଅଧୁରା ରହିଯାଏ।

## ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଲା ରଥ; ୫ ଗୁରୁତର

ଚନ୍ଦନେଶ୍ୱର, ୧୬।୭ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଗ୍ରାମରେ ଗୁରୁବାର ରଥଟଣା ବେଳେ ଅଘଟଣ ଘଟିଛି।

ହରିପଦ ବାରିକଙ୍କ ଘରୁ ବାହାରିଥିବା ରଥ ଗ୍ରାମ ପରିକ୍ରମା କରୁଥିବାବେଳେ ନାରାୟଣ ଜେନାଙ୍କ ଘର ସମ୍ମୁଖ ମୁଖ୍ୟ ରାସ୍ତାରେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ମୁହୂର୍ତ୍ତକ ମଧ୍ୟରେ ରଥରେ ବିଦ୍ୟୁତ ପ୍ରବାହ ହୋଇ ନିଆଁ ଲାଗିଯିବା ସହ ରଥ ଟାଣୁଥିବା ଭକ୍ତମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା।

ଉକ୍ତ ରଥଟି ସମ୍ପୂର୍ଣ୍ଣ ଲୁହାରେ ନିର୍ମିତ ହୋଇଥିବା ସହ ରଥର ନେତ ମଧ୍ୟ ଲୁହାର ଥିବାରୁ ବିଦ୍ୟୁତ ପ୍ରବାହ ଦ୍ରୁତଗତିରେ ବ୍ୟାପିଯାଇଥିଲା। ଏହି ଦୁର୍ଘଟଣାରେ ବିଚିତ୍ରପୁରର ଜୀବନକୃଷ୍ଣ ଦାସଙ୍କ ହାତ ପୋଡ଼ିଯାଇଥିବାବେଳେ ସୁମିତ୍ରା ବାରିକ, ଗୌରୀଗୋପାଳ ବାରିକ, ପୂଜା ଲେଙ୍କା ଓ ପ୍ରଦୀପ ବାରିକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଆହତମାନଙ୍କୁ ସ୍ଥାନୀୟ ଲୋକମାନେ ତୁରନ୍ତ ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ତୁରନ୍ତ ସରକାରୀ ଚିକିତ୍ସା ମିଳିପାରି ନ ଥିଲା। ଫଳରେ ଘରୋଇ ଉପାୟରେ ପ୍ରାଥମିକ ଚିକିତ୍ସା

### ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ଚିକିତ୍ସାରେ ବିଳମ୍ବ ଅଭିଯୋଗ

କରାଯିବା ପରେ ସମସ୍ତ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଘଟଣା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଯେଉଁ ମୁଖ୍ୟ ସଡ଼କରେ ଏହି ଦୁର୍ଘଟଣା ଘଟିଛି, ସେହି ସଡ଼କ ବିଶ୍ୱପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ମନ୍ଦିର, ବିଚିତ୍ରପୁର ଇକୋ-ଟୁରିଜିମ ଏବଂ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ପାଇଁ ପ୍ରସିଦ୍ଧ ବାବା ଭୂଷଣ୍ଡେଶ୍ୱର ମନ୍ଦିରକୁ ସଂଯୋଗ କରୁଥିବା ଏକ ବ୍ୟସ୍ତ ସଡ଼କ। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯାତାୟାତ କରୁଥାନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ସଡ଼କ ଉପରେ ୧୧ ହଜାର ଭୋଲ୍ଟର ବିଦ୍ୟୁତ ତାର ଝୁଲି ରହିଥିବା ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପକ୍ଷରୁ ଏହାର ସ୍ଥାୟୀ ସମାଧାନ କରାଯାଇ ନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ଏହି ଘଟଣା ବିଦ୍ୟୁତ ସୁରକ୍ଷା ବ୍ୟବସ୍ଥା ଓ ସ୍ୱାସ୍ଥ୍ୟସେବାର ପ୍ରସ୍ତୁତିକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଦୁର୍ଘଟଣାର ନିରପେକ୍ଷ ତଦନ୍ତ, ଝୁଲନ୍ତା ବିଦ୍ୟୁତ ତାରର ତୁରନ୍ତ ମରାମତି, ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଆହତମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ନବୀନଙ୍କ ନିର୍ଦ୍ଦେଶରେ ମୃତାହତଙ୍କ ପରିବାରକୁ ଭେଟିଲା ବିଜେଡି





### ୨ ମୃତକଙ୍କ ପରିବାରକୁ ଦିଆଯାଉ ୨୦ ଲକ୍ଷ ଲେଖାଏଁ କ୍ଷତିପୂରଣ

### ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ୩୬୨ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

### ବିଫଳ ବ୍ୟବସ୍ଥା ଓ ପ୍ରଶାସନିକ ଅବହେଳାର ଗମ୍ଭୀର ପରିଣାମ

ଭୁବନେଶ୍ୱର,୧୬।୭(ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରଥଯାତ୍ରାରେ ଦଳାଚକଟାରେ ଆହତ ଭକ୍ତମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭେଟି ସେମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଉମାକାନ୍ତ ସାମନ୍ତରାୟ ଓ ସୁଭାଶିଷ ଖୁଣ୍ଟିଆ । ଏହି ନେତାମାନେ ରଥଯାତ୍ରାରେ ଦଳାଚକଟାରେ ୨ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ସୂଚନା ପ୍ରଦାନ ସହ ରଥଯାତ୍ରା ପରିଚାଳନାରେ ଚରମ ଅସଫଳତା ପାଇଁ ରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷା ଦାୟିତ୍ୱ ନେଇଥିବା ସରକାର ଏଥିରେ କାହିଁକି ବିଫଳ ହେଲେ, ତାହାର ଜବାବ ଓ ସମ୍ପୂର୍ଣ୍ଣ ତଦନ୍ତ ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

ଏହି ଅବସରରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଦୁଇ ଜଣ ଭକ୍ତଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ। ଏହି ଦୁଃଖର ମୁହୂର୍ତ୍ତରେ ମୃତକଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଆହତ ଭକ୍ତମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭେଟି ସେମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ସହିତ ଶୀଘ୍ର ଆରୋଗ୍ୟ କାମନା କରିଛି। ଗୁରୁବାର ସକାଳ ୮ଟାରୁ ବର୍ତ୍ତମାନ ସୁଦ୍ଧା ୩୬୨ ଜଣ ଭକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨୧ ଜଣ ଗୁରୁତର ଆହତ ଏବଂ ୨୩୩ ଜଣ ଆଂଶିକ ଆହତ ତଥା ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମୃତ ବ୍ୟକ୍ତିମାନଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ଏବଂ ସମସ୍ତ ଗୁରୁତର ଆହତ (ଟ୍ରମା କେସ୍) ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲ ତଥା ଏମ୍ସକୁ ଉତ୍ତମ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଉ। ସମସ୍ତ ଆହତ ଓ ଚିକିତ୍ସିତ ହେଉଥିବା ଭକ୍ତ ମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ବ୍ୟବସ୍ଥା କରନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ମୃତକଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏବଂ ଆହତ ସମସ୍ତ ଭକ୍ତଙ୍କୁ ଶୀଘ୍ର ସୁସ୍ଥ କରନ୍ତୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ପୁରୀ ରଥଯାତ୍ରାରେ ଅଘଟଣ ପ୍ରସଙ୍ଗ

## ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ

ଭୁବନେଶ୍ୱର,୧୬।୭(ସମିସ): ପବିତ୍ର ପୁରୀ ରଥଯାତ୍ରା ଅବସରରେ ଦଳାଚକଟା ଯୋଗୁଁ ଦୁଇଜଣ ଶ୍ରଦ୍ଧାଳୁଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଏହାସହିତ ଶତାଧିକ ଭକ୍ତ ଆହତ ହୋଇଛନ୍ତି। ଏହି ଘଟଣାରେ ବିଜେଡି ଶୋକ ପ୍ରକାଶ କରିବା ସହ ରଥଯାତ୍ରାକୁ ତ୍ରୁଟିଶୂନ୍ୟ କରିବା ଲାଗି ସରକାରଙ୍କୁ ଅନୁରୋଧ କରିଛନ୍ତି ।

ବିଜେଡି ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ମୃତ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଆହତ ସମସ୍ତ ଭକ୍ତଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରିଛନ୍ତି। ରାଜ୍ୟ ସରକାରଙ୍କୁ ଆହତ ସମସ୍ତ ଭକ୍ତଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସହ ପ୍ରଭାବିତ ପରିବାରମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପବିତ୍ର ଧାର୍ମିକ ମହୋତ୍ସବ ମଧ୍ୟରୁ ଅନ୍ୟତମ ଅଟେ। ଯେଉଁଥିରେ କି ଦେଶ ତଥା ବିଦେଶରୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷର ରଥଯାତ୍ରାରେ ଘଟି ଯାଇଥିବା ଏହିପରି ଦୁର୍ଭାଗ୍ୟଜନକ ଘଟଣା ସମସ୍ତ ଭକ୍ତଙ୍କୁ ଗଭୀର ମର୍ମାହତ କରିଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ରଥଯାତ୍ରା ସମୟରେ ଜଣେ ଭକ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫୦ରୁ ଅଧିକ ଭକ୍ତ ଭିଡଜନିତ ଅଘଟଣ ଓ ଅନ୍ୟାନ୍ୟ ଦୁର୍ଘଟଣାରେ ଆହତ ହୋଇଛନ୍ତି। ପୁରୀ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଘୋଷଯାତ୍ରା ବେଳେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯେଉଁଥିରେ ଜଣେ ଭକ୍ତଙ୍କର ପ୍ରାଣହାନି ଘଟିଛି। ମୃତକ ଜଣକ କେନ୍ଦୁଝର ଜିଲ୍ଲାର ବାସିନ୍ଦା ଅନିଲ ଦାସ ବୋଲି ସୂଚନା ମିଳିଛି। ଏଭଳି ପ୍ରତ୍ୟେକ ଘଟଣା ଗଭୀର ଚିନ୍ତାର ବିଷୟ ଏବଂ ଏହାର ଯତ୍ନଶୀଳ ସମୀକ୍ଷା ଓ ଅନୁଧ୍ୟାନ ଆବଶ୍ୟକ। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା, ସୁରକ୍ଷା ପ୍ରୋଟୋକଲ, ଜରୁରୀକାଳୀନ ଚିକିତ୍ସା ସେବା ଏବଂ ସାମଗ୍ରିକ ପ୍ରଶାସନିକ ପରିଚାଳନାର ଏକ ବ୍ୟାପକ ସମୀକ୍ଷା କରାଯିବା ଆବଶ୍ୟକ ଅଟେ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଅଘଟଣର ପୁର୍ନରାବୃତ୍ତି ଯେପରି ନହେବ ସେଥିପ୍ରତି ଯତ୍ନଶୀଳ ହୁଅନ୍ତୁ। ଆଗାମୀ ଭବିଷ୍ୟତରେ ଏଭଳି ଦୁର୍ଭାଗ୍ୟଜନକ ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଉପଯୁକ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ ପବିତ୍ର ଏହି ମହୋତ୍ସବରେ ଯୋଗ ଦେଉଥିବା ପ୍ରତ୍ୟେକ ଭକ୍ତଙ୍କ ସୁରକ୍ଷା, ନିରାପତ୍ତା ଓ ମର୍ଯ୍ୟାଦାକୁ ସୁନିଶ୍ଚିତ କରାଯିବା ଉଚିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରିଚାଳନା ସମୟରେ ଭକ୍ତ ମାନଙ୍କ ସୁରକ୍ଷା ଓ କଲ୍ୟାଣକୁ ସର୍ବାଧିକ ପ୍ରାଥମିକତା ଦିଆଯିବା ଉଚିତ ବୋଲି ଡ. ମହାନ୍ତି ଦବି ଜଣାଇଛନ୍ତି।

## ଘରୋଇ କ୍ଷେତ୍ରରେ ଇନ୍ଧନ ଅଭାବର ମୁକାବିଲା

## ଡିଜେଲ, ଏଟିଏଫ୍ ଉପରେ ରପ୍ତାନି ଶୁଳ୍କରେ ବୃଦ୍ଧି




ପେଟ୍ରୋଲ ଉପରେ ଶୁଳ୍କ ହ୍ରାସ

ନୂଆଦିଲ୍ଲୀ,୧୬।୭(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଡିଜେଲ ଏବଂ ବିମାନ ଇନ୍ଧନ (ଏଟିଏଫ୍) ଉପରେ ରପ୍ତାନି ଶୁଳ୍କ ବୃଦ୍ଧି କରିଛନ୍ତି। ହେଲେ ଏହି ସମୟରେ ପେଟ୍ରୋଲ ଉପରେ ରପ୍ତାନି ଶୁଳ୍କ ହ୍ରାସ କରାଯାଇଛି। ଡିଜେଲ ଉପରେ ରପ୍ତାନି ଶୁଳ୍କ ୭ ଟଙ୍କା ବୃଦ୍ଧି କରି ୧୫.୫୦ଟଙ୍କା କରିଛନ୍ତି। ପୂର୍ବରୁ ଏହାର ରପ୍ତାନି ଶୁଳ୍କ ୮.୫୦ ଟଙ୍କା ରହିଥିଲା। ସେହିପରି, ଏଟିଏଫ୍ (ବିମାନ ଟର୍ବାଇନ୍ ଇନ୍ଧନ) ଉପରେ ରପ୍ତାନି ଶୁଳ୍କ ୭.୫୦ରୁ ୧୪.୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତଥାପି, ପେଟ୍ରୋଲ ରପ୍ତାନିକାରୀମାନଙ୍କୁ ଏଥିରେ କିଛି ଆଶ୍ୱସ୍ତି ପ୍ରଦାନ କରାଯାଇଛି। ପେଟ୍ରୋଲ ଉପରେ ଉପରେ ରପ୍ତାନି ଶୁଳ୍କ ୪ଟଙ୍କାରୁ ୨.୫୦ ଟଙ୍କାକୁ ହ୍ରାସ କରାଯାଇଛି। ଏହି ନୂତନ ଇନ୍ଧନ ଦର ଜୁଲାଇ ୧୦ ରୁ ସାରା ଦେଶରେ ଲାଗୁ ହୋଇଛି। ସରକାର କହିଛନ୍ତି ଯେ ଅଶୋଧିତ ତୈଳ ସଙ୍କଟକୁ ଦୃଷ୍ଟିରେ ରଖି ଦେଶ ଭିତରେ ପେଟ୍ରୋଲିୟମ ଉତ୍ପାଦର ଅଭାବ ନ ହେବା ଏବଂ ଘରୋଇ ବଜାର ବଦଳରେ ବିଦେଶରେ ତେଲ ବିକ୍ରି କରିବାକୁ ପସନ୍ଦ କରୁଥିବା କମ୍ପାନୀଗୁଡ଼ିକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ମାର୍ଚ୍ଚ ୨୭ରେ ସରକାର ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ଏବଂ ସଡ଼କ ଏବଂ ଭିତ୍ତିଭୂମି ସେସ୍ ଆକାରରେ ଏହି ରପ୍ତାନି ଶୁଳ୍କ ଲାଗୁ କରିଥିଲେ। ଏହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଘରୋଇ ବଜାରରେ ପର୍ଯ୍ୟାପ୍ତ ଇନ୍ଧନ ଉପଲବ୍ଧତା ବଜାୟ ରଖିବା। ପଶ୍ଚିମ ଏସିଆ ସଙ୍କଟରୁ ଉପୁଜିଥିବା ବିଶ୍ୱ ପରିସ୍ଥିତି ମଧ୍ୟରେ କମ୍ପାନୀଗୁଡ଼ିକୁ ଲାଭ ଦେବା ପାଇଁ ବିଦେଶକୁ ଅଧିକ ତେଲ ରପ୍ତାନି କରିବାରୁ ରୋକିବା ପାଇଁ ଏହି ଟିକସ ଲାଗୁ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ୍‌ର ହାରାହାରି ଅନ୍ତର୍ଜାତୀୟ ମୂଲ୍ୟ ଆଧାରରେ ଏହି ଶୁଳ୍କ ହାର ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରାଯାଇଥାଏ। ଶେଷ ଥର ପାଇଁ ଶୁଳ୍କ ଉପରେ ସମୀକ୍ଷା ଜୁଲାଇ ପହିଲାରେ କରାଯାଇଥିଲା। ରପ୍ତାନି ଶୁଳ୍କରେ ବୃଦ୍ଧି ପରେ ପେଟ୍ରୋଲ ପମ୍ପରେ ସାଧାରଣ ଗ୍ରାହକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ପଡ଼ିବନାହିଁ।


**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/5/1/NIT, ତାରିଖ 10/07/2026 ଦ୍ୱାରା ଟେଣ୍ଡର ନଂ. RTM-2026-27-56 ର ପ୍ରକାଶନ ପାଇଁ ଏହି କାର୍ଯ୍ୟାଳୟର ସମସଂଖ୍ୟକ ପତ୍ର ଜାରି କରାଯାଇଥିଲା। ଟେଣ୍ଡରରେ ଅତିରିକ୍ତ ବିଶେଷ ସର୍ତ୍ତ ଯୋଡ଼ିବା ପାଇଁ ସଂଶୋଧନ ନଂ. 1 ଜାରି କରାଯାଇଛି। ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ।

SNP-160

Like us on: facebook.com/WesternRly

**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/5/1/NIT, ତାରିଖ 04/07/2026। ନଂ. RTM-2026-27-64 କୁ ଏହି କାର୍ଯ୍ୟାଳୟର ସମସଂଖ୍ୟକ ପତ୍ର ମାଧ୍ୟମରେ ପ୍ରକାଶନ ପାଇଁ ପଠାଯାଇଥିଲା। ନିବିଦାରେ ଅତିରିକ୍ତ ବିଶେଷ ସର୍ତ୍ତ ଯୋଡ଼ିବା ପାଇଁ ସଂଶୋଧନ ନଂ. 5 ଜାରି କରାଯାଇଛି। ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ।

SNP-159

Like us on: facebook.com/WesternRly

**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ**

W/623/NIT/1, ତାରିଖ: 13/07/2026। ଟେଣ୍ଡର ନଂ. RTM-2026-27/61। କାର୍ଯ୍ୟର ନାମ- (1) ଚନ୍ଦେରିଆ-ରତଲାମ ସେକ୍ସନରେ ବିଜୌଲିଗଡ଼, ନିମ୍ବାହେରା ଏବଂ ଶମ୍ଭୁପୁରା ଷ୍ଟେସନରେ ଆନୁଷଙ୍ଗିକ ସୁବିଧା ସହିତ ମେସିନ୍ ସାଇଡିଂ ପ୍ରଦାନ କରିବା, (2) ରତଲାମ-ଖଣ୍ଡୱା ସେକ୍ସନରେ ନଉଗାଓନ, ବଡନାଗର ଏବଂ ପାଲିଆ ଷ୍ଟେସନରେ ଆନୁଷଙ୍ଗିକ ସୁବିଧା ସହିତ ମେସିନ୍ ସାଇଡିଂ ପ୍ରଦାନ କରିବା ଏବଂ (3) ଚନ୍ଦେରିଆ-ରତଲାମ-ଖଣ୍ଡୱା ସେକ୍ସନରେ SSE (P/W) NMH, JAO, BNG, DADN ଏବଂ KNW ଅଧୀନରେ ମୋଟ 11.0 ଟ୍ରାକ୍ କି.ମି. ପରିମାଣର କାଜୁଆଲ୍ ରେଳ ନବୀକରଣ କାର୍ଯ୍ୟ। ଉକ୍ତ ଟେଣ୍ଡର, ଯାହା 05/08/2026 ତାରିଖରେ ଖୋଲାଯିବାକୁ ଥିଲା, ତାହାକୁ ସଂଶୋଧନ କରାଯାଇ IREPSରେ ଅଦ୍ୟତନ କରାଯାଇଛି।

| ବିବରଣୀ | ବର୍ତ୍ତମାନ | ସଂଶୋଧିତ |
| --- | --- | --- |
| ଆନୁମାନିକ ମୂଲ୍ୟ | ₹105091357.46 | ₹108453923.85 |
| ଅମାନତ ଜମା | ₹2101800.00 | ₹2169100.00 |
| ନୂତନ ସାମଗ୍ରୀ ସଂଯୋଜନ | "ବାଲାଷ୍ଟ ଯୋଗାଣ ପାଇଁ WR USSOR ଆଇଟମ୍‌ଗୁଡ଼ିକ" | |

SNP-158

Like us on: facebook.com/WesternRly

**AFFIDAVIT**

By virtue of an affidavit before the Executive Magistrate, Daspalla, on dt.02.07.2026, I, Jhili Naik, W/o- Late Chittaranjan Naik, Vill/P.O. Tendabadi, P.S. Daspalla, Dist. Nayagarh, Odisha do hereby declare that I have changed my minor daughter's name from "Rachana Naik" to "Archana Naik". Henceforth, she shall be known as **"Archana Naik"** for all purposes.

Sd/- Jhili Naik

**AFFIDAVIT**

I BALAJI SINGH SABHARWAL / BAIJIT SABHARWAL/BALAJIT SINGH/ S/O SANTOKH SINGH, RESIDENT AT- SHELTER CHHAK, MARWARI BAGICHHA, PO- TULASIPUR, PS- LALBAG, CUTTACK-753008 ODISHA DECLARE BY THIS AFFIDAVIT NO- 10662, DT - 15.07.2026. THAT NOW ON WARDS I SHALL BE KNOWN AS **BALJIT SINGH** FOR ALL FEATURES PURPOSES

ACRE MAKING ASSETS WORK

**ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍**

ୟୁନିଟ୍ ନଂ. ୫୦୨, ସି ୱିଙ୍ଗ, ୱାନ୍ ବିକେସି, ରେଡିଅସ୍ ଡେଭେଲପର୍ସ, ପ୍ଲଟ୍ ନଂ. ସି-୬୬, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ- ୪୦୦୦୫୧

**ଦଖଲ ବିଜ୍ଞପ୍ତି**

(ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟାଇଜେସନ୍ ଏବଂ ପୁନର୍ଗଠନ ଆର୍ଥିକ ସମ୍ପତ୍ତି ତଥା ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଅଧିନିୟମ, ୨୦୦୨ ଅନୁଯାୟୀ ACRE-174-TRUST ର ଟ୍ରଷ୍ଟି ଭାବେ କାର୍ଯ୍ୟରତ ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ର ପ୍ରାଧିକୃତ ଅଧିକାରୀ, ଉକ୍ତ ଅଧିନିୟମର ଧାରା ୧୩(୧୨) ସହ ପଠିତ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମାବଳୀ, ୨୦୦୨ ର ନିୟମ ୩ ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ ୦୪.୧୧.୨୦୨୫ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣଗ୍ରହୀତା ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ ଏବଂ ଦୁଃଶାସନ ପ୍ରଧାନଙ୍କୁ ଋଣ ଖାତା ନଂ. ୫୯୦୦୦୦୧୪୦୭ ଏବଂ ୫୯୦୦୦୦୧୭୪୩ ବିପକ୍ଷରେ କ୍ରମଶଃ ୦୪.୧୧.୨୦୨୫ ସୁଦ୍ଧା ଦେୟ ରାଶି ଟ.୯,୭୨,୨୧୫.୦୫/- (ନଅ ଲକ୍ଷ ବାସ୍ତରୀ ହଜାର ଦୁଇଶହ ପନ୍ଦର ଟଙ୍କା ପାଞ୍ଚ ପଇସା ମାତ୍ର) ଏବଂ ଟ.୧୨,୨୨,୬୯୫.୬୨/- (ବାର ଲକ୍ଷ ବାଇଶ ହଜାର ଛଅଶହ ପଞ୍ଚାନବେ ଟଙ୍କା ବାଷଠି ପଇସା ମାତ୍ର) ସହିତ ପରବର୍ତ୍ତୀ ସୁଧ, ଉକ୍ତ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀକାଳରେ ପିରାମଲ ଫାଇନାନ୍ସ ଲିମିଟେଡ୍ ଉକ୍ତ ଋଣ ଖାତା ସମ୍ବନ୍ଧୀୟ ସମସ୍ତ ଅଧିକାର, ମାଲିକାନା ଓ ସ୍ୱାର୍ଥକୁ ୨୮.୦୩.୨୦୨୫ ତାରିଖର ଏକ ଆସାଇନମେଣ୍ଟ ଚୁକ୍ତି ମାଧ୍ୟମରେ ACRE-174-TRUST ର ଟ୍ରଷ୍ଟି ଭାବେ କାର୍ଯ୍ୟରତ ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ("ACRE") ସପକ୍ଷରେ ହସ୍ତାନ୍ତର କରିଛି।

ଋଣଗ୍ରହୀତାମାନେ ଉକ୍ତ ଦେୟ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଋଣଗ୍ରହୀତାମାନଙ୍କୁ ଏବଂ ସାଧାରଣ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଅଧସ୍ୱାକ୍ଷରକାରୀ ସିକ୍ୟୁରିଟାଇଜେସନ୍ ଏବଂ ପୁନର୍ଗଠନ ଆର୍ଥିକ ସମ୍ପତ୍ତି ତଥା ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଅଧିନିୟମ, ୨୦୦୨ ର ଧାରା ୧୩(୪) ସହ ପଠିତ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମାବଳୀ, ୨୦୦୨ ର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିର ସାଙ୍କେତିକ ଦଖଲ ୧୩.୦୭.୨୦୨୬ ତାରିଖରେ ଗ୍ରହଣ କରିଛନ୍ତି।

ଋଣଗ୍ରହୀତାମାନେ ଏବଂ ସାଧାରଣ ଜନସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଯାଉଛି ଯେ, ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ପ୍ରକାର କାରବାର କରିବେ ନାହିଁ। ସମ୍ପତ୍ତି ସମ୍ବନ୍ଧୀୟ ଯେକୌଣସି କାରବାର ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ (ACRE-174-TRUST) ଙ୍କ ପକ୍ଷରେ ଟ.୯,୭୨,୨୧୫.୦୫/- (ନଅ ଲକ୍ଷ ବାସ୍ତରୀ ହଜାର ଦୁଇଶହ ପନ୍ଦର ଟଙ୍କା ପାଞ୍ଚ ପଇସା ମାତ୍ର) ଏବଂ ଟ.୧୨,୨୨,୬୯୫.୬୨/- (ବାର ଲକ୍ଷ ବାଇଶ ହଜାର ଛଅଶହ ପଞ୍ଚାନବେ ଟଙ୍କା ବାଷଠି ପଇସା ମାତ୍ର), ଯାହା ୦୪.୧୧.୨୦୨୫ ସୁଦ୍ଧା ଦେୟ, ତଥା ପରବର୍ତ୍ତୀ ସୁଧର ଭାରାଧୀନ ରହିବ।

ଋଣଗ୍ରହୀତାଙ୍କ ଦୃଷ୍ଟି ଉକ୍ତ ଅଧିନିୟମର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ପ୍ରତି ଆକର୍ଷଣ କରାଯାଉଛି, ଯେଉଁଥିରେ ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ବ୍ୟବସ୍ଥା ରହିଛି।

**ସ୍ଥାବର ସମ୍ପତ୍ତିର ବିବରଣୀ (IES)**

ପ୍ଲଟ୍ ନଂ. ୧୭୨, କ୍ଷେତ୍ରଫଳ - ଏ.୦.୧୬୦ ଡିସିମିଲ, ସ୍ଥିତି - ସ୍ଥିତିବାନ, କିସମ - ଘରବାରି, ଜିଲ୍ଲା - ପୁରୀ, ତହସିଲ - ଗୋପ, ଏସ୍.ଆର୍.ଓ. - ଗୋପ, ଥାନା - ଗୋପ, ଥାନା ନଂ. - ୧୨୭, ମୌଜା - ତରାହଣ୍ଡା, ଖାତା ନଂ. - ୨୫୪, ଏହାର ଚାରିପାର୍ଶ୍ୱରେ- ଉତ୍ତର: ବୁଲା ପ୍ରଧାନ, ଦକ୍ଷିଣ: ସୁକାନ୍ତ ପ୍ରଧାନ, ପଶ୍ଚିମ: ଗ୍ରାମରାସ୍ତା, ପୂର୍ବ: ସୁକାନ୍ତ ପ୍ରଧାନ ଏବଂ ତହଲି ପ୍ରଧାନ

ତାରିଖ : ୧୩/୦୭/୨୦୨୬
ସ୍ଥାନ : ଓଡ଼ିଶା

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍
(ACRE-174-TRUST)

### ମଧ୍ୟାହ୍ନଭୋଜନରେ ଭାତ ବଦଳରେ ମୁଢ଼ି ଦିଆଯାଇଥିବା ଅଭିଯୋଗ

# ବିଇଓଙ୍କ ଦରମା ବନ୍ଦ ସହିତ ବଦଳି ପାଇଁ ଡିଇଓଙ୍କ ସୁପାରିସ




ବାରିପଦା, ୧୬।୭(ସମିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ୍ ଅନ୍ତର୍ଗତ ମା' ସୁଭଦ୍ରା ଉଚ୍ଚପ୍ରାଥମିକ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ମଧ୍ୟାହ୍ନଭୋଜନରେ ଚାଉଳ ଅଭାବରୁ ଭାତ ବଦଳରେ ଚାରିଦିନ ଧରି ମୁଢ଼ି ଖାଇବାକୁ ବାଧ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ଏପରି ଅବ୍ୟବସ୍ଥା ପାଇଁ ଛାତ୍ରୀ ଓ ଅଭିଭାବକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ଓ ଅଭିଭାବକଙ୍କ ଅଭିଯୋଗ ଯେ, ଦାୟିତ୍ୱରେ ଥିବା ଚାଉଳ ଯୋଗାଣକାରୀଙ୍କ ତରଫରୁ ଚାଉଳ ଯୋଗାଣ ନ ହେବା ଯୋଗୁଁ କିଛିଦିନ ହେବ ମଧ୍ୟାହ୍ନ ଭୋଜନରେ ମୁଢ଼ି ଦିଆଯାଉଛି। ବିଦ୍ୟାଳୟ ଶିକ୍ଷୟିତ୍ରୀ କହିଛନ୍ତି ଯେ ଗତ ତିନି ମାସ ଧରି ଚାଉଳ ଯୋଗାଣ ବନ୍ଦ ଅଛି। ପ୍ରଥମେ ଶିକ୍ଷୟିତ୍ରୀମାନେ ନିଜ ଖର୍ଚ୍ଚରେ ସ୍ଥାନୀୟ ବଜାରରୁ ପ୍ରାୟ ୪କ୍ୱିଣ୍ଟାଲ୍ ଚାଉଳ କିଣି ମଧ୍ୟାହ୍ନ ଭୋଜନ ଚଳାଇଥିଲେ। ପରେ ଏହା ସେମାନଙ୍କ ପକ୍ଷେ ସମ୍ଭବ ନହେବାରୁ ବାଧ ହୋଇ ମୁଢ଼ି କିଣି ମଧ୍ୟାହ୍ନଭୋଜନ ଚାଲୁ କରିବାକୁ ପଡ଼ିଛି। ଅଭିଭାବକ ଓ ଶିକ୍ଷୟିତ୍ରୀ ବ୍ଲକ୍ ଶିକ୍ଷା ଅଧିକାରୀ ମଙ୍ଗଳ ଚରଣ ସିଂହଙ୍କୁ ଏ ବିଷୟରେ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନାହାନ୍ତି। ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ର କହିଛନ୍ତି, ଏହା ଏକ ସାମାଜିକ ସମସ୍ୟା। ଆମେ ନିଜ ଟଙ୍କାରେ ଚାଉଳ କିଣି ଖାଇବାକୁ ଦେଉଥିଲୁ। କିନ୍ତୁ ଏବେ ସୀମା ଅତିକ୍ରମ କରିଯାଇଛି। ସେହିପରି ଶିକ୍ଷୟିତ୍ରୀ ଓ ରୋଷେୟାଙ୍କ କୌଣସି ଦୋଷ ନ ଥିବା ଅଭିଭାବକମାନେ କହିଛନ୍ତି । ତେବେ ସମସ୍ୟାର ମୂଳ କାରଣ ହେଉଛି ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅବହେଳା। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପର୍ଯ୍ୟନ୍ତ ଅଭିଯୋଗ ପହଞ୍ଚି ଥିଲେ ମଧ୍ୟ ସେ ସଠିକ୍ ପଦକ୍ଷେପ ନେଇ ନଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ଏ ଘଟଣାର ତଦନ୍ତ ପାଇଁ ଏକ ଅଧିକାରୀ ଟିମ୍ ପଠାଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଗମ୍ଭୀର ଅବହେଳା ପାଇଁ ତାଙ୍କୁ ବଦଳି କରିବା ପାଇଁ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି ଏବଂ ତାଙ୍କ ଦରମା ସ୍ଥଗିତ ରଖିବା ପାଇଁ ଟ୍ରେଜେରୀ ଅଫିସକୁ ପତ୍ର ପଠାଯାଇଛି। ବିଦ୍ୟାଳୟକୁ ବୁଧବାର ଚାଉଳ ପ୍ୟାକେଟ୍ ପଠାଯାଇଥିବା ସେ ଜଣାଇଛନ୍ତି। ଅନ୍ୟପଟେ ଏହି ଘଟଣା ଜିଲ୍ଲା ଶିକ୍ଷା ବିଭାଗ ଓ ପ୍ରଶାସନର ଅବ୍ୟବସ୍ଥାକୁ ଉନ୍ମୋଚିତ କରିଛି।

## ଭାଲୁ ଆକ୍ରମଣରେ ଯୁବକ ଆହତ



ମହୁଲଡିହା, ୧୬।୭ (ସମିସ): କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ମହୁଲଡିହା ଫରେଷ୍ଟ ସେକ୍ସନରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ଗୌଡ଼ିଆବାହାଳି ଗ୍ରାମ ପୁରୁଣାପାଣି ସାହିର ସାଦ ହୋ ବୋଲି ଜଣାପଡ଼ିଛି। ଆଜି ସକାଳେ ଘରପାଖରେ ଥିବା ପୋଖରୀକୁ ଶୌଚପାଇଁ ଯାଇ ଭାଲୁ ହାବୁଡ଼ରେ ପଡିଥିଲେ। ଭାଲୁ ସହ ମୁହାଁମୁହିଁ ହେବାରୁ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଆହତ ସାଦ ଏକ ଅଟୋ ଯୋଗେ ଠାକୁରମୁଣ୍ଡା ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି।


## ପୋଖରୀରେ ପଡ଼ି ଶିଶୁପୁତ୍ର ମୃତ

ବୈଶିଙ୍ଗା, ୧୬।୭( ସମିସ ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ମହୁରୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ପୋଖରୀରେ ପଡ଼ି ଜଣେ ୩ ବର୍ଷର ଶିଶୁର ମୃତ୍ୟୁ ହୋଇଛି। ମୃତ ଶିଶୁ ଜଣକ ହେଲେ ମହୁରୀ ଗ୍ରାମର ବିଜୟ କୁମାର ଦଳେଇଙ୍କ ୩ ବର୍ଷର ପୁଅ ତନ୍ମୟ କୁମାର ଦଳେଇ। ଶିଶୁଟି ଘର ନିକଟରେ ଖେଳୁଥିବାବେଳେ ଅସାବଧାନତାବଶତଃ ପାଖରେ ଥିବା ପୋଖରୀରେ ପଡ଼ିଯାଇଥିଲା। ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ପୋଖରୀରୁ ଶିଶୁକୁ ଉଦ୍ଧାର କରି ତୁରନ୍ତ ବୈଶିଙ୍ଗା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏହି ଅଘଟଣକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଦୁର୍ଘଟଣାରେ ଶଳା ଭିଣୋଇ ଗୁରୁତର

ରାଇରଙ୍ଗପୁର, ୧୬।୭(ସମିସ): ରାଇରଙ୍ଗପୁର ସହରର ଅଁଳାଡୁବା ପାଖରେ ଅପରାହ୍ଣ ପ୍ରାୟ ୪ଟାରେ ଏକ ବାଇକ୍‌କୁ ସାମ୍ନା ପଟୁ କାର୍ ଧକ୍କା ଦେବା ଫଳରେ ବାଇକ୍‌ରେ ଥିବା ଦୁଇ ଆରୋହୀ ଗୁରୁତର ହୋଇଛନ୍ତି। ଉଭୟ ରାସ୍ତାରେ ଛିଟିକି ପଡ଼ି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ପୁଲିସ ସେମାନଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲ ପଠାଇବା ସହ କାର୍ ଓ ବାଇକ୍‌କୁ ଜବତ କରି ଥାନାରେ ରଖିଛନ୍ତି। ଦୁଇ ଗୁରୁତର ହେଲେ ସମ୍ପର୍କୀୟ ଶଳା ଭିଣୋଇ। ଭିଣୋଇ ଫାଗୁରାମ ସୋରେନ ଓ ଶଳା ଜୟଗୋପ ହେମ୍ବ୍ରମଙ୍କ ଘର ଝାରପୋଖରିଆ ଥାନା ଅନ୍ତର୍ଗତ ପଞ୍ଚମ ତୋଳା ଗ୍ରାମରେ ବୋଲି ଜଣାପଡ଼ିଛି।

## ଦୋକାନରୁ ଚୋରି ଅଭିଯୋଗ



ବଡ଼ସାହି, ୧୬।୭(ସମିସ): ବଡ଼ସାହି ଥାନା ଅଧୀନ ମାଣତ୍ରୀ ପଞ୍ଚାୟତର ବଦଳିଗାଁ ଛକରେ ଥିବା ଏକ ମିଷ୍ଟାନ୍ନ ଓ ଭେରାଇଟି ଷ୍ଟୋରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ମାଲିକ ମାନସ କୁମାର ରାଉତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ରାତି ୧୦ଟା ପରେ ମାନସ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳେ ଦୋକାନ ଖୋଲିବାକୁ ଆସିବା ବେଳକୁ ଦୋକାନର ଚାବି କଟାଯାଇ ତଳେ ପଡ଼ିଥିବା ଦେଖିବାକୁ ପାଇଥଲେ। ପରେ ଦୋକାନରୁ ଏକ ଗ୍ୟାସ ଭର୍ତ୍ତି ସିଲିଣ୍ଡର, ୬ ବସ୍ତା ଧାନ ବିହନ ଓ ୧୦ଟି ବଡ଼ ଥଣ୍ଡା ପେଟି ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

## ଭୀମଦା-ଦାଶୀପୁର ରାସ୍ତା ଶୋଚନୀୟ

ମାଣତ୍ରୀ, ୧୬।୭(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ଭୀମଦାଠାରୁ ଦାଶୀପୁର ଆରଡି ରାସ୍ତା ଶୋଚନୀୟ ହୋଇପଡ଼ିଛି। ପାଞ୍ଚବର୍ଷ ପୂର୍ବେ ଉକ୍ତ ରାସ୍ତା କାମ ହୋଇଥିଲା। ପରେ ରକ୍ଷଣାବେକ୍ଷଣ ଅବଧି ମଧ୍ୟ ଶେଷ ହୋଇଛି। ଏହି ରାସ୍ତା ଶୋଚନୀୟ ହୋଇପଡ଼ିଛି। ୪ କିମିର ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ବର୍ଷା ଜଳ ନିଷ୍କାସିତ ହୋଇପାରୁନାହିଁ। ଯାନବାହନ ଚଳାଚଳ କଷ୍ଟସାଧ ହେବା ସହ ଆମ୍ବୁଲାନ୍ସ ସେବାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି। ଏପରିକି ବସ୍ ମାଲିକ ଏହି ରାସ୍ତାରେ ବସ୍ ଚଳାଇବା ପାଇଁ ମଧ୍ୟ ଅମଙ୍ଗ ହେଲେଣି। ଏହା ବାଲେଶ୍ୱର ଜିଲ୍ଲାକୁ ମୁଖ୍ୟ ରାସ୍ତା ହୋଇଥିବାରୁ ଅଞ୍ଚଳର ଲୋକେ ଯାତାୟାତରେ ସମସ୍ୟା



ଭୋଗ କରୁଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଉକ୍ତ ରାସ୍ତାର ସର୍ଭେ ହୋଇସାରିଥିବା କହିଛନ୍ତି। ଏଭଳି ଏକ ମୁଖ୍ୟ ରାସ୍ତା ଉପରେ ପ୍ରଶାସନର କାହିଁକି ନଜର ପଡ଼ିଲା ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ରାସ୍ତା ମରାମତି କରା ନ ଗଲେ ଭୀମଦା ପଞ୍ଚାୟତବାସୀ ରାଜରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।

## ବଡ଼ଝାଡ଼ ବିଦ୍ୟାଳୟରେ 'ବାଲ୍ୟ ବିବାହ' ଶୀର୍ଷକ ଆଲୋଚନାଚକ୍ର



କପ୍ତିପଦା,୧୬।୭ (ସମିସ): ଦେବଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ଼ଝାଡ ଉଚ୍ଚ ବିଦ୍ୟାଳୟରେ 'ବାଲ୍ୟ ବିବାହକୁ ନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ ସମାଜ ପାଇଁ ଏକ ବ୍ୟାଧି। ବାଲ୍ୟ ବିବାହ ଯୋଗୁଁ ସମାଜରେ ଅନେକ କ୍ଷତି ହୋଇଥାଏ। ତେଣୁ ସମସ୍ତେ ଏଥିପାଇଁ ସଚେତନ ହେବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମ ସଂଯୋଜକ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରକାଶ କରିଛନ୍ତି। କିଶୋର ବୟସରେ ପ୍ରତ୍ୟେକ ପିଲା ବାଲ୍ୟବିବାହର କୁପରିଣାମ ସମ୍ପର୍କରେ ସଚେତନ ହେଲେ ଓ ସେମାନଙ୍କ ମନରେ ଏକଥା ରହିଲେ ବାଲ୍ୟ ବିବାହକୁ ରୋକାଯାଇପାରିବ। ମାନସିକ, ଶାରୀରିକ ପରିପକ୍ୱତା ପାଇଁ ପୁଅକୁ ୨୧ ଓ ଝିଅକୁ ୧୮ ବର୍ଷ ପରେ ବାହାଘର କରିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଚକ୍ରଧରପୁର ପ୍ରଧାନ ଶିକ୍ଷକ ବୁଦ୍ଧେଶ୍ୱର ମୁର୍ମୁ କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ମାରଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ଅନ୍ୟତମ ଆଲୋଚକ ଭାବେ ସର୍ବେଶ୍ୱର ସିଂ, ଦେବାନନ୍ଦ ନାୟକ, ଶିକ୍ଷୟତ୍ରୀ ସରସ୍ୱତୀ ହାଁସଦା, ନମିତା ସେଠୀ , ଦେବକୀ ପରିଡ଼ା , ଶିଖାସ୍ୱରୁପା ଗିରି, ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ, କମଳ ଲୋଚନ ବେହେରା ଉପସ୍ଥିତ ଥିଲେ। କାର୍ଯକ୍ରମ ପରିଚାଳନାରେ ବହୁ ଅଭିଭାବକ ସହଯୋଗ କରିଥିଲେ ଏବଂ ସମସ୍ତେ ବାଲ୍ୟ ବିବାହ ରୋକିବା ଦିଗରେ ଶପଥ ଗ୍ରହଣ କରିଥିଲେ।

## ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ବୈଶିଙ୍ଗା, ୧୬।୭(ସମିସ): ବେତନଟୀ ବ୍ଲକର ବିଭିନ୍ନ ସ୍ଥାନରେ ୪୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଶିଳାନ୍ୟାସ ଓ ଉଦଘାଟିତ ହୋଇଛି। ବଡ଼ସାହି ବିଧାୟକ ସନାତନ ବିଜୁଳି ଏସବୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ସେ ବେତନଟୀ ବ୍ଲକ ଅଧୀନ ସ୍ୱାସ୍ଥ୍ୟ ବିଭାଗର ଏକାଧିକ ନୂତନ ଭବନର ଉଦଘାଟନ କରିଥିଲେ।ଏହାଦ୍ୱାରା ସ୍ଥାନୀୟ ଲୋକ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାର ସୁଯୋଗ ପାଇବେ। ସେହିପରି ବହୁ ପ୍ରତୀକ୍ଷିତ ପୂର୍ତ୍ତ ବିଭାଗ ଅଧୀନ ଏମଡିଆର-୭୦ ରାସ୍ତାର ବୈଶିଙ୍ଗାରୁ ରୁପ୍ସା ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ପାଇଁ ୨୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ସ୍ଥାନୀୟ ନେତୃବୃନ୍ଦ ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ।

### ବେଆଇନ ବାଲି କାରବାର

## ଅଭିଯୋଗକାରୀଙ୍କୁ ଖଣି ଅଧିକାରୀଙ୍କ ଧମକ ଅଭିଯୋଗ

ବଡସାହି, ୧୬।୭(ସମିସ): ବଡସାହି ତହସିଲ ଅଧୀନରେ ଥିବା ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀ ପଠାରୁ ପ୍ରତିଦିନ ବେଆଇନ ବାଲି କାରବାର ଚାଲୁ ରହିଛି। ଏପରିକି ବୁଢାବଳଙ୍ଗ ନଦୀରୁ ବାଲି ଉତ୍ତୋଳନ କରି ବିଭିନ୍ନ ସ୍ଥାନରେ ବେଆଇନ ଡମ୍ପିଂ କରି ହାଇୱା



ମାଧ୍ୟମରେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ ହେଉଛି। ବଡ଼ସାହିର ନବ ନିଯୁକ୍ତ ଥାନା ଅଧିକାରୀ ଏହା ଉପରେ ରୋକ ଲଗାଇବାକୁ ଚେଷ୍ଟା ଜାରି ରଖିଥିବା ବେଳେ ମାଇନିଂ ବିଭାଗ ପକ୍ଷରୁ ଏହାକୁ ପ୍ରତ୍ସାହିତ କରାଯାଉଛି। ବାଲି ମଫିଆମାନଙ୍କ ସହିତ ସମ୍ପର୍କରେ ରହି ସେମାନେ ମୋଟା ଅଙ୍କର ବଟି ଖାଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଏପରିକି ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ଜଣେ ମାଇନିଂ ଅଧିକାରୀ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଧମକ ଦେବା ଭଳି ଅଭିଯୋଗ ହୋଇଛି। ଏହି ଥାନା ଅଧୀନ ପାଉଁଶିଆ ପଞ୍ଚାୟତ କାଣୀମହୁଲି ଗ୍ରାମର ସ୍ୱେଚ୍ଛାସେବୀ ଦୁଲାରାମ ମୁର୍ମୁ ଶାକୁଆ, ପାଇକପଡ଼ା ଘାଟ ସହିତ ବାଘମରା ବେଆଇନ ଡମ୍ପିଂ ଓ ବିଭିନ୍ନ ସୈରାତରୁ ଚାଲିଥିବା ବେଆଇନ କାରବାର ବିଷୟରେ ବାରମ୍ବାର ମାଇନିଂ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର କାର୍ଯ୍ୟାନୁଷ୍ଠାନ ଶୂନ ଥିବାବେଳେ ମାଫିଆଙ୍କ ଇଙ୍ଗିତରେ ଛୋଟ ଛୋଟ ବେପାରୀଙ୍କ ଟ୍ରାକ୍ଟର ଧରି ବାହାବାହା ନେଉଛି ବିଭାଗ। ଗତ ୧୩ ତାରିଖ ପାଇକପଡ଼ା ଘାଟରୁ ବେଆଇନ ଉତ୍ତୋଳନ ଓ ବାଘମରାରେ ବେଆଇନ ଡମ୍ପିଂରୁ ବାହାରକୁ ଚାଲାଣ ସମ୍ପର୍କରେ ଅଭିଯୋଗକାରୀ ଦୁଲାରାମ ମାଇନିଂ ଅଧିକାରୀ ଭବାନୀଶଙ୍କର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଶ୍ରୀ ପାତ୍ର ଉତ୍ୟକ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଧମକ, ଅଭୋଦ୍ରଚିତ୍ତ ବ୍ୟବହାର ଓ ଜାତିଆଣ ପ୍ରସଙ୍ଗ ଉଠାଇ ଗାଳିଦେଇ ଥିବା ସେ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଅଡିଓ କ୍ଲିପିଂ ମଧ୍ୟ ସେ ଦାଖଲ କରିଥିବାର ଜଣାଯାଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ସୁବର୍ଣ୍ଣରେଖା ବନ୍ୟା ନିୟନ୍ତ୍ରଣ ପାଇଁ ଓଡ଼ିଶା ଓ ଝାଡ଼ଖଣ୍ଡ ଅଧିକାରୀଙ୍କ ବୈଠକ



ବାରିପଦା, ୧୬।୭(ସମିସ): ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ବନ୍ୟା ନିୟନ୍ତ୍ରଣ ପରିଚାଳନା ଟିମ୍ (ଏଫ୍‌ସିଏମ୍‌ଟି)ର ଲକ୍ଷ୍ମୀପୋଷି ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି) ଭୁବନେଶ୍ୱରର ମୁଖ୍ୟଯନ୍ତ୍ରୀ ଜି ନାଗା ମୋହନ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ମୌସୁମୀ ସମୟରେ ସୁବର୍ଣ୍ଣରେଖା ନଦୀର ଜଳ ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ନେବା ବିଷୟରେ ଆଲୋଚନା ହୋଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେତୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଝାଡ଼ଖଣ୍ଡର ଗାଲୁଡ଼ିହି ଡ୍ୟାମରୁ ଉତ୍ପତ୍ତି ହେଉଥିବା ସୁବର୍ଣ୍ଣରେଖା ନଦୀର ଅତିରିକ୍ତ ଜଳ ପ୍ରବେଶ କଲେ ଦୁଇ ରାଜ୍ୟ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ ବୋଲି ଆଲୋଚନା ହୋଇଛି। ଓଡ଼ିଶା ଜଳ ସମ୍ପଦ ବିଭାଗ, ଝାଡ଼ଖଣ୍ଡ ଜଳ ସମ୍ପଦ ବିଭାଗ ଓ କେନ୍ଦ୍ରୀୟ ଜଳ ଆୟୋଗର ବରିଷ୍ଠ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ବର୍ତ୍ତମାନର ଜଳ ପରିସ୍ଥିତି, ଜଳାଶୟ ପରିଚାଳନା, ବନ୍ୟା ପ୍ରସ୍ତୁତି ଓ ରାଜ୍ୟ ମଧ୍ୟରେ ସମନ୍ୱୟ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ଅଧିକାରୀମାନେ କହିଛନ୍ତି, ଝାଡ଼ଖଣ୍ଡ ଓ ଓଡ଼ିଶା ସରକାର ପରସ୍ପର ସହଯୋଗ ଜାରି ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ମୟୂରଭଞ୍ଜ ଜିଲ୍ଲାରେ ଥିବା ଏହି ପ୍ରକଳ୍ପ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଏକ ଲକ୍ଷରୁ ଅଧିକ ହେକ୍ଟର ଚାଷଜମିକୁ ସେଚ ସୁବିଧା ପ୍ରଦାନ କରୁଛି ଏବଂ ୯୪ଟି ଗ୍ରାମର ଚାଷୀମାନେ ଏଥିରୁ ଉପକୃତ ହେଉଛନ୍ତି। ୧୯୭୨ ବନ୍ୟା ପରେ ଏହି ମହାମୂଲ୍ୟର ପ୍ରକଳ୍ପ ଗ୍ରହଣ କରାଯାଇଥିଲା। ୧୯୭୬ ଜାନୁଆରୀ ୧୭ରେ ତତ୍କାଳୀନ ବିହାର (ଏବେ ଝାଡ଼ଖଣ୍ଡ), ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ପ୍ରଥମ ତ୍ରି-ପାର୍ଶ୍ୱିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଉଭୟ ରାଜ୍ୟର ସରକାର ଏବଂ କେନ୍ଦ୍ରୀୟ ଜଳ ଆୟୋଗ ମିଳିତ ଭାବେ ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ଉଚ୍ଛୁଳିଲା ଗଙ୍ଗାହାର ନଦୀ

## ଶହ ଶହ ଏକର ଚାଷଜମି ଜଳମଗ୍ନ



ମାଣତ୍ରୀ ୧୬।୭(ସମିସ): ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଭୀମଦା ପଞ୍ଚାୟତର ଚାଷୀ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ଚାଷଜମି ସମ୍ପୂର୍ଣ୍ଣ ଭାବରେ ବନ୍ୟା ପାଣିରେ ବୁଡ଼ି ରହିଛି। ଭୀମଦା, ଟିକାୟତପୁର, ଚେଙ୍ଗୁଆ, କୁଞ୍ଜିବଣିଆ ସମେତ ଅନ୍ୟ ଉପକଣ୍ଠ ଗ୍ରାମର ଧାନଚାଷୀ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ଚାଷ ଉପକୂଳ ଅଞ୍ଚଳ ହୋଇଥିବାରୁ ସମସ୍ତେ ଚାଷ କାମ ଉପରେ ନିର୍ଭରଶୀଳ। ନିକଟରେ ଗଙ୍ଗାହାର ନଦୀ ରହିଛି। ଏହାର ଅବବାହିକାରେ ଆଡିବନ୍ଧ ନଥିବାରୁ ପ୍ରତ୍ୟେକ ବର୍ଷ ସ୍ୱଳ୍ପ ଲଗାଣ ବର୍ଷାରେ ଏ ଭଳି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ କ୍ଷତିଗ୍ରସ୍ତ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। କ୍ଷୟକ୍ଷତି ତୁଳନାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ମାଧ୍ୟମରେ ଆସୁଥିବା ଟଙ୍କା ବହୁ କମ୍ ରହୁଥିବାରୁ ଚାଷୀ ଦୁଃଖ ପ୍ରକାଶ କରିଛନ୍ତି। କୃଷି ଅଧିକାରୀ ତପସୀ ମଞ୍ଜରୀ ନାୟକ କ୍ଷତିଗ୍ରସ୍ତ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଉପରିସ୍ଥ ଅଧିକାରୀଙ୍କୁ ଫଟୋ ପଠାଇଛନ୍ତି ଏବଂ ବନ୍ୟାପାଣି କମିଲା ପରେ ଆରଆଇଙ୍କ ସହିତ ଯୁଗ୍ମ ନୀରିକ୍ଷଣ କରାଯାଇ ରିପୋର୍ଟ ପ୍ରଦାନ କରିଛନ୍ତି। ତେବେ ଏହାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କୁ ଏ ଅଞ୍ଚଳର ଚାଷୀ ନିବେଦନ କରିଛନ୍ତି।

## କୁଆମରା-ବଡ଼ସାହି ରାସ୍ତାରେ ପାଣି



କୁଆମରା, ୧୬।୭(ସମିସ): ଲଘୁଚାପ ବର୍ଷା ଯୋଗୁଁ ଗଙ୍ଗାହାର ନଦୀରେ ମଙ୍ଗଳବାର ରାତିରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଖଡିକାପଦା କଲଭର୍ଟ ଉପରେ ୪ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ଯୋଗୁଁ କୁଆମରା - ବଡ଼ସାହି ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ନଦୀରେ ମିଶିଥିବା ନାଲୁହା ନଦୀରେ ବନ୍ୟା ଜଳ ଫୁଲିବା ଯୋଗୁଁ କୁଆମରା ପଞ୍ଚାୟତର କସିବଣୀ ଓ ପଶୁଦା ପଞ୍ଚାୟତର ଭୋଳପଦା ଗ୍ରାମକୁ ମଧ୍ୟ ବିପଦ ଦେଖାଦେଇଛି। ତେଣୁ ବର୍ଷା ପରିମାଣ କମିଲେ ରାତିସୁଦ୍ଧା ବନ୍ୟା ଜଳ କମିପାରେ ବୋଲି ଆଶଙ୍କା ରହିଛି। ଏହା ନଦୀକୂଳରେ ବାସ କରୁଥିବା ଲୋକଙ୍କ ପାଇଁ ଆଶ୍ୱସ୍ତ ଆଣିବ। ଚଳିତବର୍ଷ ଗଙ୍ଗାହାର ନଦୀର ଏହା ପ୍ରଥମ ବନ୍ୟା। ଲୋକଙ୍କ ସୁରକ୍ଷା ନିମନ୍ତେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପୋଲିସ କର୍ମଚାରୀ ମୁତୟନ କରିଛନ୍ତି। ସେହିପରି ଦେଓ ନଦୀର ବନ୍ୟାଜଳ ଆସିବାରୁ ମଙ୍ଗଳବାର ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ୪ ଫୁଟ୍ ଉଚ୍ଚର ପାଣି ପ୍ରଭାବିତ ହେଉଥିବାବେଳେ ଆଜି ମଧ୍ୟାହ୍ନରୁ ବନ୍ୟାଜଳ ଧିରେ ଧିରେ କମିଛି। ସନ୍ଧ୍ୟାରେ ଦୁଇଚକିଆ ଯାନଗୁଡିକ ଯାତାୟତ କରୁଥିବା ଜଣାପଡ଼ିଛି।






ରଥଯାତ୍ରା ଅବସରରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ତିନିଠାକୁରଙ୍କ ପହଣ୍ଡି ବିଜେ, ଶୁକ୍ରବାର ରଥଟଣା ।

## ଘଟଗାଁରେ ଶ୍ରୀଗୁଣ୍ଡିଚା ରଥଯାତ୍ରା

● ଭାଙ୍ଗିଲା ଡାହାଣ ଚକ

ଘଟଗାଁ, ୧୬।୭ (ସମିସ): ଘଟଗାଁ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ରଥଯାତ୍ରା ମହାସମାରୋହ ପାଳିତ ହୋଇଯାଇଛି । ସ୍ଥାନୀୟ ଡାକ ବଙ୍ଗଳା ନିକଟରେ ସମ୍ମୁଖରେ ଥିବା ଡାହାଣ ଚକ ଭାଙ୍ଗିଯିବାରୁ କିଛି ସମୟ ପାଇଁ ରଥ ଅଟକିଥିଲା । ମରାମତି ପରେ ରଥ ପୁଣି ଚାଲି ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଥିଲା । ଏହି ଉପଲକ୍ଷେ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ନିକଟରେ ଷୋଡ଼ଷ ଉପଚାର, ନେତ୍ରଉତ୍ସବ, ରଥ ପ୍ରତିଷ୍ଠାପୂଜା, ଅନୁଷ୍ଠିତ ହୋଇଥିଲା । ମନ୍ଦିରର ସେବାୟତ ଆଲୋକ ମିଶ୍ର ଓ ଘନଶ୍ୟାମ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ । ଟ୍ରଷ୍ଟ ବୋର୍ଡ଼ର ସଦସ୍ୟ ଗଣେଶ୍ୱର ରାଉତ ତାଙ୍କ ସହଧର୍ମିଣୀ ରଙ୍ଗଲତା ରାଉତ ସଂକଳ୍ପରେ ବସିଥିଲେ । ମନ୍ଦିର ଟ୍ରଷ୍ଟ ବୋର୍ଡ଼ ସଭାପତି ପ୍ରମୋଦ କୁମାର ଦେହୁରୀ ଛେରା ପହରା କରିଥିଲେ । ରଥର ସାରଥୀ ଭାବେ ଗୌରାଙ୍ଗ ନାଏକ ପରିଚାଳନା କରିଥିଲେ । ସେହିପରି ଛାତ୍ର ଦେବୀପ୍ରସାଦ ବଳ ଧାରା ବିବରଣୀ ପ୍ରଦାନ କରିଥିଲେ । ରଥ ଘଟଗାଁ ଗ୍ରାମରୁ ମା' ତାରିଣୀ ମନ୍ଦିର ନିକଟକୁ ଟଣା ଯାଇଥିଲା । ଟ୍ରଷ୍ଟ ବୋର୍ଡ଼ର ସମ୍ପାଦକ ହିମାଂଶୁ ଦେହୁରୀ, ସଦସ୍ୟ ଧରଣୀ ଖୁଣ୍ଟିଆ, ଅଭିମନ୍ୟୁ ତ୍ରିପାଠୀ, ଗୁରୁଚରଣ ନାଏକ, ମଙ୍ଗୁଳ ଚରଣ ନାଏକ, ରଞ୍ଜନ ସିଂହ, ମନୋଜ ନାଏକ, ମଙ୍ଗରାଜ ଦେହୁରୀ, ବିଜୟମିଶ୍ର, ଲକ୍ଷ୍ମୀକାନ୍ତ ତ୍ରିପାଠୀ, କୁଳମଣି ନାଏକ, ଗୋଲବାସ ଦେହୁରୀ, ସୁନୀଲ ଦେହୁରୀ, ସୁରେଶ କୁମାର ଦେହୁରୀ, ଅଜୟ ସିଂହ, ଦିଲ୍ଲୀପ ନାଏକ, ସତ୍ୟବ୍ରତ ନାଏକ, ଶରତ ଦେହୁରୀ, ଆଲୋକ ଦେହୁରୀ, ବିନୋଦ ନାଏକ, ଅମିତ ଦେହୁରୀ, ଅସିତ ଦେହୁରୀ ସହଯୋଗ କରିଥିଲେ । ପୁଲିସ ପ୍ରଶାସନ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ, ଗ୍ରାମ୍ୟ କମିଟି ସମସ୍ତ ସଦସ୍ୟ ରଥ, ସ୍ୱେଚ୍ଛାସେବୀ ରଥ ଯାତ୍ରାରେ ସହଯୋଗ କରିଥିଲେ । ରଥଯାତ୍ରାରେ ୧୦ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।



## ଉଖୁଣ୍ଡା ଓ ରାଇସୁଆଁରେ ରଥଯାତ୍ରା



କେନ୍ଦୁଝର/ଝୁମ୍ପୁରା, ୧୬।୭ (ଇମିସ): ଝୁମ୍ପୁରା ବ୍ଲକ ଉଖୁଣ୍ଡା ଡ଼ିପାସହିଠାରେ ଗୁରୁବାର ଶାନ୍ତିଶୃଙ୍ଖଳା ସହ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ।ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜକ ଭାସ୍କର ତ୍ରିପାଠୀ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିଥିଲେ ।ଅପରାହ୍ନ ୫ଟାରେ ପ୍ରଥମେ ପହଣ୍ଡି ବିଜେ ପରେ ଶ୍ରୀ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କୁ ରଥାରୂଢ଼ କରାଯାଇଥିଲା । ରଥଯାତ୍ରା କମିଟିର ସଭାପତି ତ୍ରିବେଣୀ ମହାନ୍ତ ରଥ ଉପରେ ଜଗନ୍ନାଥଙ୍କ ରୀତିନୀତି ଅନୁସାରେ ଛେରାପହଁରା କରିଥିଲେ । ପାଗ ଅନୁକୂଳ ଥିବାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଫକୀର ମହାନ୍ତ ଯାତ୍ରାର ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଅତି ସୁନ୍ଦର ଭାବେ ଧାରା ବିବରଣୀ ପ୍ରଦାନ କରିଥିଲେ । ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା । ଏଥିରେ ସହଯୋଗ କରିଥିଲେ କମିଟିର ମୁଖ୍ୟ ସଦସ୍ୟ, ଗୁରୁଚରଣ ମହାନ୍ତ, ଚନ୍ଦ୍ରଶେଖର ମହାନ୍ତ, ବେଣୁଧର ମହାନ୍ତ, ବୈଶାଖୁ ନାଏକ, ପୁରୁଷୋତ୍ତମ ମହାନ୍ତ, ଘନଶ୍ୟାମ ମହାନ୍ତ, ପାପୁନ ମହାନ୍ତ, ବିଜୁ ମହାନ୍ତ, ଭାସ୍କର ମହାନ୍ତ, ରଜତ ମହାନ୍ତ, ଚନ୍ଦନ ମହାନ୍ତ, ଗୋପାଳ ନାଏକ, ବିଜୟଲକ୍ଷ୍ମୀ ପାତ୍ର, ପର୍ଶୁରାମ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଯୁଗେନ୍ ମହାନ୍ତ, ଦୁଷ୍ମନ୍ତ ମହାନ୍ତ, ଯଦୁ ମହାନ୍ତ, ବୀଣାପାଣି ମହାନ୍ତ, ରାହାସ ମହାନ୍ତ, ଜୟ ମନୀ ମହାନ୍ତ, ରୀନା ମହାନ୍ତ ପ୍ରମୁଖ । ଶାନ୍ତିଶୃଙ୍ଖଳା ପାଇଁ ବାରିଆ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରଯାଇଥିଲା । ସେହିପରି ଝୁମ୍ପୁରା ବ୍ଲକର, ଝୁମ୍ପୁରା



ଓ କେନ୍ଦୁଆ ସହ କେନ୍ଦୁଝର ଜିଲ୍ଲା ରାଇସୁଆଁଠାରେ ରଥଟଣା ଆଜ ସନ୍ଧ୍ୟାରେ ସମ୍ପନ୍ନ ହୋଇଛି ।

## ରଥଯାତ୍ରାରେ ଦୁଇ ଅଘଟଣ

କେନ୍ଦୁଝର, ୧୬।୭ (ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟରେ ସୁରକ୍ଷିତ ରଥଯାତ୍ରା ପାଇଁ ରାସ୍ତା କଡ଼ରେ ଥିବା ଗଛ କାଟୁଥିବା ବେଳେ ଜଣେ ବନ ବିଭାଗ କର୍ମଚାରୀ ଆହତ ହୋଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି । ତାଙ୍କ ନାମ ପ୍ରଶାନ୍ତ କୁମାର ସାହୁ । ଆଜି ମଧ୍ୟାହ୍ନରେ ସେ ରାସ୍ତାକଡରେ ଥିବା ଏକ ଚାକୁଣ୍ଡା ଗଛର ଡାଳ କାଟୁଥିବା ବେଳେ ହାତରେ କଟର ବାଜି ଯାଇଥିଲା ବୋଲି ସେ କହିଛନ୍ତି । ସେହିପରି ଆଜି କେନ୍ଦୁଝର ଶ୍ରୀ ବଳଦେବଜୀଉଙ୍କ ରଥ ଯାତ୍ରା ଦେଖିବାକୁ ଆସିଥିବା ଜଣେ ଯୁବତୀ ଭିଡ ଯୋଗୁଁ ଅସୁସ୍ଥ ହୋଇ ପଡ଼ିଥିଲେ । ସେ ସାଙ୍ଗମାନଙ୍କ ସହିତ କେନ୍ଦୁଝରର ରାଷ୍ଟ୍ର ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ଦେଖିବାକୁ ଆସିଥିଲେ । ଅସୁସ୍ଥ ହୋଇଥିବା ଯୁବତୀ ହେଲେ ପାଟଣା ବ୍ଲକ ଡେଣ୍ଡୁଆ ଅଞ୍ଚଳର ସୁସ୍ମୃତି ସାହୁ (୨୨) । ତାଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ।ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ ଓ ଡାକ୍ତର ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଉଛି ।

## ସାପ କାମୁଡ଼ାରେ ଯୁବକ ମୃତ

କଳାବାଡିଆ, ୧୬।୭ (ସମିସ): ବାଙ୍ଗିରିପୋଷି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଁଳା ଗୁଞ୍ଜା ଗ୍ରାମର ଶିଶିର କୁମାର ସେଠୀ (୪୦) ଶୋଇଥିବାବେଳେ ଚିତି ସାପ କାନରେ କାମୁଡ଼ି ଲାଖି ରହିଥିଲା । ସଂଗେ ସଂଗେ ଚିତି ସାପକୁ ଧରି ଶିଶିର କାମୁଡି ଛିଡାଇ ଦେଇଥିଲେ । କାଳେ ସାପର ବିଷ ନିଜ ଦେହରୁ ସାପ ପାଖକୁ ଚାଲିଯିବ, କିଛି କ୍ଷଣ ପରେ ପ୍ରବଳ ବାନ୍ତି ହେବା ସହିତ ଶିଶିର ଗୁରୁତର ହୋଇଥିଲେ । ତାଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।



## ମଲ୍ଲୀପଶିରେ ଗଡ଼ିଲା ୩ ରଥ

ତୁରୁମୁଙ୍ଗା, ୧୬।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଲ୍ଲୀପଶିଠାରେ ରଥଯାତ୍ରା ସମ୍ପନ୍ନ ହୋଇଛି । ହଜାର ହଜାର ଭକ୍ତଙ୍କ ସମାଗମ ମଧ୍ୟରେ ଗଡ଼ିଛି ୩ ରଥ । ପଥମେ ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା । ମହିଳାମାନେ ସୁଭଦ୍ରାଙ୍କ ରଥକୁ ଭକ୍ତି ଓ ଉତ୍ସାହର ସହ ଟାଣିଥିଲେ । ରାଜା ରବୀନ୍ଦ୍ର ନାରାୟଣ ସିଂହଙ୍କ ଛେରାପହଁରା କରିଥିବା ବେଳେ ପଣ୍ଡିତ କୁଳମଣି ଷଡ଼ଙ୍ଗୀ ଓ ପଣ୍ଡିତ କ୍ଷୀରୋଦଚନ୍ଦ୍ର ମିଶ୍ରଙ୍କ ସହ ଅନ୍ୟ ପଣ୍ଡିତମାନେ ସାମିଲ ହୋଇ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । କର୍ତ୍ତା ଭାବେ ପାର୍ଥସାରଥୀ ବେଜ ଓ ତାଙ୍କର ଧର୍ମପତ୍ନୀ ଦୀପ୍ତିମୟୀ ବାରିକ ପୂଜାବିଧି ସମ୍ପାଦନ କରିଥିଲେ ।



## ଯୁବକ ନିଖୋଜ ଅଭିଯୋଗ

ଶୁଳିଆପଦା,୧୬।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଚୁହାଟ ଗ୍ରାମର ଯୁବକ ନିଖୋଜ ହୋଇଯାଇଥିବା ଅଭିଯୋଗ ହେଉଛି । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଈଶ୍ୱର ଚନ୍ଦ୍ର ସୋରେନ ନିଖୋଜ ହୋଇଯାଇଥିବାବେଳେ ବହୁ ଖୋଜାଖୋଜି ପରେ କୌଣସି ସନ୍ଧାନ ମିଳୁନଥିବାରୁ ଥାନାରେ ଅଭିଯୋଗ କରିଛନ୍ତି । ଗତ ଜୁନ ୨୧ ତାରିଖ ସନ୍ଧ୍ୟା ସମୟରେ ଈଶ୍ୱର ଘରୁ ହଠାତ୍ କୁଆଡ଼େ ଚାଲିଯାଇଥିଲେ । ସେଦିନ ପରଠାରୁ ସେ ଘରକୁ ଫେରିନାହାଁନ୍ତି । ଈଶ୍ୱରଙ୍କ ଦୁଇ ପୁଅ, ଦୁଇ ଝିଅ ଓ ଜଣେ ବୃଦ୍ଧା ମା' ଅଛନ୍ତି । ଘର ଚଳାଇବାର ସମସ୍ତ ଦାୟିତ୍ୱ ଈଶ୍ୱରଙ୍କ ଉପରେ ଥିଲା । ପିଲା ଛୁଆଙ୍କ ପାଠପଢ଼ାଠୁ ଆରମ୍ଭ କରି ବୁଢୀମାର ଔଷଧ, ତେଲ ଲୁଣ, ଚାଉଳର ସମସ୍ତ ଦାୟିତ୍ୱ ଈଶ୍ୱରଙ୍କ କାନ୍ଧରେ ଥିଲା । ସେ ନ ଥିବାରୁ ଏବେ ପରିବାର ଆର୍ଥିକ ଅଭାବ ସହ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି । ସବୁଠୁ ଅଧିକ କଷ୍ଟ ପାଉଛନ୍ତି ବୁଢୀ ମା' । ୨୪ ଦିନ ହେଲା ସେ ପୁଅର ଫଟୋକୁ ଧରି ଝୁରି ଝୁରି ଖିଆପିଆ ଛାଡ଼ି ଦେଇଥିବା ପରିବାର ଲୋକେ କହିଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ଈଶ୍ୱରଙ୍କୁ ଦେଖିଥାନ୍ତି କିମ୍ବା ତାଙ୍କ ବିଷୟରେ କୌଣସି ସୂଚନା ପାଇଥା'ନ୍ତି, ତେବେ ତୁରନ୍ତ ଜଣାଇବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି ।



## ଆମ୍ବ ଗଛ ପଡ଼ି ଘର ଭାଙ୍ଗିଲା

ମହୁଲଡିହା,୧୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ବର୍ଷା ଲାଗିରହିଛି । ଆଜି ସନ୍ଧ୍ୟା ପ୍ରାୟ ୬ଟାରେ ଜରକ ଗ୍ରାମ ପଞ୍ଚାୟତ ଜରକ ଗ୍ରାମର ବାପାଲସାହିରେ ଏକ ବିରାଟ ଆମ୍ବଗଛ ଉପୁଡ଼ି ଦୁଇଜଣଙ୍କ ଟାଇଲ ଘର ଉପରେ ପଡ଼ି ଟାଇଲ ଭାଙ୍ଗିଯାଇଛି । ଶଶିକାନ୍ତ ପୂର୍ତ୍ତି ଓ ମାଧବ ପୂର୍ତ୍ତିଙ୍କ ପରିବାର ସଦସ୍ୟ ଘର ଭାଙ୍ଗିଯାଇଥିବାରୁ ମର୍ମାହତ ହୋଇପଡିଛନ୍ତି । ଉଭୟ ଗୃହକର୍ତ୍ତାଙ୍କ ଅନ୍ୟ ଘର ନାହିଁ । ସ୍ଥାନୀୟ ଭଞ୍ଜକିଶୋର ଓ ସ୍ୱେଚ୍ଛାସେବୀ କୈଳାସ ଚନ୍ଦ୍ର ମହାନ୍ତ ଅଗ୍ନିଶମ ବାହିନୀକୁ ଖବର ଦେବା ସହିତ ବିଡିଓ ସ୍ୱପ୍ନେଶ୍ୱର ବେହେରା ଓ ତହସିଲଦାର ସମ୍ବିତ କୁମାର କରଙ୍କ ସହ ଯୋଗାଯୋଗ କରିଥିଲେ । ଅଗ୍ନିଶମ ବାହିନୀ ସନ୍ଧ୍ୟା ପ୍ରାୟ ୭ଟାରେ ପହଞ୍ଚି ଗଛ କାଟି ଅପସାରଣ ଆରମ୍ଭ କରିଛି । ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଚମ୍ପାଝରର ରାଜସ୍ୱ ନିରୀକ୍ଷକ ପହଞ୍ଚି ଉଭୟ ପରିବାରର କ୍ଷୟକ୍ଷତି ଆକଳନ କରି ପଲିଥିନ୍ ଯୋଗାଇ ଦେଇଥିବା ଜଣାପଡ଼ିଛି । ରାଜସ୍ୱ ନିରୀକ୍ଷକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



## ଅବସରକାଳୀନ ସମ୍ବର୍ଦ୍ଧନା ସଭା



କରଞ୍ଜିଆ,୧୬।୭ (ସମିସ): କରଞ୍ଜିଆ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବାବୁରାମ ମହାନ୍ତଙ୍କୁ ଅବସରୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନଶିକ୍ଷକ ତଥା ବାରିପଦା ବ୍ଲକ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଘ (ଓଷ୍ଟା) ସଭାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ଚିତ୍ତରଞ୍ଜନ ପଳତା, ବ୍ଲକ ଓଷ୍ଟା ସମ୍ପାଦକ ପ୍ରଦୀପ ମହାନ୍ତ ବିଶିଷ୍ଟ ଅତିଥି, ନିରଞ୍ଜନ ସି ମୁଖ୍ୟବକ୍ତା ଓ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଗଙ୍ଗାଧର ମହାନ୍ତ, ମିହିର ବେହେରା, ବୈଦ୍ୟନାଥ ସି ଓ ଦୀନକୃଷ୍ଣ ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ସଂଗଠନ ପକ୍ଷରୁ ତାଙ୍କୁ ଉପଢୌକନ ଦେବାସହିତ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପହାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିବାବେଳେ ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଦ୍ମଶ୍ରୀ ଡ ତୁଳସୀ ଅପାଙ୍କୁ ୮୦ତମ ଜନ୍ମଦିନରେ ଶୁଭେଚ୍ଛାର ସୁଅ




ବଡ଼ବିଲ, ୧୬।୭ (ସମିସ) ଓଡ଼ିଶାର ବିଶିଷ୍ଟ ସମାଜସେବୀ ତଥା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଡ଼ ତୁଳସୀ ମୁଣ୍ଡାଙ୍କ ୮୦ତମ ଜନ୍ମଦିବସ ଉତ୍ସାହ ଓ ଆଡ଼ମ୍ବର ସହ ପାଳିତ ହୋଇଯାଇଛି ।

ଏହି ଅବସରରେ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ସମାଜସେବୀ ଏବଂ ଶିକ୍ଷାପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ । ତୁଳସୀ ମୁଣ୍ଡାଙ୍କ ଦୀର୍ଘଦିନର ସମାଜସେବା, ଆଦିବାସୀ ଅଞ୍ଚଳରେ ଶିକ୍ଷାର ପ୍ରସାର ଏବଂ ନିରକ୍ଷରତା ଦୂରୀକରଣ କ୍ଷେତ୍ରରେ ତାଙ୍କର ଅବଦାନକୁ ବକ୍ତାମାନେ ସ୍ମରଣ କରିଥିଲେ । ସୀମିତ ସମ୍ବଳ ମଧ୍ୟରେ ହଜାର ହଜାର ଶିଶୁଙ୍କୁ ଶିକ୍ଷାର ଆଲୋକ ଦେଇ ସେ ସମଗ୍ର ଦେଶ ପାଇଁ ଏକ ପ୍ରେରଣାର ସ୍ରୋତ ପାଲଟିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା । ଜନ୍ମଦିବସ ଅବସରରେ କେକ୍ କଟାଯିବା ସହ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇଥିଲା । ସେହିପରି ଯୁବ ଛାତ୍ର ଶ୍ରୀୟାଂଶୁ ସାମଲ ଓ ସମାଜସେବୀ ତଥା କେନ୍ଦୁଝର ସଂସଦ ପ୍ରତିନିଧି ନୀଳମଣି ମହନ୍ତ ମଧ୍ୟ ସେମାନଙ୍କର ଜନ୍ମ ଦିନକୁ ଅପାଙ୍କ ସହ ଆଶ୍ରମରେ ପାଳନ କରିଥିଲେ । ଶ୍ରୀ ମହନ୍ତ ଆଶ୍ରମର ଅନାଥ ଅନ୍ତେବାସୀଙ୍କୁ ପୋଷାକ ବଣ୍ଟନ କରିଥିଲେ ।

## ରଥଯାତ୍ରା ପାଇଁ ବେତନଟୀ -ବଡ଼ସାହି ରାସ୍ତାରେ ଗାଡ଼ି ଚଳାଚଳ ଉପରେ କଟକଣା

ବେତନଟୀ,୧୬।୭ (ସମିସ): ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଉପଲକ୍ଷେ ବେତନଟୀ ସହରରେ ବେତନଟୀ-ବଡ଼ସାହି ଓ ବେତନଟୀ-ମାଣତ୍ରୀ ରାସ୍ତାରେ ଗାଡ଼ି ଚଳାଚଳ ଉପରେ ପୁଲିସ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ରଥଟଣା ସମୟରେ ଯାତାୟାତ ସୁଗମ ରଖିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି । ପ୍ରଶାସନିକ ସୂଚନା ଅନୁଯାୟୀ, ବାରିପଦା ଓ ବାଲେଶ୍ୱର ପଟୁ ଆସୁଥିବା ଯାନବାହନ କ୍ଷେତ୍ରମୋହନ ଛକଠାରୁ ନୂତନ ଫାୟାର ଷ୍ଟେସନ-ଶୁଖିଲାହାର ବନ୍ଧ ହୋଇ ଆମ୍ବଯୋଡ଼ା କିମ୍ବା ପୁରୁଣା ଫାୟାରଷ୍ଟେସନ ଛକରୁ ପଣ୍ଡୁଗଡ଼ିଆ ହୋଇ ଶୁଖିଲାହାରବନ୍ଧ ରାସ୍ତା ଦେଇ ଯାତାୟାତ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ବଡ଼ସାହି ପଟୁ ବେତନଟୀ ଆସୁଥିବା ଯାନବାହନ ମହୁଲିଆସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଛକଠାରୁ ଯୋଗୀନୂଆଗାଁ-ପଥରା ହୋଇ ଆମ୍ବଯୋଡ଼ା ଦେଇ ଶୁଖିଲାହାରବନ୍ଧ ରାସ୍ତାରେ ପଣ୍ଡୁଗଡ଼ିଆ ଓ ପୁରୁଣା ଫାୟାରଷ୍ଟେସନ ହୋଇଯିବେ । ମାଣତ୍ରୀ ପଟୁ ଆସୁଥିବା ଯାନବାହନଗୁଡ଼ିକ ମଧ୍ୟ ଶ୍ମଶାନ ଛକରୁ ଶୁଖିଲାହାରବନ୍ଧ ରାସ୍ତା ଦେଇ ଯାତାୟାତ କରିବେ । ରଥଟଣାର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇ ଶେଷ ହେବା ପର୍ଯ୍ୟନ୍ତ ବେତନଟୀ-ବଡ଼ସାହି ରାସ୍ତାରେ କଟକଣା ବଳବତ୍ତ ରହିବ । ଠିକ୍ ସେହିଭଳି ବାହୁଡ଼ା ଯାତ୍ରା ରଥଟଣାର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇ ଶେଷ ହେବା ପର୍ଯ୍ୟନ୍ତ ବେତନଟୀ-ବଡ଼ସାହି ରାସ୍ତାରେ କଟକଣା ବଳବତ୍ତ ରହିବ । ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ଏହି କଟକଣା ଜାରି କରିଛି । ଯାତ୍ରୀମାନେ ବିକଳ୍ପ ରାସ୍ତା ବ୍ୟବହାର କରି ଅସୁବିଧା ଏଡ଼ାଇବାକୁ ପ୍ରଶାସନ ଅନୁରୋଧ କରିଛି ।

## ଚିତ୍ରଡାର ଇତିହାସ ପୁସ୍ତକ ଉନ୍ମୋଚିତ

ମୋରଡା,୧୬।୭ (ସମିସ): ମୋରଡା ବ୍ଲକ୍‌ର ଚିତ୍ରଡାରେ ଥିବା ଜଗନ୍ନାଥ ମନ୍ଦିର ଧର୍ମକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଉପଲକ୍ଷେ ଗୁରୁବାର ସଙ୍ଗୀତା ଫାଉଣ୍ଡେସନ ପକ୍ଷରୁ ଚିତ୍ରଡା ଇତିହାସ (ପ୍ରଥମ ଭାଗ) ଓ ସତୀର୍ଥ-୭ "ନାୟିକାର ନାମ ମୀନା'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ସଂଗଠନ ସଭାପତି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପ୍ରାକ୍ତନ ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ପ୍ରଣାମ ଚିତ୍ରଡା ଫାଉଣ୍ଡେସନର ପ୍ରତିଷ୍ଠାତା ଜଗତଜ୍ୟୋତି ମାଜୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଚିତ୍ରିତ ପୁସ୍ତକର ପ୍ରକାଶିକା ମଞ୍ଜୁଶ୍ରୀ ରୟ ବରେଣ୍ୟ ଅତିଥି, ଆଇନଜୀବି ଅନ୍ତର୍ଯ୍ୟାମୀ ବେହେରା,ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନୀ ସେନାପତି, ଗାଳ୍ପିକ ହୃଷିକେଷ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଚିତ୍ରଡା ଶିବ ମନ୍ଦିର ମୁଖ୍ୟ ପୂଜକ ବିଶ୍ୱମ୍ବର ପତିଙ୍କ ଦ୍ୱାରା ମନ୍ତ୍ରପାଠ ପରେ ଅତିଥିଙ୍କ ଦ୍ୱାରା ଉକ୍ତ ଦୁଇଟି ପୁସ୍ତକ ଲୋକାର୍ପଣ ହୋଇଥିଲା । ଚିତ୍ରଡା ଇତିହାସ ପ୍ରଥମ ଭାଗରେ ଚିତ୍ରଡାର ନାମ କରଣ, ଚିତ୍ରଡାର ସୁସନ୍ତାନ, ଚିତ୍ରଡାରେ ଥିବା ବିଭିନ୍ନ ଦେବାଦେବୀଙ୍କ ମନ୍ଦିର, ଚିତ୍ରଡା ଛଉ ନୃତ୍ୟ ଆଦି ବିଭିନ୍ନ ପ୍ରସଙ୍ଗ ବିସ୍ତୃତ ଭାବେ ସ୍ଥାପନ ହୋଇଛି ବୋଲି ଅତିଥିଗଣ ମତ ପ୍ରଦାନ କରିଥିଲେ । ଉକ୍ତ ପୁସ୍ତକ ଗାଳ୍ପିକ ହୃଷିକେଶ ବେହେରା ନିଜ ଲେଖନୀ ମୁନରେ ଲେଖି ଥିବା ବେଳେ ଅନ୍ତର୍ଯ୍ୟାମୀ ବେହେରା, ଅଶ୍ୱନୀ କୁମାର ସେନାପତି ପୁସ୍ତକକୁ ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଉପସ୍ଥାପିକା ସୁଶ୍ରୀ ସୁହାନା,ଶ୍ରେୟସୀ ବାରିକ ଓ ହିତୈଷୀ ସାହୁ । ତିନିଜଣ ଉପସ୍ଥାପିକାଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।



## ରୋଟାରୀ କ୍ଲବ୍‌ର ସଂସ୍ଥାପନ ଦିବସ

ବାରିପଦା, ୧୬ ।୭ (ସମିସ): ଆନ୍ତର୍ଜାତିକ ସେବା ସଂଗଠନ ରୋଟାରୀ କ୍ଲବ୍‌ର ସଂସ୍ଥାପନା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ରୋଟାରୀ ଭବନରେ ଏକ ସାଧାରଣ ସଭା ସଭାପତି ଭବାନୀ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ତଥା ଇନଷ୍ଟଲେସନ ଅଧିକାରୀ ଭାବେ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ରୋଟରିଆନ ପ୍ରଫେସର ଡ ମହେନ୍ଦ୍ର କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ କୁଳପତିଙ୍କ ସହଧର୍ମିଣୀ ନିଲାନିକା ମହାନ୍ତି ଯୋଗ ଦେଇଥିଲେ । ପ୍ରାରମ୍ଭରେ କ୍ଲବ ପ୍ରଶିକ୍ଷକ ରୋଟାରିଆନ୍ ବିଭୁ ପ୍ରସାଦ ଦାସ ସ୍ୱାଗତ ଭାଷଣ ରଖିଥିଲେ । ପ୍ରଥମେ ଏକ ସଫଳ ରୋଟାରୀ ସେବା ବର୍ଷ ୨୦୨୫-୨୬ ପାଇଁ ମଞ୍ଚାସୀନ ଅତିଥି ବିଦାୟୀ ସଭାପତି ଓ ସମ୍ପାଦକଙ୍କୁ ଅଭିନନ୍ଦନ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଥିଲେ । ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କ୍ଲବର ସ୍ଥାୟୀ ସେବା ସମ୍ମାନ ବିଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ବେହେରା ଓ ନଗେନ୍ଦ୍ର ନାଥ ପଟ୍ଟନାୟକ ବିଶେଷ ଭାବେ ରୋଟରିଆନ ସୁବାସ ଚନ୍ଦ୍ର ସାହୁ, ବୀରେନ୍ଦ୍ର ନାଥ ସାହୁ, ଡ ଅଭିଜିତ୍ ଜେନା ଏବଂ ସରୋଜ କୁମାର ଦାସ ସମ୍ମାନିତ କରିଥିଲେ । ଏହାପରେ ବିଦାୟୀ ସଭାପତି ଓ ସମ୍ପାଦକ ନୂତନ ବର୍ଷର ସଭାପତି ରୋଟରିଆନ୍ ତିମିର କୁମାର ଘୋଷ ଓ ସମ୍ପାଦକ ପ୍ରାକ୍ତନ ସଭାପତି ସନ୍ଦୀପ କୁମାର ଚାନ୍ଦଙ୍କ ମଧ୍ୟରେ କଲର୍ ପ୍ରତିବଦଳ ସହ ଦାୟିତ୍ୱ ହସ୍ତାନ୍ତର କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ନବନିର୍ବାଚିତ ସଭାପତି ଓ ସମ୍ପାଦକ ରୋଟାରୀ ବର୍ଷ ୨୦୨୬-୨୭ର ନୂତନ କର୍ମକର୍ତ୍ତାମାନଙ୍କୁ ଆନୁଷ୍ଠାନିକ ଭାବେ ପରିଚିତ କରାଇ ରୋଟାରୀ ପିନ୍ ଅର୍ପଣ କରିଥିଲେ । ଚଳିତ ବର୍ଷର ରୋଟାରୀ ବିଷୟ ବସ୍ତୁ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାର ଗୁରୁତ୍ୱକୁ ବନ୍ଧୁତା ଓ ସେବା ମାଧ୍ୟମରେ କାର୍ଯ୍ୟକାରି କରି କିପରି ପରବର୍ତ୍ତୀ ସମୟ ପାଇଁ ଏକ ଅବିସ୍ମରଣୀୟ ପାଦଚିହ୍ନ ଛାଡ଼ି ଯାଇ ପରିବେ ସେ ଦିଗରେ ପ୍ରୟାସ କରିବାକୁ ସଭାପତି ନିଜ ବକ୍ତବ୍ୟରେ ସଦସ୍ୟ ଓ ସଦସ୍ୟାଙ୍କୁ ଆହ୍ୱାନ କରିଥିଲେ । ସମ୍ପାଦକ ନିଜର ବାର୍ଷିକ କର୍ଯ୍ୟସାରଣୀ ଉପସ୍ଥାପନ ସହ ଏହାର କାର୍ଯ୍ୟକାରିତା ଦିଗରେ କ୍ଲବ୍ ସଦସ୍ୟ ସଦସ୍ୟାଙ୍କ ସହଯୋଗ ପ୍ରାର୍ଥନା କରିଥିଲେ । ପ୍ରାକ୍ତନ ସଭାପତି ରୋଟରିଆନ ଅରୁଣ କୁମାର ଦାଶ ମୁଖ୍ୟ ଅତିଥିଙ୍କ ପରିଚୟ ଓ ରୋଟାରୀଆନ୍ ବିନୟ ଅଗରୱାଲ ନୂତନ ସଭାପତିଙ୍କ ପରିଚୟ ପ୍ରଦାନ କରିଥିଲେ । ଏ ଅବସରରେ କ୍ଲବ ବୁଲେଟିନ୍ " ମେଘାସନୀ' ଉନ୍ମୋଚିତ ହୋଇଥିଲା ।




## ବିଦ୍ୟୁତ ଆଘାତରେ ଯୁବକ ମୃତ

ତୁରୁମୁଙ୍ଗା, ୧୬।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡା ବ୍ଲକ ବଡ଼ବିଲ ପଞ୍ଚାୟତ ଅନ୍ତର୍ଗତ ବାରତୁଣିଆଁ ଗ୍ରାମର ସୁରେନ୍ଦ୍ର ମହାନ୍ତଙ୍କ ପୁଅ ଟୁନା ମହାନ୍ତ (୩୬) ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି । ଟୁନା ଗୁରୁବାର ସକାଳ ୯.୩୦ଟା ସମୟରେ ଘରେ ବିଦ୍ୟୁତ ବୋର୍ଡ ମରାମତି କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାପାଇଁ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଜଙ୍ଗଲୀ ଛତୁ ଖାଇ ୪ ଅସୁସ୍ଥ

ଚମ୍ପୁଆ, ୧୬।୭ (ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ ଗୁଡୁଣିଆ ପଞ୍ଚାୟତର ହାତିଆନାସା ଗାଁରେ ଜଙ୍ଗଲି ଛତୁ ଖାଇ ୪ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି । ସକାଳେ ପରିବାରର ସଦସ୍ୟମାନେ ଜଙ୍ଗଲରୁ ଛତୁ ସଂଗ୍ରହ କରି ଦିନବେଳେ ସେହି ଛତୁକୁ ରାନ୍ଧି ଖାଇଥିଲେ । ଛତୁ ଖାଇବା ପରେ ସୋମା ମୁଣ୍ଡା, ମହାନ୍ତି ପାଲିଆ ଓ ହୁକୁମ ମୁଣ୍ଡାଙ୍କ ମୁଣ୍ଡ ବୁଲାଇବା ସହ ସ୍ୱାସ୍ଥ୍ୟ ଅବନତି ହେବାରୁ ସେମାନଙ୍କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ଗୁରୁତର ଅବସ୍ଥା ଦେଖି ଉନ୍ନତ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର୍ କରାଯିବ ବୋଲି ସୂଚନା ମିଳିଛି । ଅନ୍ୟପଟେ ପରିବାରର ବୋହୂ ପୁରୁଗୁ ମୁଣ୍ଡାଙ୍କ ସ୍ୱାସ୍ଥ୍ୟ ଠିକ ଥିବା ଜଣାପଡ଼ିଛି ।



## କେନ୍ଦୁଝରରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା

# ଭକ୍ତିଭାବରେ ବୁଡ଼ିଲେ ଲକ୍ଷାଧିକ ଭକ୍ତ

କେନ୍ଦୁଝର, ୧୬।୭(ସମିସ): କେନ୍ଦୁଝରର ପ୍ରସିଦ୍ଧ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଲକ୍ଷାଧିକ ଭକ୍ତଙ୍କ ଗହଣରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଭକ୍ତ ଏହି ରଥଯାତ୍ରାରେ ରୁଣ୍ଡିଭୂତ ହୋଇଥିଲେ। ଶୁକ୍ରବାର ଅପରାହ୍ଣରେ ବିଶ୍ୱର ସର୍ବବୃହତ ରଥ ଭାବେ ପରିଚିତ କେନ୍ଦୁଝର ରଥ ରଥ ଉପରକୁ ଶ୍ରୀଜୀଉମାନଙ୍କୁ ପହଁଣ୍ଡି କରି ନିଆଯାଇଥିଲା। ପ୍ରତ୍ୟୁଷରୁ ଶ୍ରୀଜୀଉମାନଙ୍କର ଅବକାଶ ଶେଷ ହେବା ପରେ ସକାଳ ଧୂପ, ଲୁଗାଲାଗି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳି, ଚକାଭିଡା ଓ ପହଁଣ୍ଡି ବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ପହଁଣ୍ଡି ଆରମ୍ଭ ହୋଇ ପହଁଣ୍ଡି ଶେଷ ହୋଇଥିଲା। ପୁଷ୍ପାଞ୍ଜଳି ପରେ ଘଣ୍ଟଘଣ୍ଟା, ଖୋଳକୀର୍ତ୍ତନ ଓ ଲୋକଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ଧାଡି ପହଣ୍ଡିରେ ପ୍ରଥମେ ପ୍ରଭୁ ସୁଦର୍ଶନ ପରେ ବଳଦେବଜୀଉ, ମାତା ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ରଥ ଚାରିପଟେ ସାତଥର ପ୍ରଦକ୍ଷିଣ କରିବା ପରେ ରଥାରୂଢ଼ କରାଯାଇଥିଲା। ପହଁଣ୍ଡି ଶେଷ ହେବା ସହିତ ଚାର ମାଳ ଫିଟାଯାଇ ପ୍ରଭୁଙ୍କୁ ବେଶ କରାଯାଇଥିଲା। ଘୋଡାବନ୍ଧା ଓ ରଥ ଉପରେ ଚକାଭିଡା କାର୍ଯ୍ୟକ୍ରମ ଶେଷ ହେବା ପରେ ୪ଟା ୩୦ରେ ଛେରାପହଁରା କାର୍ଯ୍ୟ ଶେଷ ହୋଇଥିଲା। ଅପରାହ୍ଣରେ ରଥଟଣା ଆରମ୍ଭ ହୋଇଥିଲା। ରଥଟଣା ହୋଇ ବଡଦାଣ୍ଡର ମଧ୍ୟଭାଗରେ ଗଳଗଣ୍ଡି ଭୋଗ ଶେଷ ହୋଇଥିଲା। ରଥଯାତ୍ରାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଏକଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଘଣ୍ଟଘଣ୍ଟା ଖୋଳ ବଜାଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କୀର୍ତ୍ତନ ଦଳମାନଙ୍କ କରତାଳିରେ ପ୍ରଭୁଙ୍କର ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।




ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାୟଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଘୁଙ୍ଗୁରୁ କ୍ଲବରେ ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଇଲେଭେନ୍ ବୁଲେଟ୍ କ୍ଲବ, ୟଙ୍ଗ ଜିନିୟସ କ୍ଲବ ଓ କେନ୍ଦୁଝର ଇଂଜିନିୟରିଂ ସ୍କୁଲ ତରଫରୁ ଭକ୍ତମାନଙ୍କୁ ମାଗଣାରେ ଭୋଗ ବିତରଣ କରାଯାଇଥିଲା। ଶ୍ରୀଗୁଣ୍ଡିଚା ରଥଯାତ୍ରାର ସିଧା ପ୍ରସାରଣ କାର୍ଯ୍ୟକ୍ରମ କେବୁଲ ଟିଭି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଶ୍ରୀ ଗୋପାଳଜୀଉ ମଠ ଓ ରଥ ବେଞ୍ଚ ସଂଗଠନ ତରଫରୁ ପାଣି, ଦହିପାଣି ବଣ୍ଟନ ହେଉଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଅସ୍ଥାୟୀ ଚିକିତ୍ସାଳୟ ଖୋଲାଯାଇଥିଲା। ସୂଚନା ଲୋକସଂପର୍କ ବିଭାଗ ତରଫରୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ରେଡକ୍ରସ୍, ଏନ୍ସିସି ଛାତ୍ରଛାତ୍ରୀମାନେ ରଥଯାତ୍ରା ଦେଖିବାକୁ ଆସିଥିବା ଭକ୍ତଙ୍କୁ ପାନୀୟ ଜଳ ବଣ୍ଟନ, ପ୍ରାଥମିକ ଚିକିତ୍ସା ଆଦି ସମ୍ପର୍କରେ ତଦାରଖ କରୁଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ, ଏସପି ନୀତିନ କୁଶଲକର, ଡିଏଫଓ ଧନରାଜ ଏଚ୍ଡି, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହାନ୍ତା, ଅତିରିକ୍ତ ଏସ୍ପି ରବୀନ୍ଦ୍ର ପ୍ରଧାନ, ଡିଆଇବି ଅତିରିକ୍ତ ଏସପି ଜ୍ୟୋତିର୍ମୟ ଭୁକ୍ତା, ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ, ସଦର ତହସିଲଦାର, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ, ଟାଉନ ଥାନାଧିକାରୀଙ୍କ ସହ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସକ ଉପସ୍ଥିତ ଥିଲେ।

ଏମାନଙ୍କ ବ୍ୟତୀତ ରଥଟଣା ସମୟରେ କେନ୍ଦୁଝରଗଡ ପୌରପାଳିକାର କାଉନସିଲର, ସ୍ୱେଚ୍ଛାସେବୀ ସଂଗଠନ, ସାମ୍ବାଦିକ, ବୁଦ୍ଧିଜୀବି, ସେବାୟତ ଓ ପୂଜାପଣ୍ଡାମାନେ ଏହି ରଥଯାତ୍ରା ସୁପରିଚାଳନାରେ ସହାୟତା କରିଥିଲେ। ଏହି ରଥଯାତ୍ରାକୁ ସୂଚାରୁରୂପେ ସଂପନ୍ନ କରିବା ପାଇଁ କେନ୍ଦୁଝର ଏସପି ନୀତିନ କୁଶଲକରଙ୍କ ନେତୃତ୍ୱରେ ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହିତ ୨ ଜଣ ଅତିରିକ୍ତ ଏସପି, ୭ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର, ୪୫ ଜଣ ସବଇନ୍ସପେକ୍ଟର ଏବଂ ଏଏସଆଇ, ୨୭ ପ୍ଲାଟୁନ ପୁଲିସ ଫୋର୍ସ, ବନ କର୍ମଚାରୀ, ଅବକାରୀ ବିଭାଗ କର୍ମଚାରୀ ନିୟୋଜିତ ହୋଇଥିଲେ। ଏଥିସହ ରଥଯାତ୍ରା ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ୱାଚ୍ ଟାୱାରରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ରଥଯାତ୍ରା ସମୟରେ ଟ୍ରାଫିକ୍ ବ୍ୟବସ୍ଥାକୁ ନିୟନ୍ତ୍ରଣ ପାଇଁ କେନ୍ଦୁଝର ସହର, ପୁରୁଣା ସହର, ବଡଦାଣ୍ଡ ଅଞ୍ଚଳରେ ଟ୍ରାଫିକ୍ ପୁଲିସ କର୍ମଚାରୀମାନେ ନିୟୋଜିତ ହୋଇଥିଲେ। ସହରରେ ଗାଡିମୋଟର ଚଳାଚଳ ପାଇଁ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ କରାଯାଇଥିଲା। କେନ୍ଦୁଝର ସହରର ଚର୍ଚ୍ଚ ଛକଠାରୁ ରଥଦାଣ୍ଡକୁ ଗାଡିମୋଟର ଚଳାଚଳ ଉପରେ ଅଙ୍କୁଶ ଲଗାଯାଇଥିଲା। ନିର୍ଦ୍ଧାରିତ ଗାଡିମୋଟର ବ୍ୟତୀତ ଅନ୍ୟ ଗାଡିମୋଟରଗୁଡିକ ଅନ୍ୟବାଟ ଦେଇ ପୁରୁଣା ବଜାର ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ।

ଏଥିସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଆୟୋଜିତ ହୋଇଛି। ବିଶେଷକରି ରାଇସୁଆଁ, ବନାଯୋଡ଼ି, ଝୁମ୍ପୁରା, କେନ୍ଦୁଆ, ରିମୁଳି, ଚମ୍ପୁଆ, ଯୋଡ଼ା, ବଡ଼ବିଲ, କାଳୀମାଟି, ନୟାଗଡ଼, ବାଂଶପାଳ, ଫୁଲଝରୀ, ତେଲକୋଇ, ଶୁଆକାଟୀ, ହରିଚନ୍ଦନପୁର, ଢେଙ୍କିକୋଟ, ଘଟଗାଁ, ଆନନ୍ଦପୁର, ହାଟଡିହି, ପାଟଣା, ତୁରୁମୁଙ୍ଗା, ଉଦୟପୁର, ପଟିଲୋ ପ୍ରଭୃତି ଅଞ୍ଚଳ ସମେତ ଅନେକ ସ୍ଥାନରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।

## ସରିଲା ପହଣ୍ଡି; ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି

# ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା

ବାରିପଦା,୧୬।୭(ସମିସ): ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ଦ୍ୱିତୀୟଶ୍ରୀକ୍ଷେତ୍ର ବାରିପଦାରେ ଗୁରୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ଓ ରଥାରୁଢ଼ କାର୍ଯ୍ୟ ସମ୍ପନ୍ନ ହୋଇଛି। ରଥାରୂଢ ଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ରାତି ପର୍ଯ୍ୟନ୍ତ ଲାଗି ରହିଛି। ପରମ୍ପରା ଅନୁଯାୟୀ ଏଠାରେ ଶୁକ୍ରବାର ରଥଟଣା ଆରମ୍ଭ ହେବ। ସରିଛି ସମସ୍ତ ପ୍ରସ୍ତୁତି। ରଥ, ପଥ ଓ ଭକ୍ତ ସମସ୍ତେ ପ୍ରସ୍ତୁତ ରହିଛନ୍ତି।


ଗୁରୁବାର ସକାଳେ ଯଥାରୀତି ଅନୁଯାୟୀ ଠାକୁରଙ୍କ ମଙ୍ଗଳ ଆଳତୀ, ମହାସ୍ନାନ ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ରଥଖଳାରେ ମନ୍ଦିରର ପୁରୋହିତ ଅରୁଣ କୁମାର ମିଶ୍ରଙ୍କ ଦ୍ୱାରା କଳସ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ପୂଜାନୀତି ସମ୍ପନ୍ନ କରାଯିବା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଶେଷରେ ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ଦର୍ପଦଳନ ରଥର ପ୍ରତିଷ୍ଠା ପାଇଁ ଆବଶ୍ୟକ ପୂଜାନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପରମ୍ପରାନୁଯାୟୀ ସହରର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ଠାକୁରାଣୀଙ୍କ ଆଜ୍ଞାମାଳ ଆସିଥିଲା। ମା' ଅମ୍ବିକାଙ୍କ ଦାସୀ ଖଡ୍ଗ ସହ ଆଜ୍ଞାମାଳ ନେଇ ଆସି ସିଂହଦ୍ୱାର ନିକଟରେ ଥିବା ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥକୁ ୩ ଥର ପ୍ରଦିକ୍ଷଣ କରିବା ପରେ ମା'ଙ୍କ ପୂଜକ ପ୍ରଭୁ ବଳଭଦ୍ରଙ୍କ ରଥ ସମ୍ମୁଖରେ ପୂଜାନୀତି ଶେଷ କରିଥିଲେ। ମନ୍ଦିରରେ ନାଗରା ବାଜିବା ପରେ ଚକାଛଡ଼ା ନୀତି ଆରମ୍ଭ ହୋଇଥିଲା। ପୂଜାପଣ୍ଡା ରୂପା ଥାଳିରେ ଅଁଳାପତ୍ରର ପୂଜାସଂସ୍କାର କରି ତିନି ଦିଅଁଙ୍କଠାରେ ଲାଗି କରାଇଥିଲେ। ପହଣ୍ଡିଆମାନେ ଗୋଟିପହଣ୍ଡିରେ ସମସ୍ତ ଠାକୁରଙ୍କୁ ନାଟ ମନ୍ଦିରର ମଧ୍ୟଭାଗକୁ ବିଜେ କରାଇବା ପରେ ଆରମ୍ଭ ହୋଇଥିଲା ଗୁଣ୍ଡିଚା ପହଣ୍ଡି ବେଶ। ମହାରାଜା ପ୍ରବୀଣ କୁମାର ଭଞ୍ଜଦେଓ ଛେରାପହଁରା କରିଥିଲେ। ମନ୍ଦିର ପରିଛା ଦୁର୍ଗା ଚରଣ ଜିତ୍‌ବାବୁ ମହାପ୍ରଭୁଙ୍କ ବ୍ରହ୍ମା, ପାଟ ଜ୍ୟୋତିଷ, କୋଠ ଚାକର, ଟହଲିଆ ତିନି ରଥର ସିଂହାସନକୁ ଛେରାପହଁରାରେ ସହାୟତା କରିଥିଲେ। ତାଳଧ୍ୱଜ ରଥରେ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ଦର୍ପଦଳନ ଓ ଶେଷରେ ନନ୍ଦିଘୋଷ ରଥର କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ନାଗରା ଭାଡିରେ ନାଗରା ବାଜିବା ପରେ ତିନି ଦିଅଁଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଶଦାର, ଘଣ୍ଟ, ଘଣ୍ଟା, ଶଙ୍ଖ, ଚାମର, କାହାଳୀ, ରଣସିଂଘା, ମଶାଲାଚି, ଛତା, ତରାସ, ପ୍ରଭୁଙ୍କ ହାତପଙ୍ଖା, କୋଠ ଚାକର ତଥା ସମସ୍ତ ସେବାୟତଙ୍କ ଦ୍ୱାରା ପ୍ରଥମେ ମହାପ୍ରଭୁ ବଳଭଦ୍ରଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଂହଦ୍ୱାର ସମ୍ମୁଖରେ ଥିବା ସୂର୍ଯ୍ୟ ଅର୍ଘ୍ୟ ପଦ୍ମଫୁଲ ସିଂହାସନରେ ସୁସଜ୍ଜିତ ଫୁଲରେ ତିଆରି ହୋଇଥିବା ଟାହିଆ ମସ୍ତକରେ ଲାଗି କରାଯାଇଥିଲା ଓ ପରେ ୧୨ଜଣ ପହଣ୍ଡିଆ ଗୋଟି ପହଣ୍ଡିରେ ରଥଖଳାରେ ପହଞ୍ଚାଇ ରଥାରୁଢ କରାଇଥିଲେ। ରଥାରୁଢ କରାଇବା ପୂର୍ବରୁ ନନ୍ଦିଘୋଷ ରଥ ଓ ଦର୍ପଦଳନ ରଥର ମଧ୍ୟଭାଗରେ ଉତ୍ତରାମୁଖୀ ବାଟପୂଜା କରାଯାଇଥିଲା। ଏହି ପହଣ୍ଡିବିଜେ ସମୟରେ ଚଳନ୍ତି ପ୍ରତୀମା ମଦନମୋହନ ସଙ୍ଗରେ ରହିଥିଲେ।



ଏହାପରେ ଆରମ୍ଭ ହୋଇଥିଲା ସୁଭଦ୍ରା ଦେବୀ ଓ ସୁଦର୍ଶନଙ୍କ ପହଣ୍ଡିବିଜେ। ସୁଦର୍ଶନ ଠାକୁରଙ୍କୁ ଜଣେ ପହଣ୍ଡିଆ କାନ୍ଧରେ ବସାଇ ଓ ମା' ସୁଭଦ୍ରାଙ୍କୁ ୩ ଜଣ ପହଣ୍ଡିଆ ଟାହିଆ ପିନ୍ଧାଇ ଗୋଟି ପହଣ୍ଡିରେ ଆଣି ରଥାରୁଢ କରାଇଥିଲେ। ଶେଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ରଥାରୁଢ କରାଯାଇଥିଲା। ବଡଭାଇ ବଳଭଦ୍ରଙ୍କ ନୀତିନିୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ସମସ୍ତ କର୍ମ ସମାପନ ସାଙ୍ଗକୁ ବେଶକାରୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଳଙ୍କାର ଓ ବସ୍ତ୍ର ଲାଗି ପରେ ରଥରେ ସାଧାରଣ ଦର୍ଶନ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ହରିପୁର ରାଜଭେଟି ସାଙ୍ଗକୁ ଆରତୀ ଓ ତୁଳସୀ ସେବନ ପରେ ନୀତି ଶେଷ ହୋଇଛି। ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ମହିଳାଙ୍କ ଦ୍ୱାରା ସୁଭଦ୍ରାଙ୍କ ରଥଟଣା ହେବ। ରଥଯାତ୍ରା ପାଇଁ ମୟୂରଭଞ୍ଜ ଜିଲ୍ଲା ତଥା ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ରଥଯାତ୍ରା ଉପଲକ୍ଷେ ଦୋଳି, ବିଭିନ୍ନ ମନୋରଞ୍ଜନ ଷ୍ଟଲ ସହିତ ରାଜ୍ୟ ଓ ରାଜ୍ୟ ବାହାରୁ ଦୋକାନୀ ଆସି ମେଳାରେ ନିଜର ପସରା ମେଲାଇଛନ୍ତି। ଶୁକ୍ରବାର ଅପରାହ୍ଣ ୨ଟା ୩୦ ମିନିଟରେ ବଳଭଦ୍ର ଓ ପରେ ସୁଭଦ୍ରାଙ୍କ ରଥ ଟଣାଯିବ। ବଳଭଦ୍ରଙ୍କ ରଥ ମାଉସୀମା' ମନ୍ଦିରରେ ପହଞ୍ଚିବାକୁ ଥିବାବେଳେ ସୁଭଦ୍ରାଙ୍କ ରଥ ଅଧା ରାସ୍ତା ଟାଉନ ଥାନା ସମ୍ମୁଖରେ ରହିବ। ଶନିବାର ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟଣା ଆରମ୍ଭ ହୋଇ ସୁଭଦ୍ରାଙ୍କ ରଥ ସହିତ ମାଉସୀମା' ମନ୍ଦିରରେ ପହଞ୍ଚିବ। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସହିତ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି।

# ତୃତୀୟ ଶ୍ରୀକ୍ଷେତ୍ରରେ ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି, ଆଜି ରଥଟଣା

ନୀଳଗିରି, (ସମିସ): ପବିତ୍ର ଘୋଷଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଅପରାହ୍ଣ ପ୍ରାୟ ୪ଟା ସମୟରେ ଝିପିଝିପି ବର୍ଷାରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ନୀତିକାନ୍ତି ସମାପନ ପରେ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା। ପରେ ଧାଡ଼ିପହଣ୍ଡିରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ପହଣ୍ଡିବିଜେ ନୀତି ସମ୍ପନ୍ନପରେ ଶେଷରେ ବିଶ୍ୱବ୍ରହ୍ମାଣ୍ଡର ଅଧିପତି, କୋଟିକୈବଲ୍ୟନାଥ କଳାସାଆନ୍ତ ଘଣ୍ଟଘଣ୍ଟା, କାହାଳୀ,ଖୋଳତାଳ, ହରିବୋଲ ଧ୍ୱନିରେ ରଥାରୁଢ଼ ହୋଇଥିଲେ। ଝିପିଝିପି ବର୍ଷାରେ ଭିଜି ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ପହଣ୍ଡିବିଜେ ନୀତି ଦର୍ଶନ କରିଥିଲେ। ସ୍ଥାନୀୟ ପରମ୍ପରା ଅନୁଯାୟୀ ନୀଳଗିରି ରଥଯାତ୍ରା ତିନିଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମଦିବସରେ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡିରେ ଯାଇ ରଥଉପରେ ଉପବେଶନ ପୂର୍ବକ ରାତ୍ରିଯାପନ କରିବେ। ଆଜି ପ୍ରଥମଦିବସର ରଥଟଣା କାର୍ଯ୍ୟକ୍ରମ ସମାପନପରେ



ଚତୁର୍ଦ୍ଧାମୂର୍ତ୍ତି ଅଧାରାସ୍ତାରେ ଅଟକିବେ। ଆଜିର ଏହି ପହଣ୍ଡିବିଜେ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବିଡ଼ିଓ ବିକ୍ରମକେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ବାଲେଶ୍ୱର ଆଡିସନାଲ ଏସପି ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବହୁସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ମାଉସୀମା' ମନ୍ଦିରରେ ପହଞ୍ଚି ପାରିଲାନି ଦୁଇ ରଥ

ଢେଙ୍କାନାଳ,୧୬।୭(ସମିସ): ଢେଙ୍କାନାଳ ପ୍ରସିଦ୍ଧ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀ ମାଆ ମନ୍ଦିରରେ ପହଞ୍ଚିପାରି ନ ଥିବା ବେଳେ ବଡ଼ରଥ ମିନା ବଜାରଠାରେ ପହଞ୍ଚିଥିବା ବେଳେ ସାନରଥ ଜବାହର ଚୌକ ନିକଟରେ ଅଟକି ରହିଛି। ଶ୍ରୀ ଶ୍ରୀ ବଳରାମ ମନ୍ଦିର ପରିସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସକାଳ ନୀତି ପାଳନ ପରେ ସେଣାପଟା ଲାଗି ଓ ପହଣ୍ଡି ବେଶ କରାଯାଇଥିଲା। ମହାପ୍ରଭୁଙ୍କ ମଙ୍ଗଳାର୍ପଣ ଓ ସେବା ପୂଜା ହୋଇ ଛେରାପହଁରା ଇତ୍ୟାଦି ସେବା ପରେ ମହାପ୍ରଭୁଙ୍କ ଅଙ୍ଗବସ୍ତ୍ର ଲାଗି କରାଯାଇଥିଲା। ମୁଖ୍ୟ ମନ୍ଦିରରୁ ଚତୁର୍ଦ୍ଧା ମୂରତିଙ୍କୁ ମଧ୍ୟାହ୍ନରେ ପହଣ୍ଡି ବିଜେ କରାଯାଇ ରଥଖଳାକୁ ଅଣାଯାଇଥିଲା। ସେଠାରେ



## ଢେଙ୍କାନାଳରେ ରଥଯାତ୍ରା

ଦୁଇ ରଥରେ ପ୍ରଭୁଙ୍କୁ ରଥାରୂଢ଼ କରାଯିବା ପରେ ମହାପ୍ରଭୁଙ୍କ ପୂଜା ଓ ରୀତିନୀତି କରିବା ପରେ ରାଜା କାମାକ୍ଷାପ୍ରସାଦ ସିଂହଦେଓ, ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ବଡ଼ ରଥରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ସାନ ରଥରେ ଦେବୀ ସୁଭଦ୍ରା ବିଜେ କରିଥିଲେ। ରଥ ଟାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ରାଜାଙ୍କ ଦ୍ୱାରା ଅପରାହ୍ଣ ସାଢ଼େ ଦୁଇଟାରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପୂର୍ବର ଯାତ୍ରାପାଇଁ ସମସ୍ତ ପ୍ରକାରର ନୀତି ନିର୍ଘଣ୍ଟ ହୋଇଥିବା ବେଳେ ଅପରାହ୍ଣ ୩ଟା ୩୦ ମିନିଟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ବଡ଼ ରଥକୁ ଶ୍ରଦ୍ଧାଳୁମାନେ ଟାଣିଥିବା ବେଳେ ସାନ ରଥକୁ ମହିଳାମାନେ ଟାଣି ନେଇଥିଲେ। ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀ ମାଆ ମନ୍ଦିର ନିକଟରେ ପହଞ୍ଚି ପାରି ନ ଥିଲା। ବଡ଼ରଥ ୬ଟା ୩୦ ମିନିଟରେ ମିନା ବଜାରଠାରେ ଅଟକି ରହିଥିଲା। ଏବଂ ସାନରଥ ୬ ଟା ୩୫ ମିନିଟରେ ଜବାହାର ଚୌକପର୍ଯ୍ୟନ୍ତ ଆସି ଅଟକି ରହିଛନ୍ତି। ପ୍ରଶାସନ ଏବଂ ଦେବୋତର ବିଭାଗ ପକ୍ଷରୁ ବ୍ୟାପକ ଆୟୋଜନ ଏବଂ ନିର୍ଦ୍ଦିଷ୍ଟ ସମୟରେ ପୂଜାନୀତି ଏବଂ ରଥଟଣା କରିବା ପାଇଁ ପ୍ରସ୍ତୁତ ହୋଇଥିଲେ ମଧ୍ୟ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ରଥଯାତ୍ରାରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ, ସ୍ୱେଚ୍ଛାସେବୀ ସଂଗଠନ ସହ ପୁଲିସ ପ୍ରସାଶନ ଉପସ୍ଥିତ ରହି ରଥଟଣା କାର୍ଯ୍ୟରେ ସହଯୋଗ କରିଥିଲେ। ରେଡକ୍ରସ ସହିତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଯୋଗଦେଇଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକର, ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ବିବୁଧ ଗଡ଼ନାୟକ, ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ପଦ୍ମଚରଣ ସାହୁ, ଟାଉନ ଥାନା ଅଧିକାରୀଙ୍କ ସମେତ ପୁଲିସ କର୍ମଚାରୀ ମୁତୟନ ରହିଥିଲେ। ରଥଗଡ଼ାଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଧାରାବିବରଣୀ ପ୍ରଦାନ କରାଯାଇଥିଲା।

# ଶୈଳଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କ ରଥଯାତ୍ରା

ଅନୁଗୋଳ,୧୬।୭(ସମିସ): ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ। ଗୁରୁବାର ହଜାର ହଜାର ଭକ୍ତଙ୍କ ସମାଗମରେ ଶୈଳଶ୍ରୀକ୍ଷେତ୍ର ଅନୁଗୋଳରେ ତିନି ଠାକୁରଙ୍କ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ବୁଧବାର ନେତ୍ରୋତ୍ସବ ବ ନବଯୌବନ ଦର୍ଶନ ନୀତି ସମାପନ ହେବା ପରେ ସର୍ବସାଧାରଣଙ୍କ ଦର୍ଶନ ହୋଇଥିଲା। ଗୁରୁବାର ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ ପ୍ରାତଃ ସମୟରୁ ଦ୍ୱାରଫିଟା ଓ ମଙ୍ଗଳ ଆଳତି ହୋଇଥିଲା। ଏହା ସହ ସେନାପଟା ଲାଗି, ଅବକାଶ ନୀତି ଓ ରୋଷହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସକାଳ ସାଢ଼େ ୫ଟାରେ ତିନି ଠାକୁରଙ୍କ ବେଶ ଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗରୁଡ଼ ପୂଜା, ଓ ବାଲଧୂପ ସହ ଖେଚୁଡ଼ି ଧୂପ ସମାପନ ହୋଇଥିଲା। ପରେ ରଥ ପ୍ରତିଷ୍ଠା ହେବା ସହ ଚାରମାଳ ଲାଗି କରାଯାଇ ଶ୍ରୀଜୀଉମାନଙ୍କ ମଙ୍ଗଳାର୍ପଣ ନୀତି ସମାପନ ହୋଇଥିଲା। ଚଳିତ ବର୍ଷ ନିର୍ଦ୍ଧାରିତ ସମୟରେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ସହ ରଥାରୂଢ଼ ଓ ବେଶ ଅନୁଷ୍ଠିତ ହେବା ପରେ ଶ୍ରୀ ଶ୍ରୀମଦନମୋହନ ରଥକୁ ବିଜେ କରିଥିଲେ। ମଧ୍ୟାହ୍ନ ୧୨ଟାରେ ଅନୁଗୋଳ ଏସପି ରାହୁଲ ଜୈନ ରଥ ଉପରେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ଅପରାହ୍ଣ ୧ଟାରେ ତିନି ରଥରେ ଘୋଡ଼ା ଓ ସାରଥି ସଂଯୋଗ କରାଯିବା ସହ ଚାରମାଳ ଉଲାଗି ଓ ରଥ ଦଉଡ଼ି ଲାଗି କାର୍ଯ୍ୟ ସମାପନ ହୋଇଥିଲା। ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଭକ୍ତଙ୍କ ଗହଣରେ ପ୍ରଭୁ ବଳଭଦ୍ରଙ୍କ ରଥ ସନ୍ଧ୍ୟା ୭ଟା ଏବଂ ମା' ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କ ରଥ ସନ୍ଧ୍ୟା ୮ଟାରେ ଅମଲାପଡ଼ାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଶୁକ୍ରବାର ଅପରାହ୍ଣ ୫ଟାରେ ଶ୍ରୀଜୀଉମାନଙ୍କ ରଥାବତରଣ କାର୍ଯ୍ୟ ହେବା ସହ ଗୋଟି ପହଣ୍ଡିରେ ଗୁଣ୍ଡିଚା ମଣ୍ଡପକୁ ବିଜେ କରିବେ। ସୋମବାର ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ପର୍ବ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା ସମିତି ପକ୍ଷରୁ ସମ୍ପାଦକ ହେମନ୍ତ କୁମାର ଦାଶ ଓ ବିଶେଷ ପୂଜା କମିଟି ଅଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ଉପସଭାପତି ପରମାନନ୍ଦ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ନାଲକୋ ନଗର, ହୁଲୁରିସିଂହା, ଅମଲାପଡ଼ା, ହେମଶୁରପଡ଼ା ସମେତ ପୁରୁଣାଗଡ଼ରେ ରଥଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଛି।




ସହରରେ ପ୍ରବଳ ଜନସମାବେଶକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ ପୌରପାଳିକା ପକ୍ଷରୁ ରଥ ପଥକୁ ରଙ୍ଗୋଲିରେ ଭରିଛି। ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶୈଳଶ୍ରୀକ୍ଷେତ୍ର ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯାଏ ରଙ୍ଗୋଲିରେ ଚିତା ପକାଇଥିଲେ। ସହରରେ ପ୍ଲାଷ୍ଟିକ, ପଲିଥିନ କ୍ୟାରି ବ୍ୟାଗକୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ସପ୍ତାହ ଆଗରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଯାତ୍ରାରେ ଆବର୍ଜନା ସଫାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ପାଇଁ ପ୍ରସାଦ ଷ୍ଟଲ ପାଖରେ ଡଷ୍ଟବିନ ଯୋଗାଇ ଦିଆଯାଇଛି। ପ୍ରତି ରଥ ପଛେ ପଛେ ସଫେଇ କର୍ମଚାରୀ ନିୟୋଜିତ ହୋଇଥିଲେ। ସହରରେ ବାସିଖାଦ୍ୟ ନ ପରଷିବା ପାଇଁ ହୋଟେଲ, ରେଷ୍ଟୁରାଣ୍ଟ, ଷ୍ଟ୍ରିଟଫୁଡ୍ ଦୋକାନୀଙ୍କୁ ଦାଗିଦ କରାଯାଇଛି। ରାସ୍ତା ପାଶ୍ୱର୍, ଡ୍ରେନ, ଆଦିରେ ବ୍ଲିଚିଂ ପାଉଡର ପକାଯାଇଛି।

ସେହିପରି ରଥପଥରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇ ଦିଆଯାଇଛି। ଅନୁଗୋଳ ପୌରପାଳିକା ଠିକାଦାର ଉନ୍ନୟନ ସଂଘ, କ୍ରେନ ୱେଲଫେୟାର ଆସୋସିଏସନ, ଜିଲ୍ଲା ପୁଲିସ ୱେଲଫେୟାର, ଜିଲ୍ଲା ମେକାନିକ ସଂଘ, ଉତ୍କର୍ଷ ପରିବାର, ଆମ ଅନୁଗୋଳ ଆମ ଗୌରବ ପ୍ରଭୃତି ଅନୁଷ୍ଠାନ ପକ୍ଷରୁ ଅନ୍ନପ୍ରସାଦ, ଖେଚୁଡ଼ି ଭୋଗ, ଦହିସର୍ବତ ବିତରଣ କରାଯାଇଥିଲା। ରଥ ଆଗେ ଆଗେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଘଣ୍ଟୁଆ, ଶଙ୍ଖୁଆ, ସଂକୀର୍ତ୍ତନ ମଣ୍ଡଳୀ, ଭଜନ ମଣ୍ଡଳୀ, ପାରମ୍ପରିକ ନୃତ୍ୟ ମଣ୍ଡଳୀ କଳାକାରମାନେ ନିଜ କଳା ପ୍ରଦର୍ଶନ କରିଥିଲେ।

# ତିନି ରଥରେ ବିଜେ ୩ ଠାକୁର; ଆଜି ରଥଟଣା

ଯାଜପୁର,୧୬।୭ (ସମିସ): ସର୍ବ ପ୍ରାଚୀନ ତଥା ଐତିହ୍ୟ କିମ୍ବଦନ୍ତୀ ବହନ କରୁଥିବା ବୈତରଣୀ କୂଳରେ ଥିବା ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ପୂଜା ପାଉଥିବା ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରଥଯାତ୍ରା ଅବସରରେ ପହଣ୍ଡି ବିଜେ କରାଯାଇ ତିନି ରଥରେ ବିଜେ କରାଯାଇଛି। ପରମ୍ପରା ଅନୁଯାୟୀ ଶୁକ୍ରବାର ଦିନ ରଥ ଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମଗ୍ର ଭାରତ ବର୍ଷ ଓ ଓଡ଼ିଶାରେ ଗୁରୁବାର ଦିନ ରଥଯାତ୍ରା ହୋଇଥିବାବେଳେ ଯାଜପୁରରେ ଦିନକ ପରେ ଅର୍ଥାତ୍ ଶୁକ୍ରବାର ଅନୁଷ୍ଠିତ ହେବ। ସଦାବ୍ରତ ମଠ ମାଉସୀ ମା' ଘରକୁ ତିନି ଠାକୁର ଯିବାର କାର୍ଯ୍ୟକ୍ରମ ରହିଛି। ଆଜି ରଥରେ



ତିନି ଠାକୁରଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରତ୍ୟୁଷରୁ ନୀତିକାନ୍ତି କରାଯିବା ପରେ ପହଣ୍ଡି ବିଜେ କରାଯାଇ ତିନି ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ସେବାୟତ ବାସୁଦେବ ପାଣି, ଜଗନ୍ନାଥ ପାଣି, ସୁଦର୍ଶନ ପାଣି, ଅନନ୍ତ ବାସୁଦେବ ପାଣି, ନାରାୟଣ ପାଣି, ଚନ୍ଦ୍ରଶେଖର ପାଣି, ମହେଶ୍ୱର ପାଣି ସମେତ ଗୀତାଜାଗରଣ ପରିଷଦର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପବିତ୍ର ରଥଯାତ୍ରା ଅବସରରେ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଭଜନ, କୀର୍ତ୍ତନ ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁ ଭକ୍ତ ୩ ରଥରେ ବସିଥିବା ୩ ଠାକୁରଙ୍କୁ ଦର୍ଶନ କରି ପରିବାର ମଙ୍ଗଳ କାମନା କରିଥିଲେ।

## ପାରାଦୀପରେ ମହାପ୍ରଭୁଙ୍କ ଘୋଷଯାତ୍ରା

# ଜଗନ୍ନାଥ ମନ୍ଦିରରୁ ମାଉସୀମା' ଛକ ଲୋକାରଣ୍ୟ

ପାରାଦୀପ,୧୬।୭(ସମିସ)

ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବନ୍ଦରର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥ ଉପରେ ଶ୍ରୀଜିଉଙ୍କୁ ଦର୍ଶନ କରିବାକୁ ହଜାର ହଜାର ଭକ୍ତ ମାଉସୀମା ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଭିଡ଼ ଜମାଇଥିଲେ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରଥଯାତ୍ରାର ସମସ୍ତ ରୀତିନୀତି ପାଳନ କରାଯାଇ ମଧ୍ୟାହ୍ନରୁ ଚତୁର୍ଦ୍ଧାବିଗ୍ରହ ପହଣ୍ଡି କାର୍ଯ୍ୟ ସମ୍ପନ୍ନ ପରେ





ବନ୍ଦର ଅଧ୍ୟକ୍ଷଙ୍କ ଛେରା ପହଁରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ଅପରାହ୍ଣ ୫ ଟାରୁ ରଥ ଟଣା ଆରମ୍ଭ ହୋଇଥିଲା। ରଥ ଯିବା ବାଟରେ ଭକ୍ତମାନେ ଶୃଙ୍ଖଳିତ ଭାବେ ରଥକୁ ଛୁଇଁବା ସହିତ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଜଗନ୍ନାଥ ମନ୍ଦିର ପାଖରୁ ମାଉସୀମା ଛକ ପର୍ଯ୍ୟନ୍ତ ରଙ୍ଗ ବେରଙ୍ଗର ଆଲୋକ ମାଳାରେ ସଜ୍ଜିତ କରାଯିବା ସହିତ ଆହ୍ୱାନ ଫାଉଣ୍ଡେସନ, ବିବେକାନନ୍ଦ ୟୁଥ କ୍ଲବ୍ ଭଳି ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ଖେଚୁଡ଼ି, ପଲାଉ, ଦହି ସର୍ବତ, ସ୍ୱଚ୍ଛ ପାନୀୟ ଜଳ ଆଦି ଯୋଗାଇ ଦିଆଯାଇଥିଲା। ବନ୍ଦରର ଅଧ୍ୟକ୍ଷ ପିଏଲ୍ ହରନାଦ ଛେରାପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ଅଧ୍ୟକ୍ଷଙ୍କ ସହଧର୍ମିଣୀ ଏବଂ ବନ୍ଦରର ବହୁ ଅଧିକାରୀ ଛେରା ପହଁରାବେଳେ ଉପସ୍ଥିତ ଥିଲେ। ଏହା ସହିତ ବନ୍ଦରାଞ୍ଚଳର ବହୁ ରାଜନୈତିକ ବ୍ୟକ୍ତିତ୍ୱ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ସମେତ ପାଖାପାଖି ୫୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ୬.୩୦ ଟାରେ ରଥ ମାଉସୀମା ମନ୍ଦିର ନିକଟରେ ପହଞ୍ଚିଥିଲା।



## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ସମୟର ସଦୁପଯୋଗ କରନ୍ତୁ। ଅନ୍ୟକୁ କଷ୍ଟ ଦେଲା ପରି କଥା କୁହନ୍ତୁନି।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ନିଜ ଲୋକ ଶତ୍ରୁ ସାଜିବେ। ଭାବି ବିଚାରି କାମ କରନ୍ତୁ। ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଆଶାରୁ ଅଧିକ ସଫଳତା ଲାଭ କରିବେ।

**ମିଥୁନ:** ଆଶା କରିଥିବା ଦିଗରୁ ଧନ ମିଳିବ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ। ଅଚାନକ ଖୁସି ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମାନସିକ ଚିନ୍ତା ବଢ଼ିବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ। ପିଲାଙ୍କ ପଢ଼ା ପାଇଁ ଅଭିଭାବକ ବ୍ୟସ୍ତ ହୋଇପାରନ୍ତି।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ତୁଳା:** ପଡୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ।

**କୁମ୍ଭ:** କର୍ମଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମୀନ:** ରାଜନୀତିରେ ଯୋଗ ଦେବେ। ଆୟ ଅନୁସାରେ ବ୍ୟୟ ସମାନ ରହିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ଖୋଜିବାକୁ ବର୍ତ୍ତମାନ ଉପଯୁକ୍ତ ସମୟ।

## ଆଜିର ଇତିହାସ

- ୧୯୨୯ - ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା।
- ୧୯୪୮ - ଭାରତୀୟ ମହିଳାଙ୍କୁ ପ୍ରଶାସନିକ ସେବା ସହିତ ସାର୍ବଜନୀନ ସେବାଗୁଡ଼ିକରେ ଭର୍ତ୍ତି ହେବା ପାଇଁ ଅନୁମତି ମିଳିଲା।
- ୧୯୫୦- ପଞ୍ଜାବର ପଠାନ୍‌କୋଟ୍ ଠାରେ ଭାରତର ପ୍ରଥମ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ।
- ୧୯୯୫- ଫୋର୍ବସ୍ ପତ୍ରିକା ମାଇକ୍ରୋସଫ୍ଟର ସଂସ୍ଥାପକ ବିଲ୍ ଗେଟସ୍‌ଙ୍କୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଘୋଷଣା କଲା।



# ଅନ୍ତରାଷ୍ଟ୍ରୀୟ ନ୍ୟାୟ ଦିବସ

ଆଜି 'ଆନ୍ତର୍ଜାତିକ ନ୍ୟାୟ ଦିବସ'। ବିଶେଷ କରି ମାନବାଧିକାର ଉଲ୍ଲଂଘନର ଗୁରୁତର ମାମଲା ଏବଂ ତାହାକୁ ଦୂର କରିବାରେ ଆନ୍ତର୍ଜାତିକ ଆପରାଧିକ ଅଦାଲତ (ଆଇଆଇସି) ର ଭୂମିକା ଉପରେ ଆଲୋକପାତ କରିବା ପାଇଁ ଏହି ସ୍ୱତନ୍ତ୍ର ଦିବସର ପରିକଳ୍ପନା କରାଯାଇଛି। ଲୋକଙ୍କୁ ନରସଂହାର, ମାନବିକତା ବିରୋଧୀ ଅପରାଧ, ଯୁଦ୍ଧ ଅପରାଧ ଓ ଆକ୍ରମଣ ଅପରାଧରୁ ରକ୍ଷା କରିବା ଲାଗି ୧୯୯୮ ଜୁଲାଇ ୧୭ରେ ରୋମ୍‌ଠାରେ ଆଇସିସିର ପ୍ରତିଷ୍ଠାତା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି। ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ। ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇ ଆସୁଛି। ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମେଳନର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ। ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୦୨ ଜୁଲାଇ ୧ ଠାରୁ ନେଦରଲାଣ୍ଡ୍‌ର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା। ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ। ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ। ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି ଅଦାଲତରେ କରାଯାଏ। ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି। ସଂପ୍ରତି ୧୨୫ଟି ରାଷ୍ଟ୍ର ଆଇସିସିର ସଦସ୍ୟ ଅଛନ୍ତି। ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ନ୍ୟାୟାଧୀଶ ରହିଛନ୍ତି, ଯିଏକି ସଂଯୁକ୍ତ ରାଷ୍ଟ୍ର ମହାସଭା ଓ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ଲାଗି ଚୟନ ହୋଇଥାନ୍ତି। ଏହି ଦିବସ ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଲୋକଙ୍କୁ ସଚେତନ କରେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଆଇନଗତ ଅନୁଷ୍ଠାନ, ମାନବାଧିକାର ସଂଗଠନ ଓ ସେମିନାର ମାଧ୍ୟମରେ ଲୋକଙ୍କୁ ସେମାନଙ୍କର ନ୍ୟାୟିକ ଅଧିକାର ବିଷୟରେ ସଚେତନ କରାଯାଇଥାଏ।

# ଏମିତି ଜଣେ ଯାଦୁଗର...



ସତୁରୀ ଦଶକରେ ଭିକ୍ଟର ଭେନ ନାମକ ଜଣେ ଯାଦୁଗର ବେଶ୍ ଚର୍ଚ୍ଚାରେ ଥିଲେ। ସେ ଚର୍ଚ୍ଚାରେ ରହିବାର କାରଣ ଭିକ୍ଟର ତାଙ୍କ ଯାଦୁଖେଳ ଦେଖିବାକୁ ଥିଏଟର୍‌କୁ ଆସିଥିବା ଦର୍ଶକମାନଙ୍କୁ ଆଖି ଆଗରୁ ହିଁ ଗାଏବ କରିଦେଇଥିଲେ। ସେହି ରହସ୍ୟ ଆଜି ବି ଏକ ପ୍ରହେଳିକା ହୋଇ ରହିଛି। ୧୯୭୫ ମସିହାରେ ଲାସ ଭେଗାସର ଏକ ବଡ଼ ଥିଏଟର୍ ଶୋ'ରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉତ୍ସାହର ସହ ଯାଦୁ ଖେଳ ଦେଖିବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ଯାଦୁଗର ଜଣକ ଲୋକଙ୍କୁ କହିଲେ, 'ଆଖି ବନ୍ଦ କରନ୍ତୁ ଏବଂ ଧୀରେ ଧୀରେ ୧ ରୁ ୧୦ ପର୍ଯ୍ୟନ୍ତ ଗଣନ୍ତୁ। ଯେମିତି ଲୋକମାନେ ୧୦ କହିଲେ, ସାମ୍ନାର ଦୃଶ୍ୟ ଦେଖି ସେଠାକାର କର୍ମଚାରୀଙ୍କ ଛାତି ଥରି ଉଠିଲା। ଥିଏଟରରେ ଚେୟାର୍ ସବୁ ଖାଲି ପଡ଼ିଥିଲା, ଟୋପି ସବୁ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିଲା ଏବଂ ସେଠାରେ ଜଣେ ହେଲେ ବି ମଣିଷ ଉପସ୍ଥିତ ନ ଥିଲେ। ସୁଯୋଗ ଦେଖି ଭିକ୍ଟର ଷ୍ଟେଜରୁ ଚମ୍ପଟ ମାରିଥିଲେ । ପରିସ୍ଥିତିକୁ ଦେଖି ସୁରକ୍ଷାକର୍ମୀମାନେ ତୁରନ୍ତ ଖୋଜାଖୋଜି ଆରମ୍ଭ କଲେ, କିନ୍ତୁ କୌଣସି ସୁରାଗ ମିଳିଲା ନାହିଁ। ଏନେଇ ବିଶେଷଜ୍ଞଙ୍କ କହିବା କଥା, 'ସେହି ସମୟରେ ଯାଦୁଗରମାନେ ଥିଏଟରଗୁଡ଼ିକରେ ଗୁପ୍ତ ରାସ୍ତା ଏବଂ ହାଇ-ଟେକ୍ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଥିଲେ। ମନୋବୈଜ୍ଞାନିକ କୌଶଳ କିମ୍ବା ସାମୂହିକ ସମ୍ମୋହନର ସାହାଯ୍ୟ ନେଇ ହୋଇପାରେ ଥିଏଟରକୁ ଯାଦୁ ଦେଖିବାକୁ ଆସିଥିବା ଲୋକମାନଙ୍କୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିବ, କିନ୍ତୁ ବିନା କୌଣସି ଶବ୍ଦରେ ଏତେ ବଡ଼ ସଂଖ୍ୟକ ଲୋକଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯିବା ଆଜି ବି ଏକ ବଡ଼ ପ୍ରଶ୍ନ ହୋଇ ରହିଛି। ଏହି ଘଟଣା ପରେ ଯେମିତି ଭିକ୍ଟର ଭେନଙ୍କ ନାମ ଇତିହାସର ପୃଷ୍ଠାରେ କେଉଁଠି ହଜିଗଲା ଭଳି ମନେହେଲା। କୁହାଯାଏ କି, ସେ ନିଜେ ମଧ୍ୟ ସେହି ଦିନ ପରଠାରୁ କୌଣସି ବଡ଼ ମଞ୍ଚରେ ନଜର ଆସିନଥିଲେ। ସେ ଛୋଟମୋଟ ଶୋ' କରି ନିଜ ଜୀବନ ଅତିବାହିତ କରୁଥିବା ପରେ ଶୁଣିବାକୁ ମିଳିଥିଲା। ହେଲେ ସେଦିନ କ'ଣ ଘଟିଥିଲା ସେକଥା ଏବେବି ତାହା ରହସ୍ୟ ହୋଇ ରହିଛି।

# 'ତୁମ୍ବାଡ଼-୨'ରେ ଆଲିଆ



ଆଲିଆ ଭଟ୍ଟଙ୍କୁ ବର୍ତ୍ତମାନ ସମୟରେ ବଲିଉଡ୍‌ର ସବୁଠାରୁ ସଫଳ ଅଭିନେତ୍ରୀ କୁହାଯାଉଛି। ଆଲିଆ ଏବେ ତାଙ୍କର ସ୍ପାଏ-ଥ୍ରୀଲର ଫିଲ୍ମ 'ଆଲ୍‌ଫା'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଇତିମଧ୍ୟରେ ସେ ଆଉ ଏକ ଫିଲ୍ମକୁ ନେଇ ମଧ୍ୟ ଏବେ ଚର୍ଚ୍ଚାକୁ ଆସିଛନ୍ତି। ସୋହମ୍ ଶାହା ତାଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ତୁମ୍ବାଡ଼'ର ସିକ୍ୱେଲ 'ତୁମ୍ବାଡ଼ ୨' ଉପରେ ଏବେ କାମ ଆରମ୍ଭ କରି ଦେଇଛନ୍ତି। କିଛି ଦିନ ପୂର୍ବରୁ ଏଥିରେ ନୱାଜୁଦ୍ଦିନ ସିଦ୍ଦିକି କାମ କରୁଥିବା ନେଇ ଖବର ପ୍ରକାଶ ପାଇବା ପରେ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏବେ ଏଥିରେ ଆଲିଆ ମଧ୍ୟ କାମ କରୁଥିବା ନେଇ ନିକଟରେ 'ତୁମ୍ବାଡ଼' ଟିମ୍ ପକ୍ଷରୁ ଘୋଷଣା କରାଯାଇଛି। ଏହା ଉପରେ ଖୋଦ୍ ଆଲିଆ ମଧ୍ୟ ନିଜର ମତ ରଖିଛନ୍ତି। ଆଲିଆ କହିଛନ୍ତି- "ତୁମ୍ବାଡ଼' ଫିଲ୍ମ ଦେଖିବା ଠାରୁ ଏହା ମୋ ମନରେ ଘର କରି ରହିଛି। ବହୁତ କମ୍ ଫିଲ୍ମ ଏମିତି ତିଆରି ହୁଏ, ଯାହା ରିଲିଜ୍ ହେବାର ବର୍ଷ ବର୍ଷ ପରେ ବି ଲୋକଙ୍କ ହୃଦୟ ଓ ମନରେ ସେମିତି ହିଁ ରହିଥାଏ । ଏବେ ଏହି ଦୁନିଆର ଏକ ଅଂଶ ହେବା ମୋ ପାଇଁ ବେଶ୍ ସ୍ୱତନ୍ତ୍ର । ମୁଁ ସୋହମ୍ ଏବଂ ନବାଜୁଦ୍ଦିନ୍‌ଙ୍କ ସହ କାମ କରିବା ପାଇଁ ଉତ୍ସାହିତ ଅଛି। ମୁଁ ଉଭୟଙ୍କର ଜଣେ ବଡ଼ ପ୍ରଶଂସକ । 'ତୁମ୍ବାଡ଼' ଭଳି ରହସ୍ୟମୟ କାହାଣୀରେ କାମ କରିବା ପାଇଁ ମୁଁ ବେଶ୍ ଉତ୍ସାହିତ ଅଛି । ' ସେହିଭଳି ସୋହମ୍ ମଧ୍ୟ ଆଲିଆଙ୍କୁ ନେଇ କହିଛନ୍ତି- 'ଆଲିଆ 'ତୁମ୍ବାଡ଼ ୨' ସହ ଜଡ଼ିତ ହେବା ଆମ ସମସ୍ତଙ୍କ ପାଇଁ ଖୁସିର କଥା। ସେ ଜଣେ ପ୍ରତିଭାଶାଳୀ ଅଭିନେତ୍ରୀ। ଏହି ଫିଲ୍ମରେ ତାଙ୍କୁ ଏକ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିବ। ମୁଁ ତାଙ୍କ ସହ ପ୍ରଥମ ଥର କାମ କରୁଛି।" 'ତୁମ୍ବାଡ଼ ୨' ଚଳିତବର୍ଷ ୩ ଡିସେମ୍ବରରେ ପରଦାକୁ ଆସିବ।

## 'ସକାଳ'ର ସ୍ୱାସ୍ଥ୍ୟ

# ଲେଉଟୁଛି କରୋନା



ଭୂତାଣୁର ଭୟାବହତା କରୋନା ସମୟରେ ଅଧିକ ଦେଖିବାକୁ ମିଳିଥିଲା। କରୋନାର ପ୍ରକୋପ କମିଯାଇଥିଲେ ହେଁ ଏବେ ଆନ୍ଧ୍ରପ୍ରଦେଶରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଦେଖିବାକୁ ମିଳିଛି। କୋଭିଡର ସଂକ୍ରମଣଶୀଳତା ଅଧିକ। ଏବେ ଯେଉଁ ଭାରିଆଣ୍ଟ ଆସିଛି ଏହା ଓମିକ୍ରନ୍‌ର ସବ୍ ଭାରିଆଣ୍ଟ ହୋଇଥାଇପାରେ। ଏହା ଅତି କ୍ଷତିକାରକ ନ ହୋଇଥିଲେ ମଧ୍ୟ ସତର୍କ ରହିବା ଆବଶ୍ୟକ।

କୋଭିଡର ନୂତନ ସଂକ୍ରମଣ ମୁଖ୍ୟତଃ ସ୍ପାଇକ୍ ପ୍ରୋଟିନ ମ୍ୟୁଟେସନ୍ ପାଇଁ ହୋଇଥାଏ। ଯେମିତିକି ସିକାଡ଼ାରେ ୭୦ରୁ ୭୫ଟି ନୂଆ ଜେନେଟିକ୍ ପରିବର୍ତ୍ତନ ରହିଛି। ଏହା ଅନେକଙ୍କୁ ସଂକ୍ରମିତ କରିଥାଏ। ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ଦେଶରେ ମଧ୍ୟ ଏହାର ସଂକ୍ରମଣ ଦେଖାଯାଉଛି। ଭୂତାଣୁ ଶରୀରରେ ପ୍ରବେଶ କରିବାର ୫ରୁ ୭ ଦିନରେ ଲକ୍ଷଣ ଦେଖାଯାଏ। ନିଃଶ୍ୱାସ ନେବାରେ ସମସ୍ୟା, ଜ୍ୱର, ଥକ୍କାପଣ, ଧଇଁସଇଁ ଲାଗିବା, କାଶ, ଗଳା ଦରଜ, ପେଟ କାଟି ପତଳା ଝାଡ଼ା ହେବା ଆଦି ଲକ୍ଷଣ ଦେଖାଯାଏ। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଅନ୍ୟମାନେ ସଂକ୍ରମିତ ହୋଇଥାନ୍ତି। ତେଣୁ ଏସବୁ ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ନେବା ସହ କୋଭିଡ ପରୀକ୍ଷା କରିବା ଆବଶ୍ୟକ। ସାଧାରଣତଃ ବର୍ଷାଋତୁରେ ଆର୍ଦ୍ରତା ବୃଦ୍ଧି ପାଇବା ହେଉ କି ଜଳବାୟୁ ପରିବର୍ତ୍ତନ ସମୟରେ ଏହାର ସଂକ୍ରମଣ ବଢ଼େ। ତେଣୁ ବୟସ୍କ ବ୍ୟକ୍ତି, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି, ଅଣନିୟନ୍ତ୍ରିତ ମଧୁମେହ, ବୃକକ୍ କିମ୍ବା ଯକୃତ ଜନିତ ସମସ୍ୟା, ଶ୍ୱାସରୋଗୀ, ଛୋଟଛୁଆ, ଗର୍ଭବତୀ ମହିଳା ଅଧିକ ସତର୍କ ରହିବା ଆବଶ୍ୟକ। ଏନେଇ ବରିଷ୍ଠ ଭେଷଜ ବିଶେଷଜ୍ଞ, ପ୍ରଫେସର ଡାକ୍ତର ଶ୍ରୀକାନ୍ତ କୁମାର ଧର କୁହନ୍ତି, "ପୂର୍ବରୁ ନିଆଯାଇଥିବା ଟିକାରେ ଥିବା ଆଣ୍ଟିବଡି ଆମକୁ ଗୁରୁତର ହେବାରୁ ବଞ୍ଚାଇପାରେ କିନ୍ତୁ ନୂତନ ଭାରିଆଣ୍ଟରେ ଥିବା ମ୍ୟୁଟେସନ୍ ସଂକ୍ରମିତ କରିପାରିବ। ତେଣୁ ସମ୍ବେଦନଶୀଳ ବ୍ୟକ୍ତିମାନେ ସତର୍କ ରହିବା ଜରୁରି। ଏହା ସହ କୋଭିଡର ନିୟମାବଳୀ ଯେମିତି ପାଳନ କରୁଥିଲେ ଯଥା- ସମ୍ବେଦନଶୀଳ ଗୋଷ୍ଠୀ ମାସ୍କ ପିନ୍ଧିବା, ଭିଡ଼ ସ୍ଥାନକୁ ନଯିବା, ହାତ ଧୋଇବା ଆବଶ୍ୟକ।" କୋଭିଡ ଲକ୍ଷଣ ଦେଖାଗଲେ ନିଜକୁ ସଂଗରୋଧ ରଖିବା ସହ ପରୀକ୍ଷା କରିବେ। ରୋଗପ୍ରତିରୋଧଶକ୍ତି ବୃଦ୍ଧି ପାଇଁ ଭିଟାମିନ୍ ଓ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଗ୍ରହଣ ସହ ବ୍ୟାୟାମ କରିବା ସ୍ୱାସ୍ଥ୍ୟପ୍ରଦ।




# ଜିଙ୍କ୍ ଅଭାବ ହେଲେ ...



ଅସନ୍ତୁଳିତ ଡାଏଟ, ତେଲ ମସଲାଯୁକ୍ତ ଖାଦ୍ୟ ସେବନ ଆଦି ଅନେକ କାରଣରୁ ଶରୀରରେ ଜିଙ୍କ୍‌ର ଅଭାବ ଦେଖାଯାଇଥାଏ। ଜିଙ୍କ୍‌ର ଅଭାବରୁ ଶରୀରରେ ଦେଖାଯାଉଥିବା ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।

ଶରୀରର ଜିଙ୍କ୍‌ର ଅଭାବ ହେଲେ, ବାରମ୍ବାର ସଂକ୍ରମଣ ହେବା, ଥଣ୍ଡା, ଜ୍ୱର, କାଶ ଲାଗି ରହିବା, ଘା' ଶୁଖିବାରେ ବିଳମ୍ବ, କେଶ ଝଡ଼ିବା, ଚର୍ମ ଶୁଷ୍କ, ଓଜନ ହ୍ରାସ, ଚିଡ଼ିଚିଡ଼ାପଣ, ଘ୍ରାଣଶକ୍ତି ଦୁର୍ବଳ, ରାତିରେ କମ୍ ଦେଖାଯିବା, ଦୃଷ୍ଟିଶକ୍ତି ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶକ୍ରମେ ରକ୍ତ ପରୀକ୍ଷାରୁ ଜିଙ୍କ୍ ସ୍ତର ଜଣାପଡ଼େ। ଏଥିପାଇଁ ଡାକ୍ତର ଜିଙ୍କ୍ ସପ୍ଲିମେଣ୍ଟ ଦେଇଥାନ୍ତି। ଏଥିସହିତ ଜୀବନଶୈଳୀରେ ପରିବର୍ତ୍ତନ, ସନ୍ତୁଳିତ ଖାଦ୍ୟ ଗ୍ରହଣ, ନିଶା ସେବନଠାରୁ ଦୂରେଇ ରହିବା, ନିୟମିତ ବ୍ୟାୟାମ, ଦିନକୁ ୭ ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ।

# ବର୍ଷାଦିନେ ପେଟ ସଂକ୍ରମଣ

**ବର୍ଷାଦିନେ ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ଜୀବାଣୁ, ଭୂତାଣୁ ଓ କବକ ସହଜରେ ବୃଦ୍ଧି ପାଆନ୍ତି। ଏହି ଦିନରେ ଟାଇଫଏଡ୍, ଫୁଡ ପଏଜନିଂ, ଝାଡ଼ାବାନ୍ତି ଏବଂ ପେଟ ସଂକ୍ରମଣ ଚିନ୍ତା ବଢ଼ାଏ ।**

ବର୍ଷାଦିନେ ବିଭିନ୍ନ ସ୍ଥାନରେ ମଇଳା ପାଣି ଜମିବା ଯୋଗୁଁ ଜଳ ଦୂଷିତ ହୋଇଥାଏ। ଅପରିଷ୍କାର ସ୍ଥାନରେ ମାଛି ବସି ଉଡ଼ି ଆସି ଖାଦ୍ୟ ପଦାର୍ଥରେ ବସିବା ଏବଂ ସେହି ଖାଦ୍ୟକୁ ଖାଇବା ଦ୍ୱାରା ପେଟରୋଗ, ଝାଡ଼ାବାନ୍ତି, ଜଣ୍ଡିସ୍, ହେପାଟାଇଟିସ୍ ଏ, ହଇଜା, କଲେରା ଆଦି ରୋଗ ହୋଇଥାଏ। ହେପାଟାଇଟିସ୍ ଏ ଯକୃତ ଉପରେ ଅଧିକ ପ୍ରଭାବ ପକାଉଥିବାରୁ ଜଣ୍ଡିସ, ଜ୍ୱର, ବାନ୍ତି ହୁଏ। କଲେରା ଯୋଗୁଁ ଡିହାଇଡ୍ରେସନ୍ ଏବଂ ଝାଡ଼ାବାନ୍ତି ହେବାର ସମ୍ଭାବନା ଥାଏ। ତେଣୁ ପାଣିକୁ ଫୁଟାଇ ଥଣ୍ଡା କରି ପିଇବା, ଖାଇବା ପୂର୍ବରୁ, ଶୌଚାଳୟ ଯିବା ପରେ ଏବଂ ବାହାରୁ ଘରକୁ ଆସିଲେ ହାତକୁ ଭଲଭାବେ ଧୋଇବା ଆବଶ୍ୟକ। ଡାଏଟରେ ଆଣ୍ଟିଅକ୍ସିଡାଣ୍ଟ, ମିନେରାଲ୍ସ, ଭିଟାମିନ୍ ଓ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ସାମିଲ କରିପାରିବେ। ପାଣି ଓ ଖାଦ୍ୟକୁ ଘୋଡ଼ାଇବା ଆବଶ୍ୟକ। ବାସି ଖାଦ୍ୟ, ମାଛି ବସା ଖାଦ୍ୟ, ବାହାରର ଖାଦ୍ୟ ଖାଇବା ଅନୁଚିତ। କ୍ଲୋରିନ୍ ବିଶୋଧିତ ଜଳ ପିଇ ପାରିବେ। ପାଣିକୁ ଶୁଦ୍ଧ କରିବାକୁ ହାଲୋଜିନ୍ ବଟିକା ମିଶାଇ ପାରିବେ। ଏହାସହ ଚତୁଃପାର୍ଶ୍ୱକୁ ସଫା ରଖିବା ସହ ନାଳରେ ଅଳିଆ ଆବର୍ଜନା ପକାଇବା ଉଚିତ ନୁହେଁ ।



## ଘର ବଇଦ

# ଯକ୍ଷ୍ମା ରୋଗର ଉପଚାର

- ଗୋଦନ୍ତୀ ହରିତାଳ ଭସ୍ମ ଦୁଇ ରତି, ପ୍ରବାଳ ଚନ୍ଦ୍ର ପୁଟି ଦୁଇ ରତି, ସିତୋପଳାଦି ଚୂର୍ଣ୍ଣ ଦେଢ଼ ରତି – ଏହି ତିନୋଟି ପଦାର୍ଥ ଏକତ୍ର କରି ଦୁଇ ତୋଳା ମହୁ ସହିତ ଚାଟିକରି ଖାଇବେ। ଏହି ପରି କିଛିଦିନ ଖାଇଲେ ପୁରୁଣା ରାଜଯକ୍ଷ୍ମା ଭଲ ହୁଏ।
- ବଜ୍ରମୂଳି, ଅଶ୍ୱଗନ୍ଧା, ଗମ୍ଭାରୀଫଳ, ଶତାବରୀ, ପୁରୁଣୀ ଏ ସମସ୍ତ ଏକତ୍ର ବା ଏଥି ମଧ୍ୟରୁ ଯେକୌଣସି ଗୋଟିଏ କ୍ଷୀର ସହିତ ଅଭ୍ୟାସ କରି ଖାଇଲେ କ୍ଷତ ଓ କ୍ଷୟ ଶାନ୍ତ ହୁଏ।
- ଅର୍ଜୁନ ଛାଲିର ଚୂର୍ଣ୍ଣକୁ ବାସଙ୍ଗ ପତ୍ର ରସରେ ସାତ ଥର ଭାବନା ଦେଇ ସେହି ଚୂର୍ଣ୍ଣକୁ ଘିଅ, ମହୁ ଓ ମିଶ୍ରି ସହିତ ସେବନ କଲେ, କ୍ଷୟକାଶ ଭଲ ହୁଏ।
- ବେଗୁନିଆ ପତ୍ର, ଗଞ୍ଜାଇ ପତ୍ର, ଅଙ୍କରାନ୍ତି ପତ୍ର, ଡେଙ୍ଗାଭେଜି ପତ୍ର, ଲବେଙ୍ଗୁଡ଼ି ପତ୍ର, ବାସଙ୍ଗ ପତ୍ର, ଅଁଳା, ହରିଡ଼ା, ବାହାଡ଼ା, ଦାସକେରେଣ୍ଡା ପତ୍ର, କଳାଜିରା ପ୍ରତ୍ୟେକରୁ ଏକତୋଳା, ଚିତାପାରୁ ତିନି ତୋଳା, ପିପ୍‌ପଳୀ ପାଞ୍ଚ ତୋଳା, ଗୋଲମରିଚ ତିନି ତୋଳା ଏ ସମସ୍ତ ଚୂର୍ଣ୍ଣ ଦୁଇ ଜଣ ରୋଗୀଙ୍କ ପାଇଁ। ଅତଏବ ଏହି ଚୂର୍ଣ୍ଣର ଅର୍ଦ୍ଧଭାଗକୁ ୧୪ ପାନ କରିବେ। ଦିନକୁ ଦୁଇ ପାନ ହିସାବରେ ସାତ ଦିନ ଖାଇବେ। ପ୍ରତ୍ୟେକ ପାନରେ ଏକତୋଳା ମହୁ ମିଶାଇ ଖାଇଲେ ଯକ୍ଷ୍ମା ରୋଗରୁ ଉପଶମ ମିଳିପାରେ।

- (ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ଶିଶୁମାନଙ୍କ ଅରୁଚି



ଅଧିକାଂଶ ଶିଶୁ ଖାଇବାକୁ ଅମଙ୍ଗ ହେଲେ ପିତାମାତା ଏହାକୁ ଜିଦ୍, ପିଲାଳିଆମି ଭାବି ଅଣଦେଖା କରିଥାନ୍ତି। ହେଲେ ଏହା ଆଭୋଏଡାଣ୍ଟ ରେଷ୍ଟ୍ରିକ୍ଟିଭ୍ ଫୁଡ୍ ଇନ୍‌ଟେକ୍ ଡିଜଅର୍ଡର (ARFID) ହୋଇପାରେ। ଏହା ଖାଦ୍ୟପେୟ ଏବଂ ମାନସିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବିକାର। ଏହି ସ୍ଥିତିରେ ଶିଶୁମାନେ ସ୍ୱତନ୍ତ୍ର ସ୍ୱାଦ, ରଙ୍ଗ, ଗନ୍ଧ ଆଦି କାରଣରୁ କିଛି ଖାଦ୍ୟ ଖାଇବାକୁ ଅରାଜି ହୁଅନ୍ତି। ଶିଶୁଙ୍କ ଖାଦ୍ୟପେୟ ସୀମିତ ହୋଇଯାଉଥିବାରୁ ଶରୀରକୁ ଆବଶ୍ୟକୀୟ ମାତ୍ରାର ପୋଷଣ ମିଳେ ନାହିଁ। ଶିଶୁଙ୍କ ଉଚ୍ଚତା, ଓଜନ, ମାନସିକ ବିକାଶ, ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡ଼ିପାରେ। ଠିକ୍ ସମୟରେ ଏହି ସମସ୍ୟାକୁ ଚିହ୍ନଟ ନ କରାଗଲେ ଶରୀରରେ ଲୌହସାର, ଭିଟାମିନ୍, ପ୍ରୋଟିନ୍ ଏବଂ ପୋଷକତତ୍ତ୍ୱର ଅଭାବ ଦେଖାଦିଏ। ଗମ୍ଭୀର ସ୍ଥିତିରେ ପିଲାଙ୍କୁ ପୋଷଣ ସପ୍ଲିମେଣ୍ଟ କିମ୍ବା ଟ୍ୟୁବ୍ ଫିଡିଂର ଆବଶ୍ୟକ ପଡ଼ିପାରେ। ପୀଡ଼ିତଙ୍କଠାରେ ଉଦ୍‌ବେଗ, କୁ-ପୋଷଣ, ଦୁର୍ବଳ, ଅଟିଜିମ୍ ସ୍ପେକ୍ଟ୍ରମ ଡିଜଅର୍ଡର (ASD) ଏବଂ ଆଟେନ୍‌ସନ୍ ଡେଫିସିଟ୍ ହାଇପରଏକ୍ଟିଭିଟି ଡିଜଅର୍ଡର (ADHD) ପରି ସମସ୍ୟା ହୋଇପାରେ। ଏହି ରୋଗର ଚିକିତ୍ସା ସମ୍ଭବ। ରୋଗ ଚିହ୍ନଟ କରି ଶିଶୁଙ୍କୁ ଫ୍ୟାମିଲି ବେସ୍ଡ ଥେରାପି ଏବଂ ଇଣ୍ଡିଭିଜୁଆଲ ମୋଟିଭେସନାଲ ଥେରାପି ଦିଆଯାଏ। ଫ୍ୟାମିଲି ବେସ୍ଡ ଥେରାପିରେ ପିତାମାତାଙ୍କୁ ଶିଶୁଙ୍କ ଉପରେ ଚାପ ନ ପକାଇ ସେମାନଙ୍କ ଖାଇବା ଅଭ୍ୟାସକୁ ଧୀରେ ଧୀରେ ବଦଳାଇବାକୁ ପ୍ରଶିକ୍ଷଣ ଦିଆଯାଏ। ସେହିପରି ଇଣ୍ଡିଭିଜୁଆଲ ମୋଟିଭେସନାଲ୍ ଥେରାପିରେ ଶିଶୁଙ୍କ ଖେଳ, ଗତିବିଧି ଏବଂ କଳ୍ପନାଶୀଳ ଅଭ୍ୟାସ ଜରିଆରେ ନୂତନ ଖାଦ୍ୟ ପଦାର୍ଥ ପ୍ରତି ରୁଚି ବିକଶିତ କରିବାକୁ ତାଲିମ ଦିଆଯାଏ। ଏହାଦ୍ୱାରା ପିଲାମାନେ ଧୀରେ ଧୀରେ ସବୁଜ ପନିପରିବା ସହିତ ବିଭିନ୍ନ ଫଳ ଖାଇବାକୁ ପସନ୍ଦ କରନ୍ତି। ଯଦି ଦୀର୍ଘ ଦିନ ଧରି ଶିଶୁ ଖାଉନାହାନ୍ତି, ଓଜନ କମିଯାଉଛି କିମ୍ବା ଦୁର୍ବଳ ଲାଗୁଥିଲେ ବିଳମ୍ବ ନ କରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।






### ସେମିରେ ଇଂଲଣ୍ଡକୁ ହରାଇବା ପରେ ଖେଳାଳି ଦେଖାଇଲେ ଫାକ୍‌ଲାଣ୍ଡ ବ୍ୟାନର

# ଦଣ୍ଡିତ ହୋଇପାରେ ବିଜୟୀ ଆର୍ଜେଣ୍ଟିନା

ଆଟଲାଣ୍ଟା,୧୬।୭ (ଏଜେନ୍ସି):

ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା କ୍ରମାଗତ ଦ୍ୱିତୀୟ ତଥା ମୋଟରେ ୭ମଥର ଲାଗି ଫାଇନାଲରେ ପ୍ରବେଶ କରିଛି। ଆନ୍ଥୋନୀ ଗର୍ଡନଙ୍କ ଗୋଲ ବଳରେ ୮୪ତମ ମିନିଟ୍ ଯାଏ ୧-୦ ଗୋଲରେ ପଛୁଆ ଥିବା ଆର୍ଜେଣ୍ଟିନା ଖେଳ ଶେଷ ହେବାକୁ ଥିବା ୭ ମିନିଟ୍‌ରେ ୨ଟି ଗୋଲ ଦେଇ ଏହି ମୁକାବିଲାକୁ ଜିତିନେଇଥିଲା। ବିଜୟୀ ଦଳ ପକ୍ଷରୁ ଷ୍ଟାର ଖେଳାଳି ଲିଓନେଲ ମେସି ୨ଟି ଯାକଗୋଲ ଆସିଷ୍ଟ କରିଥିଲେ। ଫଳରେ ଖେଳର ୮୫ତମ ମିନିଟ୍‌ରେ ଏଞ୍ଜୋ ଫର୍ଣ୍ଣାଣ୍ଡେଜ୍ ଓ ଷ୍ଟପେଜ୍ ଟାଇମର ଦ୍ୱିତୀୟ ବା ୯୨ତମ ମିନିଟ୍‌ରେ ଲୌଟାରୋ ମାର୍ଟିନେଜ୍ ଗୋଲ ସ୍କୋର କରିଥିଲେ। ଖେଳ ଶେଷ ସମୟତକ ଘମାଘୋଟ ଲଢ଼େଇ ହୋଇଥିଲେ ମଧ ଇଂଲଣ୍ଡ ମ୍ୟାଚ୍‌କୁ ଫେରିପାରି ନ ଥିଲା। ଏହି ବିଜୟ ଫଳରେ ଆସନ୍ତା ରବିବାର ମେଟ୍ ଲାଇଫ୍ ଷ୍ଟାଡିୟମ୍‌ରେ ୩ଥରର ଚାମ୍ପିଅନ ଆର୍ଜେଣ୍ଟିନା ଏବଂ ଥରେ ଟାଇଟଲ ଜିତିଥିବା ସ୍ପେନ୍ ମଧ୍ୟରେ ଟାଇଟଲ ମୁକାବିଲା ହେବ। ଏହା ପୂର୍ବରୁ ଶନିବାର ରାତିରେ ମିଆମିରେ ସେମିଫାଇନାଲରେ ହାରିଥିବା ଦୁଇ ଦଳ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ/ଚତୁର୍ଥ ସ୍ଥାନ ଲାଗି ଲଢ଼େଇ ହେବାର କାର୍ଯ୍ୟକ୍ରମ ରହିଛି।




ଆର୍ଜେଟିଂନା ଏହି ମ୍ୟାଚ୍ ଜିତିବା ପରେ ଖେଳାଳିଙ୍କ ମଧ୍ୟରେ ଉତେଜନା ଲାଗିରହିଥିଲା। ଏହି ସମୟରେ ଏକାଧିକ ଖେଳାଳି 'ଫାକ୍‌ଲାଣ୍ଡ ଆର୍ଜେଣ୍ଟିନା'ର ଲେଖାଥିବା ଏକ ବ୍ୟାନର ପ୍ରଦର୍ଶନ କରିଥିଲେ। ଏହି ବ୍ୟାନରକୁ ଗିଓଭାନି ଲୋ ସେଲସୋ, ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ନିକୋଲାସ୍ ଓଟାମେଣ୍ଡି ହାତରେ ଧରି ପ୍ରଦର୍ଶନ କରିଥିଲେ। ଏହି ବ୍ୟାନରଟି ଖେଳାଳିମାନେ ଆଣିଥିଲେ କିମ୍ବା ଷ୍ଟାଡିୟମ୍‌ରେ ଉପସ୍ଥିତି ଦର୍ଶକ ସେମାନଙ୍କୁ ଯୋଗାଇଦେଇଥିଲେ ତାହା ଜଣାପଡ଼ିନାହିଁ। ଏଭଳି ଘଟଣା ଫିଫାର ଖେଳ ଲାଗି ପ୍ରଣୟନ ହୋଇଥିବା ଆଚରଣ ସଂହିତାକୁ ସ୍ପଷ୍ଟ ଭାବେ ଉଲ୍ଲଙ୍ଘନ କରୁଛି। ଏହା ଫଳରେ ଫିଫା ପକ୍ଷରୁ ଆର୍ଜେଣ୍ଟିନା ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଫିଫା ଆଚରଣ ସଂହିତାରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଖେଳ ବେଳେ ଷ୍ଟାଡିୟମ୍‌ରେ କିମ୍ବା ବାହାରେ କୌଣସି ରାଜନୈତିକ ବିବାଦ, ଘଟଣାବଳୀ, ଜାତି, ଧର୍ମ ଓ ବର୍ଣ୍ଣକୁ ବିରୋଧ କରି କିମ୍ବା ଅପମାନଜନକ ବ୍ୟାନର, ପତାକା, ପ୍ଲାକାର୍ଡ ପ୍ରଦର୍ଶନ କରିହେବ ନାହିଁ। ଏଳଭି ଘଟଣାକୁ ଫିଫା ପକ୍ଷରୁ ଦୃଢ଼ ବିରୋଧ କରାଯାଇ ଆସୁଛି। ଆର୍ଜେଣ୍ଟିନାର ଖେଳାଳିମାନେ ଫିଫାର ଆଚରଣ ସଂହିତା ଉଲ୍ଲଙ୍ଘନ କରିଛନ୍ତି। କିନ୍ତୁ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଫିଫା ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

| ବିଶ୍ୱକପ୍-୨୦୨୬ର ଅବଶିଷ୍ଟ ଖେଳସୂଚୀ | | | |
|---|---|---|---|
| ତୃତୀୟ ସ୍ଥାନ ମୁକାବିଲା | | | |
| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
| ଜୁଲାଇ ୧୮ | ଫ୍ରାନ୍ସ- ଇଂଲଣ୍ଡ | ମିଆମି | ଶନିବାର ରାତି ୨ଟା ୩୦ |
| ଗ୍ରାଣ୍ଡ ଫାଇନାଲ | | | |
| ଜୁଲାଇ ୧୯ | ଆର୍ଜେଣ୍ଟିନା-ସ୍ପେନ୍ | ନ୍ୟୁଜର୍ସୀ | ରବିବାର ରାତି ୧୨ଟା ୩୦ |

### ଫାକ୍‌ଲାଣ୍ଡ ବିବାଦର ପୃଷ୍ଠଭୂମି

ଗତକିଛି ବର୍ଷ ଧରି ବ୍ରିଟେନର ଉପନିବେଶବାଦ୍ ଶେଷ ହୋଇଥିଲେ ମଧ ଆର୍ଜେଣ୍ଟିନା ନିକଟରେ ଥିବା ଫାକ୍‌ଲାଣ୍ଡ ଦ୍ୱୀପପୁଞ୍ଜ ୧୮୮୩ରୁ ଇଂଲଣ୍ଡ ଅଧିନରେ ରହିଛି। ଏହାକୁ ବିରୋଧ କରି ୧୯୮୨ରେ ଆର୍ଜେଣ୍ଟିନାର ତତ୍‌କାଳୀନ ସାମରିକ ଶାସକ ଫାକ୍‌ଲାଣ୍ଡ ଦଖଲ ଲାଗି ଉଦ୍ୟମ କରିଥିଲେ। ସେଠାକୁ ସୈନ୍ୟ ପ୍ରେରଣ କରି କବ୍‌ଜା କରିବା ପରେ ଇଂଲଣ୍ଡ ପକ୍ଷରୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ନେଇ ଉଭୟ ଦେଶ ମଧ୍ୟରେ ୭୪ ଦିନ ଯୁଦ୍ଧ ଲାଗିଥିଲା ଓ ଇଂଲଣ୍ଡ ପୁଣିଥରେ ଫାକ୍‌ଲାଣ୍ଡକୁ ନିଜ କବ୍‌ଜାକୁ ନେଇଥିଲା। ଏଥିରେ ଆର୍ଜେଣ୍ଟିନାର ୬୪୯ଜଣ ଓ ଇଂଲଣ୍ଡର ୨୫୫ ଜଣ ସାମରିକ କର୍ମଚାରୀ ଓ ସେଠାରେ ବସବାସ କରୁଥିବା ୩ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ। ଏହା ସତ୍ତ୍ୱେ ଫାକ୍‌ଲାଣ୍ଡକୁ ଆର୍ଜେଣ୍ଟିନା ସର୍ବଦା ନିଜର ବୋଲି ଦାବି କରିଆସୁଛି ଓ ସମ୍ବିଧାନରେ ଏହି ଦ୍ୱୀପପୁଞ୍ଜ ନିଜର ବୋଲି ଉଲ୍ଲେଖ କରିଛି। ଏହି ବିବାଦର ସମାଧାନ ଫାକ୍‌ଲାଣ୍ଡରେ ଦୁଇଥର ଗଣମତ କରାଯାଇଛି। ୧୯୮୬ରେ ୯୬.୪୫ ଶତକଡ଼ା ଓ ୨୦୧୩ରେ ୯୯.୮ ଶତକଡ଼ା ଫାକଲାଣ୍ଡର ବାସିନ୍ଦା ଇଂଲଣ୍ଡ ସହ ରହିବାକୁ ଭୋଟ ଦେଇଥିଲେ। ଆର୍ଜେଣ୍ଟିନା କିନ୍ତୁ ତାହାର ଦାବି ସବୁ ଫୋରମରେ ଦୋହରାଇ ଆସୁଛି। ସେମିଫାଇନାଲ ମ୍ୟାଚ୍ ଶେଷରେ ଏପରି ଏକ ରାଜନୈତିକ ବିବାଦକୁ ବ୍ୟାନର ମାଧ୍ୟମରେ ଖେଳାଳିମାନେ ଉପସ୍ଥାପିତ କରି ବିପଦକୁ ଆମନ୍ତ୍ରଣ କରିଛନ୍ତି।

## ଗୋଲ୍ଡେନ ବୁଟ୍ ରେସ୍‌ରେ ମେସି ନଂ-୧

ଆଟଲାଣ୍ଟା,୧୬।୭ (ଏଜେନ୍ସି): ଆର୍ଜେଣ୍ଟିନାର ସୁପରଷ୍ଟାର ଲିଓନେଲ ମେସି ୨୦୨୬ରେ ଗତ ଦୁଇଟି ଫିଫା ବିଶ୍ୱକପ୍ ନକ୍‌ଆଉଟ ମ୍ୟାଚ୍‌ରେ ଗୋଲ ଦେଇ ପାରି ନ ଥିଲେ ମଧ ଗୋଲ ଦେବାରେ ସହାୟତା କରି ଗୋଲ୍ଡେନ ବୁଟ୍ ରେସ୍‌ରେ ପ୍ରଥମ ସ୍ଥାନରେ ରହିଛନ୍ତି। ଏଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଆର୍ଜେଣ୍ଟିନା ୨-୧ ଗୋଲ୍‌ରେ ଇଂଲଣ୍ଡକୁ ହରାଇଥିଲା। ଏଥିରେ ମେସି ଗୋଟିଏ ହେଲେ ଗୋଲ ଦେଇ ନ ଥିଲେ, କିନ୍ତୁ ୨ଟି ଯାକ ଗୋଲ ଦେବାରେ ଆସିଷ୍ଟ କରିଥିଲେ। ଏହା ଫଳରେ ଚଳିତ ବିଶ୍ୱକପ୍‌ରେ ମେସି ୮ଟି ଗୋଲ ସ୍କୋର କରିବା ଓ ୪ଟି ଗୋଲରେ ଆସିଷ୍ଟ କରିଥିବାରୁ ଗୋଲ୍ଡେନ ବୁଟ୍ ରେସ୍‌ରେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସେହିପରି ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମବାପେ ମେସିଙ୍କ ସହ ସମାନ ୮ଟି ଗୋଲ ସ୍କୋର କରିଥିଲାବେଳେ ୩ଟି ଗୋଲ ଦେବାରେ ଆସିଷ୍ଟ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶନିବାର ରାତିରେ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ସ୍ଥାନ ଲାଗି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ମେସିଙ୍କୁ ଏମବାପେ ଅତିକ୍ରମ କରିଯିବେ ବୋଲି ଆଶା କରାଯାଉଛି। ଏହା ପରେ ଅର୍ଥାତ୍ ରବିବାର ଫାଇନାଲରେ ସ୍ପେନ୍ ସହ ଆର୍ଜେଣ୍ଟିନାର ମୁକାବିଲା ହେବ। ଏହି ମୁକାବିଲାରେ ମେସି ସ୍ପେନ୍‌ର ରକ୍ଷଣଭାଗକୁ ଅତିକ୍ରମ କରି ଗୋଲ ଦେବା କଷ୍ଟକର। ଇଂଲଣ୍ଡର ଦୁଇଜଣ ଖେଳାଳି ଯଥା ଅଧିନାୟକ ହ୍ୟାରୀ କେନ୍ ଓ ଯୁବ ଖେଳାଳି ଜୁଡ୍ ବେଲିଂହାମ୍ ୬ଟି ଲେଖାଏଁ ଗୋଲ ସ୍କୋର ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏମାନେ ମଧ ଚମତ୍କାର ପ୍ରଦର୍ଶନ କରିପାରିଲେ ମେସି ଓ ଏମ୍‌ବାପେଙ୍କୁ ଅତିକ୍ରମ କରିବାର ସମ୍ଭାବନା ରହିଛି।

## ୩ଟି ଫାଇନାଲ ଖେଳିବାରେ ମେସି ହେବେ ଦ୍ୱିତୀୟ ଖେଳାଳି

ଆଟଲାଣ୍ଟା,୧୬।୭ (ଏଜେନ୍ସି): ସ୍ପେନ୍ ବିପକ୍ଷ ୨୦୨୬ ବିଶ୍ୱକପ୍ ଫାଇନାଲରେ ପଦାର୍ପଣ କରିବାର ସୁଯୋଗ ପାଇଲେ ଆର୍ଜେଣ୍ଟିନାର ଅଧିନାୟକ ଲିଓନେଲ ମେସି ବିଶ୍ୱର ମାତ୍ର ଦ୍ୱିତୀୟ ଖେଳାଳିଭାବେ ୩ଟି ଫାଇନାଲ ଖେଳିବାର ରେକର୍ଡ କରିବେ। ମେସି ୨୦୧୪ରେ ଫାଇନାଲ ଖେଳିଥିଲାବେଳେ ଜର୍ମାନୀଠାରୁ ୧-୦ ଗୋଲରେ ହାରିଯାଇଥିଲା। ୨୦୨୨ରେ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ତୃତୀୟ ଟାଇଟଲ ଜିତିଥିଲା। ତାଙ୍କ ପୂର୍ବରୁ ବ୍ରାଜିଲ୍‌ର କାଫୁ ୧୯୯୪, ୧୯୯୮ ଓ ୨୦୦୨ ବିଶ୍ୱକପ୍ ଫାଇନାଲରେ ପଦାର୍ପଣ କରିଥିଲେ।

## ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ୧୩ଟି ମ୍ୟାଚ୍‌ରେ ଅପରାଜେୟ

ଆଟଲାଣ୍ଟା,୧୬।୭ (ଏଜେନ୍ସି): ଇଂଲଣ୍ଡକୁ ୨-୧ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିବା ପରେ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା କ୍ରମାଗତ ୧୩ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। ଏହି ଦେଶ ଯଦି ଆଉ ୩ଟି ମ୍ୟାଚ୍‌ରେ ବିଜୟୀ ହୁଏ, ତେବେ କ୍ରମାଗତ ୧୬ଟି ମ୍ୟାଚ୍ ଜିତିବାରେ ନେଦରଲ୍ୟାଣ୍ଡସର ରେକର୍ଡ ସହ ସମକକ୍ଷ ହେବ। ଆର୍ଜେଣ୍ଟିନା ଯଦି ଏଥର ବିଶ୍ୱକପ୍ ଜିତେ ତେବେ ଇଟାଲୀ ଓ ବ୍ରାଜିଲ ପରେ ବିଶ୍ୱର ତୃତୀୟ ଦେଶ ଭାବେ ଟାଇଟଲ ବଜାୟ ରଖିବାରେ ସମର୍ଥ ହେବ।

## ୨ଥର ବିଶ୍ୱକପ୍ ଫାଇନାଲ ନେବାରେ ସ୍କୋଲାନି ୭ମ ହେଡ୍ କୋଚ୍

ଆଟଲାଣ୍ଟା, ୧୬।୭ (ଏଜେନ୍ସି): ଲିଓନେଲ ସ୍କୋଲାନିଙ୍କ ତତ୍ତ୍ୱାବଧାନରେ ଆର୍ଜେଣ୍ଟିନା କ୍ରମାଗତ ଦ୍ୱିତୀୟଥର (୨୦୨୨ ଓ ୨୦୨୬) ବିଶ୍ୱକପ୍ ଫାଇନାଲରେ ଖେଳିବାକୁ ଯାଉଛି। ଏପରି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ୭ମ ହେଡ୍ କୋଚ୍। ତାଙ୍କ ପୂର୍ବରୁ ୧୯୩୪ ଓ ୧୯୩୮ରେ ଇଟାଲୀର ଭିଟ୍ଟୋରିଓ ପୋଜୋ, ୧୯୬୬ ଓ ୧୯୭୪ରେ ଜର୍ମାନୀର ହେଲମୁଟ ସ୍କନ୍, ୧୯୭୦ ଓ ୧୯୯୮ରେ ବ୍ରାଜିଲର ମାରିଓ ଜଗାଲୋ, ୧୯୮୬ ଓ ୧୯୯୦ରେ ଆର୍ଜେଣ୍ଟିନାର କାର୍ଲୋସ ବିଲାର୍ଡୋ ଓ ଜର୍ମାନୀର ଫ୍ରାଙ୍କ ବେକେନବର, ୨୦୧୮ ଓ ୨୦୨୨ରେ ଫ୍ରାନ୍ସର ଡିଡିଏର ଡେସ୍‌ଚାମ୍ପ୍।

## ଚାପୁଡ଼ା ମାରି ବାସନ୍ଦ ହୋଇପାରନ୍ତି ବେଲିଂହାମ୍

ଆଟଲାଣ୍ଟା,୧୬।୭ (ଏଜେନ୍ସି): ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇବା ପରେ ଆର୍ଜେଣ୍ଟିନା ଖେଳାଳିମାନେ ଆନନ୍ଦରେ ମାତିଥିଲେ। ଇଂଲଣ୍ଡ ଖେଳାଳିମାନେ ମଧ ପାଖରେ ଥିଲେ। ଆର୍ଜେଣ୍ଟିନା ଖେଳାଳିଙ୍କ ବିଜୟୀ ପ୍ରତିକ୍ରିୟା ଇଂଲଣ୍ଡର ୨୩ ବର୍ଷୀୟ ମିଡ୍‌ଫିଲ୍ଡର ଜୁଡ୍ ବେଲିଂହାମ୍‌ଙ୍କ ଦେହରେ ଗଲାନାହିଁ। ଏଥିରେ କ୍ଷୁବ୍ଧ ହୋଇ ବେଲିଂହାମ୍ ତାଙ୍କ ନିକଟରେ ଥିବା ଆର୍ଜେଣ୍ଟିନା ଖେଳାଳି ଭାଲେଣ୍ଟିନ୍ ବାର୍କୋଙ୍କ ମୁଣ୍ଡ ପଛରେ ଚାପୁଡା ମାରିଥିଲେ। ବାର୍କୋ ତାଙ୍କୁ ଉସୁକାଇଥିଲେ କି ନାହିଁ ତାହା ଜଣାପଡ଼ିନାହିଁ। କିନ୍ତୁ ବେଲିଂହାମ୍ ଚାପୁଡ଼ା ମାରିବା ପରେ ଉଭୟ ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେ ଯାହା ହେଉ ବେଲିଂହାମ୍ ଚାପୁଡା ମାରି ଫିଫା ଆଚରଣ ସଂହିତ ଉଲ୍ଲଙ୍ଘନ କରିଥିବାରୁ ବାସନ୍ଦ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।



## ଫିଫାର ଓଡ଼ିଆ ପୋଷ୍ଟ ଜିତିଲା ପ୍ରଶଂସକଙ୍କ ମନ

ଭୁବନେଶ୍ୱର,୧୬।୭ (ସମିସ): ଓଡ଼ିଆ ଭାଷାର ଗୌରବ ବୃଦ୍ଧି କରି ବିଶ୍ୱ ଫୁଟବଲ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା 'ଫିଫା' ନିଜର ଆଧିକାରିକ ସୋସିଆଲ ମିଡିଆ ଆକାଉଣ୍ଟ ଇନଷ୍ଟାଗ୍ରାମ୍‌ରେ ଓଡ଼ିଆ ଭାଷାରେ ଏକ ପୋଷ୍ଟ ଶେୟାର କରିଛି। ଫିଫା ବିଶ୍ୱକପ୍ ୨୦୨୬ରେ ନରୱେ ବିପକ୍ଷ ମ୍ୟାଚ୍‌ରେ ଚମତ୍କାର ହ୍ୟାଟ୍ରିକ ଅର୍ଜନ କରିଥିବା ଫ୍ରାନ୍ସର ଷ୍ଟାର୍ ଖେଳାଳି ଓସମାନ ଡେମ୍ବେଲେଙ୍କ ଫଟୋ ସହ ଓଡ଼ିଆରେ 'ଯାଦୁକର' ଲେଖି ଫିଫା ତାଙ୍କର ପ୍ରଶଂସା କରିଛି। ଏହି ପୋଷ୍ଟ ଓଡ଼ିଆ ଲୋକଙ୍କ ମଧ୍ୟରେ ଅହେତୁକ ଉତ୍ସାହ ସୃଷ୍ଟି କରିଛି। ଏହା ମଧ ରାଜ୍ୟବାସୀଙ୍କ ପାଇଁ ଗର୍ବର ମୁହୂର୍ତ୍ତ ସୃଷ୍ଟି କରିଛି। ବିଶ୍ୱକପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇସାରିଥିବା ବେଳେ ଏହି ପୋଷ୍ଟକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହା ଦେଶରେ ଫୁଟବଲ୍‌ର ସ୍ଥିତିକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ କରିଛି। ଭାରତ ଆଜି ପର୍ଯ୍ୟନ୍ତ କେବେ ବି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିପାରିନାହିଁ। ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସରକାର ଯେଭଳି ଭାରତୀୟ ହକିର ପ୍ରାୟୋଜକ ସାଜି ଦେଶରେ ହକିର କାୟାକଳ୍ପ ବଦଳାଇ ଦେଇଛନ୍ତି, ସେହିଭଳି ଓଡ଼ିଶା ଭାରତୀୟ ଫୁଟବଲ୍‌ର ଉନ୍ନତି ପାଇଁ ମଧ ସହଯୋଗର ହାତ ବଢ଼ାଉ ବୋଲି ପ୍ରଶଂସକମାନେ ଆଶା ପ୍ରକାଶ କରିଛନ୍ତି। ଫୁଟବଲ୍‌ର ତୃଣମୂଳ ସ୍ତରର ବିକାଶ ଓ ଉନ୍ନତ ପ୍ରଶିକ୍ଷଣ ମାଧ୍ୟମରେ ହିଁ ଭାରତୀୟ ଦଳ ବିଶ୍ୱ ମଞ୍ଚରେ ପହଞ୍ଚିପାରିବ ବୋଲି କ୍ରୀଡ଼ାପ୍ରେମୀମାନେ ମତ ଦେଇଛନ୍ତି।




## ୧୦ ବର୍ଷ ପୂର୍ବରୁ ଆର୍ଜଣ୍ଟିନା-ସ୍ପେନ୍ ଫାଇନାଲ୍‌ର ସଙ୍କେତ ଦେଇଥିଲେ ଧୋନି

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ଫିଫା ବିଶ୍ୱକପ୍ ୨୦୨୬ରେ ଆର୍ଜେଣ୍ଟିନା ଓ ସ୍ପେନ ଫାଇନାଲ୍‌କୁ ପହଞ୍ଚିବା ପରେ ମହେନ୍ଦ୍ର ସିଂହ ଧୋନିଙ୍କ ୧୦ ବର୍ଷ ପୁରୁଣା ଏକ ସୋସିଆଲ୍ ମିଡିଆ ପୋଷ୍ଟ ଭାଇରାଲ୍ ହୋଇଛି। ସେହି ପୋଷ୍ଟରେ ଧୋନି ଅକ୍ଷର ପଟେଲ, ଜୟଦେବ ଉନାଦକଟ ଓ କରୁଣ ନାୟରଙ୍କ ସହ 'ଫିଫା' ଭିଡିଓ ଖେଳ ଖେଳୁଥିବାର ଦେଖାଯାଇଥିଲେ ଏବଂ କ୍ୟାପ୍ସନ୍‌ରେ 'ସ୍ପେନ୍ ବନାମ ଆର୍ଜେଣ୍ଟିନା' ଲେଖାଯାଇଥିଲା। ଚେନ୍ନାଇ ସୁପର କିଙ୍ଗ୍ସ ଏହି ପୁରୁଣା ଫଟୋକୁ ପୁଣି ଶେୟାର କରି 'ଏଲିଟ୍ ବଲ୍ ନଲେଜ୍' ବୋଲି ଲେଖିବା ପରେ ଏହା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏହା କେବଳ ଏକ ସଂଯୋଗ ମାତ୍ର ବୋଲି ମନେ କରାଯାଉଛି। ଅନ୍ୟପଟେ, ଫାଇନାଲ୍ ପୂର୍ବରୁ ଲିଓନେଲ୍ ମେସିଙ୍କ ସହ ଶିଶୁ ଲାମିନ୍ ୟାମାଲଙ୍କ ପୁରୁଣା ଫଟୋ ମଧ ପୁଣିଥରେ ଭାଇରାଲ୍ ହୋଇଛି।

**ପୁରୁଣା ପୋଷ୍ଟ ଏବେ ଭାଇରାଲ୍**

## ରାୟଚନ୍ଦନିଙ୍କ ଦ୍ୱିଶତକ

ଗଲ, ୧୬।୭ (ଏଜେନ୍ସି): ଓପନର ଲକ୍ଷ୍ୟ ରାୟଚନ୍ଦନିଙ୍କ ଦ୍ୱିଶତକ, ଓପନର ସାଗର ଭିର୍କଙ୍କ ୧୩୪ ଓ ୱିକେଟ ରକ୍ଷକ ମାନବ କ୍ରିଷ୍ଟାଙ୍କ ୧୦୦ ରନ୍ ସହାୟତାରେ ଏଠାରେ ଶ୍ରୀଲଙ୍କା ସହ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଟେଷ୍ଟ ଡ୍ର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଶ୍ରୀଲଙ୍କା ୯ ୱିକେଟରେ ୪୨୪ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ରାୟଚନ୍ଦନି ୩୨୪ ବଲ୍‌ରୁ ୨୦୭ ରନ କରିବା ପରେ ଭାରତର ପ୍ରଥମ ଇନିଂସ ୫୭୬ ରନ୍‌ରେ ଶେଷ ହୋଇଥିଲା।

## ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ: କ୍ୱାର୍ଟରରେ ସିନ୍ଧୁ

ଟୋକିଓ,୧୬।୭ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ ପଦକ ବିଜୟିନୀ ଭାରତର ପିଭି ସିନ୍ଧୁ ଜାପାନ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ଏକକ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ସେ ବିଶ୍ୱର ୫ ନମ୍ବର ଖେଳାଳି ଚୀନ୍‌ର ହାନ୍ ୟୁଏ'ଙ୍କୁ ମାତ୍ର ୩୫ ମିନିଟ୍‌ରେ ୨୧-୧, ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି। ଶୁକ୍ରବାର ଖେଳାଯିବାକୁ ଥିବା କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ୩୧ ବର୍ଷୀୟା ସିନ୍ଧୁଙ୍କ ମୁକାବିଲା ଜାପାନର ପୂର୍ବତନ ବିଶ୍ୱର ଏକ ନମ୍ବର ଖେଳାଳି ନୋଜୋମି ଓକୁହାରାଙ୍କ ସହ ହେବ। ଚଳିତ ସିଜନ୍‌ରେ ସିନ୍ଧୁଙ୍କର ଏହା ଷଷ୍ଠ କ୍ୱାର୍ଟର ଫାଇନାଲ ପ୍ରବେଶ। ଅନ୍ୟପଟେ, ମିଶ୍ରିତ ଯୁଗଳ ବର୍ଗରେ ଭାରତର ଧ୍ରୁବ କପିଲା ଏବଂ ତନିଶା କ୍ରାଷ୍ଟୋ ଯୋଡ଼ି ଚୀନ୍ ଯୋଡ଼ିଙ୍କଠାରୁ ହାରି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି।



## ବୁଦାପେଷ୍ଟ କୁସ୍ତି ର୍‍ୟାଙ୍କିଙ୍ଗ୍ ସିରିଜ | ଅମନ ସେରାୱତଙ୍କୁ ସ୍ୱର୍ଣ୍ଣ

ବୁଦାପେଷ୍ଟ, ୧୬।୭ (ଏଜେନ୍ସି): ହଙ୍ଗେରୀର ବୁଦାପେଷ୍ଟଠାରେ ଚାଲିଥିବା 'କୁସ୍ତି ର୍‍ୟାଙ୍କିଙ୍ଗ ସିରିଜ୍ ୨୦୨୬'ର ପ୍ରଥମ ଦିନରେ ଭାରତୀୟ ପହିଲବାନ ଅମନ ସେହରାୱତ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସର ଏହି କାଂସ୍ୟ ପଦକ ବିଜେତା, ପୁରୁଷ ୫୭ କିଲୋଗ୍ରାମ ଫ୍ରି-ଷ୍ଟାଇଲ୍ ବର୍ଗର ଫାଇନାଲରେ ଜର୍ଜିଆର ରବର୍ଟ ଡିଙ୍ଗାଶଭିଲିଙ୍କୁ ୧୩-୩ ରେ ପରାସ୍ତ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ଅମନଙ୍କ ବ୍ୟତୀତ ଭାରତର ଦୀପକ (୬୧ କିଲୋଗ୍ରାମ) ଏବଂ ବିଶାଳ କାଲିରମଣା (୬୫ କିଲୋଗ୍ରାମ) ନିଜ ନିଜ ବର୍ଗରେ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ଏଥି ସହ ପ୍ରଥମ ଦିନରେ ଭାରତର ମୋଟ ପଦକ ସଂଖ୍ୟା ୩ରେ ପହଞ୍ଚିଛି।



**ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ**

## କୋହଲି-୬୫, ଆୟର-୬୬, ଭାରତ ୨୩୩

କାର୍ଡିଫ୍,୧୬।୭ (ଏଜେନ୍ସି):

ସିନିଅର ଖେଳାଳି ବିରାଟ କୋହଲି ଓ ଉପଅଧିନାୟକ ଶ୍ରେୟସ ଆୟରଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୪ ଓଭରରେ ୨୩୩ ରନ୍ କରି ଅଲଆଉଟ ହୋଇଯାଇଛି। କୋହଲି ୬୬ ବଲ୍‌ରୁ ୬୫ ଓ ଆୟର ୭୧ ବଲ୍‌ରୁ ୬୬ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦଳ ଦୁଇ ଶହ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶୁବମନ ଗିଲ୍ ୩୧ବଲ୍‌ରେ ୩୦ ଓ ରୋହିତ ଶର୍ମାଙ୍କ ୪୭ ବଲ୍‌ରେ ୨୬ ରନ୍‌କୁ ଛାଡିଦେଲେ ଯଶପ୍ରି ବୁମ୍ରା ୧୩ ବଲ୍‌ରୁ ୨୦ ରନ୍‌ର ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ଦଳରେ ସାମିଲ ହୋଇଥିବା ସମସ୍ତ ବାମହାତୀ ବ୍ୟାଟର ଏହି ମ୍ୟାଚ୍‌ରେ ଫେଲ୍ ମାରିଥିଲେ। ସେମାନଙ୍କ ମଧ୍ୟରୁ ଅସୁସ୍ଥ ଲୋକେଶ ରାହୁଲଙ୍କ ସ୍ଥାନରେ ଖେଳିଥିବା ଇଶାନ କିଶାନ ୧, ୱାଶିଂଟନ ସୁନ୍ଦର ୨, ଅକ୍ଷର ପଟେଲ ୧ ଓ ଶିବମ ଦୁବେ ଖାତା ଖୋଲି ପାରି ନ ଥିଲେ। ଆଉ ଜଣେ ବ୍ୟାଟର ଗୁରନୁର ବ୍ରାର୍ ବାମହାତୀଙ୍କ ମଧ୍ୟରେ ସର୍ବାଧିକ ୭ ରନ୍ କରିଥିଲେ। ଏହାର ଅର୍ଥ ପ୍ରାଧାନ୍ୟ ବିସ୍ତାର କରୁଥିବା ୫ଜଣ





### ଭାରତର ବାମହାତୀ ବ୍ୟାଟର ଫେଲ୍

ବାମହାତୀ ବ୍ୟାଟର ଏହି ମ୍ୟାଚ୍‌ରେ ୧୧ ରନ୍ କରିଥିଲେ। ୧୭୮ ରନ୍‌ରେ କୋହଲିଙ୍କ ଆଉଟ ପରେ ୪୫ ରନ୍‌ରେ ଶେଷ ୬ଟି ୱିକେଟ ହରାଇଥିଲା। ଇଂଲଣ୍ଡ ପକ୍ଷରୁ ଫାଷ୍ଟ ବୋଲର ୯ଟି ଓ ଏକମାତ୍ର ସ୍ପିନର ୱିଲ ଜ୍ୟାକ୍ସ ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କୁ ଆଉଟ କରିଥିଲେ। ଜୋଫ୍ରା ଆର୍ଚର ଓ ଗସ୍ ଆଟକିନସନଙ୍କୁ ୩ଟି ଲେଖାଏଁ, ସାକିବ ମହମ୍ମଦ୍‌ଙ୍କୁ ୨ଟି ଓ ସାମ କରନଙ୍କୁ ଗୋଟିଏ ୱିକେଟ ମିଳିଥିଲା। ପ୍ରଥମ ଦିନିକିଆରେ ଭାରତ ବିଜୟୀ ହୋଇଥିଲାବେଳେ ତୃତୀୟ ତଥା ଶେଷ ଦିନିକିଆ ଲର୍ଡ୍ସରେ ଜୁଲାଇ ୧୯ ତାରିଖ ରବିବାର ଖେଳାଯିବ।

### ରାହୁଲ ଅସୁସ୍ଥ, ଇଶାନଙ୍କୁ ସୁଯୋଗ

ଏହି ମ୍ୟାଚ୍‌ରେ ଭାରତୀୟ ଦଳରେ ଏକ ବଡ଼ ତଥା ଗୋଟିଏ ପରିବର୍ତ୍ତନ ଦେଖିବାକୁ ମିଳିଛି। ୱିକେଟକିପର ବ୍ୟାଟର ଲୋକେଶ ରାହୁଲ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଇଶାନ କିଶନଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ଅଧିନାୟକ ହ୍ୟାରି ବ୍ରୁକ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଅସୁନ୍ତାଙ୍କ ଯୌନ ନିର୍ଯାତନା ଅଭିଯୋଗ

ନୂଆଦିଲ୍ଲୀ,୧୬।୭ (ଏଜେନ୍ସି): ପୂର୍ବତନ ମହିଳା ହକି ଅଧିନାୟିକା ଅସୁନ୍ତା ଲାକ୍ରାଙ୍କ ଦ୍ୱାରା ହୋଇଥିବା ଯୌନ ନିର୍ଯାତନା ଓ ଧମକଚମକ ଅଭିଯୋଗର ତଦନ୍ତ କରି ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନ ବା ଆଇଓଏ। ଏ ସମ୍ପର୍କରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆଇଓଏକୁ ନିର୍ଦ୍ଦେଶ ଦିଆଯାଇଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମଧ ଏକ ନିରପେକ୍ଷ ତଦନ୍ତ କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟକୁ ଚିଠି ଲେଖି ଅନୁରୋଧ କରିଥିଲେ। ଏବେ ଆଇଓଏ ତଦନ୍ତ କମିଟି ଗଠନ କରିବ ଓ ଏହି କମିଟି ତଦନ୍ତ କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ବିବରଣୀରୁ ପ୍ରକାଶ ଯେ ବିହାରର ଜଣେ ହକି କୋଚ୍ ମହିଳା ଖେଳାଳି ଅସୁନ୍ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆଣିବା ପରେ ଏହାର ସଭାପତି ତଥା ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ଓମକ ଚମକ ଦେଇଥିଲେ। ଏ ସମ୍ପର୍କରେ ଅସୁନ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ହକି ଇଣ୍ଡିଆ ତଦନ୍ତ କରିବ ବୋଲି ଦାବି ହୋଇଥିଲା। କିନ୍ତୁ ସଭାପତି ତିର୍କୀଙ୍କ ଅନୁଯାୟୀ ହକି ଇଣ୍ଡିଆର ପଦାଧିକାରୀ ଏହି ମାମଲାରେ ସମ୍ପୃକ୍ତ ଥିବାରୁ ସଂଘର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଦ୍ୱାରା ଯାଞ୍ଚ କରାଗଲେ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିପାରେ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ସଂଘର କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ହିଁ ଏହି ଘଟଣାରେ ଅଭିଯୋଗକାରୀ ଓ ପ୍ରତିପକ୍ଷ ଅଟନ୍ତି। ଏଣୁ ହକି ଇଣ୍ଡିଆର ଆଭ୍ୟନ୍ତରୀଣ କମିଟି ଏହାର ତଦନ୍ତ କରିବାକୁ ଦିଲୀପ ନାପସନ୍ଦ କରିଥିଲେ। ଏବେ କ୍ରୀଡ଼ା ମନ୍ତ୍ରଣାଳୟ ଆଇଓଏକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ପରେ ଏହାକୁ କେହି ଅଙ୍ଗୁଳି ଦେଖାଇ ପାରିବେ ନାହିଁ।

**ତଦନ୍ତ କରିବ ଆଇଓଏ**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS